# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com

RNI NO :ODIODI/2001/04811   Postal Regd No : BN/249/15-17

Vol. 32 | ISSUE 344 | ଭାଗ ୩୨ | ସଂଖ୍ୟା ୩୪୪

Bhubaneswar | Sunday 9 March 2025 | Page 8 Rs. 4.00

● ଭୁବନେଶ୍ୱର ରବିବାର ୯ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଏପ୍ରିଲ୍ ଆରମ୍ଭରେ ଫେରିବେ ବୁମରା ପୃଷ୍ଠା ୬

## ରଥଯାତ୍ରାକୁ ମିଳିବ ୟୁନେସ୍କୋ ମାନ୍ୟତା!

**ପୁରୀ,୮।୩ (ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ପ୍ରକ୍ରିୟା ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏନେଇ ନାମାଙ୍କନପତ୍ର ପ୍ରସ୍ତୁତି ପ୍ରକ୍ରିୟା ଚାଲିଥିବା ବେଳେ ଖୁବଶୀଘ୍ର ଏହା ଦାଖଲ କରାଯିବ। ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏନେଇ ଆଲୋଚନା କରିଥିଲେ। ରଥଯାତ୍ରା ଭଳି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ମହାନତା ଉପଲବ୍ଧି କରି କର୍ତ୍ତୃପକ୍ଷ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶାସନ ଆଶା ରଖିଛି।

# ସରକାରୀ ମଞ୍ଚରେ ଜୟନାରାୟଣଙ୍କ କ୍ଷୋଭ

- ସ୍ୱତନ୍ତ୍ର ଉତ୍କଳ ପାଇଁ ଲଢ଼େଇ ଐତିହାସିକ ଭୁଲ୍
- ବିଖଣ୍ଡିତ ଓଡ଼ିଶା ପାଇଁ ଉଦ୍ଦିଷ୍ଟ: ବିଜେଡି
- କ୍ଷମା ମାଗନ୍ତୁ ସମ୍ବଲପୁର ବିଧାୟକ: ରବି ବେହେରା



**ସମ୍ବଲପୁର,୮।୩(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦ୍ୱିତୀୟ କିସ୍ତି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ଯୋଗ ଦେଇଥିଲେ। ତେବେ ଏହି ବୈଠକରେ ଶ୍ରୀ ମିଶ୍ର ତାଙ୍କ ଭାଷଣରେ ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରୁଥିବା ଓ ଏଠାକାର ଭାଷା ସଂସ୍କୃତିକୁ ଚାପିଦେବା ସକାଶେ ଷଡ଼ଯନ୍ତ୍ର କରୁଥିବା ଭଳି ଗମ୍ଭୀର ଅଭିଯୋଗ କରିଛନ୍ତି। ତାଙ୍କର ଏପରି ବୟାନ୍ ସମସ୍ତଙ୍କୁ ଚକିତ କରିଛି। ବିଶେଷକରି କ୍ଷମତାରେ ଥିବା ବିଜେପିର ଜଣେ ବରିଷ୍ଠ ନେତା ହୋଇଥିବା ବେଳେ ପୃଷ୍ଠା-୬

### ମହିଳା ଦିବସରେ ୧ କୋଟି ହିତାଧିକାରୀଙ୍କୁ ଭେଟି

# ଯୋଜନାରୁ ଜନବିପ୍ଳବ ହୋଇଛି ସୁଭଦ୍ରା

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସରେ ୯ ମାସର ନୂଆ ସରକାର କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସଶକ୍ତ କରିପାରିଛନ୍ତି। ସେମାନଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲିଛି। ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିସାରିଛି। କାରଣ ଏକ ଯୋଜନା ଭାବେ ଆରମ୍ଭ ହୋଇଥିବା 'ସୁଭଦ୍ରା' ଏବେ ବିପ୍ଳବରେ ପରିଣତ ହୋଇଛି। ସେ ଦୃଷ୍ଟିରୁ ଜଣେ ମୁଖ୍ୟମନ୍ତ୍ରୀ ଭାବେ ଆଜିର ଦିନଟି ତାଙ୍କ ପାଇଁ ସବୁଠାରୁ ସନ୍ତୋଷ ଓ ସବୁଠାରୁ ଗୌରବର ଦିନ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆଠାରେ ଦ୍ୱିତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟରେ ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ୬୪ ହଜାରରେ ପହଞ୍ଚିସାରିଛି।

- ୯ ମାସରେ ସଶକ୍ତ ହୋଇଛନ୍ତି କୋଟିଏରୁ ଉର୍ଦ୍ଧ୍ୱ ମହିଳା
- ମହିଳା ହିଂସା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ବିରୋଧୀଙ୍କୁ ଦରକାର ହେଉଛି ହଜମ ଗୋଳି
- ୬୩୮ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରକୁ ସମାଲୋଚନା କରି କହିଛନ୍ତି ଯେ ବିଜେପି ସରକାର ୯ ମାସରେ କ'ଣ କରିଛି ବୋଲି ବିରୋଧୀ ପ୍ରଶ୍ନ କରୁଛନ୍ତି। କିନ୍ତୁ ଗତ ସରକାର ୨୪ ବର୍ଷରେ କେବଳ ମହିଳାଙ୍କ ପାଇଁ ସ୍ଲୋଗାନ ଦେଉଥିଲେ। କିନ୍ତୁ ଆମେ କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନେଲୁ ଏବଂ ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରି ୯ ମାସରେ କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ବି ଦେଇସାରିଛୁ। ତେଣୁ ନିନ୍ଦୁକମାନେ ଭୁଲିଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ ମା' ଗର୍ଭରେ ୯ ମାସ ସମୟ ନେଇଥାଏ। ଆମ ସରକାରକୁ ୯ ମାସ ପୂରଣ ପାଇଁ ଆହୁରି ୪ ଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ରାଜ୍ୟ ଜନସାଧାରଣଙ୍କ ପାଇଁ ଯାହା କରିଛୁ, ତାହାକୁ ବିରୋଧୀ ବିଶ୍ୱାସ ବି କରିପାରୁନାହାନ୍ତି। ସେମାନେ ଚାଷୀଙ୍କୁ ୨୪ ବର୍ଷରେ ଏମ୍ଏସ୍ପିଠାରୁ ଅଧିକ ଟଙ୍କା ଦେଇପାରିଲେ ନାହିଁ। କିନ୍ତୁ ଆମ ସରକାର ୨୪ ମିନିଟରେ କ୍ୱିଣ୍ଟାଲ ପିଛା ୧୦୦ ନୁହେଁ, ବରଂ ୮୦୦ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି। ସେହିପରି ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଓ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ ସୁବିଧା ମଧ ବିଜେପି ସରକାର ଉପଲବ୍ଧ କରିପାରିଛି। ସେହିପରି ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ପୃଷ୍ଠା-୬



# ଭରସା ଦେଲେ ମୋହନ | ନିର୍ଭୟରେ ସ୍ୱପ୍ନ ଦେଖିବେ ଆମ ଝିଅ

- ମହିଳାଙ୍କ ପାଇଁ ସାମୂହିକ ଉଦ୍ୟମ ଜରୁରୀ
- 'ଶକ୍ତି' ଆପ୍ ଓ 'ଓଏସ୍ଏସ୍ଏପି'ର ଶୁଭାରମ୍ଭ



**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଆଜି ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରତ୍ୟେକ ଝିଅଙ୍କୁ ନିର୍ଭୟରେ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଛନ୍ତି। ସମାଜର ସମସ୍ତ ବାଧାବିଘ୍ନକୁ ଭାଙ୍ଗି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ସେମାନଙ୍କୁ ପ୍ରେରଣା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ତୁମର ସମୟ, ତୁମର ମୁହୂର୍ତ୍ତ ଓ ତୁମର ଓଡ଼ିଶା। ଆଜି ଲୋକସେବା ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଆମେ ଓଡ଼ିଶାର ଅଧା ଜନସଂଖ୍ୟା ଅର୍ଥାତ ସମଗ୍ର ମହିଳା ସମାଜକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସ୍ତରରେ ସଶକ୍ତ କରିବୁ, ଯାହାଦ୍ୱାରା ମହିଳାମାନେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ। ଓଡ଼ିଶାରେ ଏବେ ପରିବର୍ତ୍ତନର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ରାଜନୈତିକ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଜେଡିର କଟାକ୍ଷର ଜବାବ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ଦିନକୁ ୨୭ ଟଙ୍କା ଦେଇ ଆମେ ବାହାବା ନେଉଛୁ ବୋଲି ବିରୋଧୀଦଳ ସମାଲୋଚନା କରିଛନ୍ତି। କିନ୍ତୁ ସେମାନେ ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ୨୪ ବର୍ଷରେ ୨୪ ପଇସା ଦେଇଛନ୍ତି କି? ଆମେ ବର୍ଷକୁ ୧୦ ହଜାର କରି ୫ 'ଶକ୍ତି' ଆପ୍ ରୋଲ୍ଆଉଟ୍ କରିଛନ୍ତି। ଏହି ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ମହିଳାଙ୍କ ପାଇଁ ଦେବଦୂତ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ରଣନୀତିକ କାର୍ଯ୍ୟ ଯୋଜନା (ଓଏସ୍ଏସ୍ଏପି)ର ଶୁଭାରମ୍ଭ କରିବା ସହ ଏହା ୨୦୨୪ରୁ ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି କହିବା ସହ ସହ ବାଲ୍ୟବିବାହ ରୋକିବା ପୃଷ୍ଠା-୬

# ଓଡ଼ିଶା ପୁଲିସକୁ ଚ୍ୟାଲେଞ୍ଜ ସାଇବର କ୍ରାଇମ

- ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ସାଇବର ଥାନା
- ଭୁବନେଶ୍ୱରରେ ହେବ ସେଣ୍ଟର ଅଫ ଏକ୍ସିଲେନ୍ସ
- ପ୍ରତିଷ୍ଠା ହେବ ଫରେନ୍ସିକ ସାଇନ୍ସ ବିଶ୍ୱବିଦ୍ୟାଳୟ



**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଇଣ୍ଟରନେଟ ଓ ସୋସିଆଲ ମିଡିଆର ବହୁଳ ବ୍ୟବହାର ସହ ତାଳ ଦେଇ ଅପରାଧୀଙ୍କ ତରିକା ବି ବଦଳିଛି। ଓଡିଶା ପୁଲିସ ପାଇଁ ଏବେ ଚ୍ୟାଲେଞ୍ଜ୍ ହୋଇଛି ସାଇବର ଅପରାଧ। ଇଣ୍ଟରନେଟର ବ୍ୟବହାର ନେଇ କୌଣସି ଭୌଗୋଳିକ ସୀମା ନଥିବାରୁ ଅପରାଧୀମାନେ ସହଜରେ ନିଜ ଲକ୍ଷ୍ୟ ହାସଲ କରିପାରୁଥିବା ବେଳେ ପୁଲିସ ପକ୍ଷରେ ସେମାନଙ୍କୁ ଧରିବା କାଠିକର ପାଠ ହେଉଛି। ଖୋଦ ରାଜ୍ୟ ସରକାର ନୂଆ ଯୁଗରେ ଅପରାଧର ଏହି ନୂଆ ତରିକାକୁ ନେଇ ଚିନ୍ତାରେ। ଯେଉଁଥିପାଇଁ ସବୁ ଜିଲ୍ଲାରେ ସାଇବର କ୍ରାଇମ ପୁଲିସ ଷ୍ଟେସନ ପ୍ରତିଷ୍ଠା କରାଯିବ। ଏଥିସହିତ ସାଇବର ଅପରାଧ ନିୟନ୍ତ୍ରଣ ଓ ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବାକୁ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ସେଣ୍ଟର ଅଫ ଏକ୍ସିଲେନ୍ସ। ଗୃହ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି।

ବର୍ତ୍ତମାନ ସମୟରେ ଯୁବପିଢ଼ି ବିଶେଷ କରି ଯୁବତୀମାନେ ବିଭିନ୍ନ ପ୍ରକାର ପ୍ରଲୋଭନର ଶିକାର ହୋଇ ସାଇବର ଅପରାଧୀଙ୍କ ଜାଲରେ ପଡୁଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ଅଶ୍ଳୀଳ ଭିଡିଓ ଭାଇରାଲ ହେଉଛି। ସେହିପରି ବୟସ୍କ ଲୋକମାନେ ମଧ ଅଜ୍ଞାନତା, ସଚେତନତାର ଅଭାବରୁ ଇଣ୍ଟରନେଟ ଠକେଇରେ ଛନ୍ଦି ହେଉଛନ୍ତି। ୨୦୨୨ରେ ରାଜ୍ୟରେ ମୋଟ ୧୯୮୩ ସାଇବର ଅପରାଧ ସମ୍ପର୍କିତ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୦୨୩ରେ ୨୩୪୮ ଓ ୨୦୨୪ରେ ୨୫୦୧ଟି ମାମଲା ବିଭିନ୍ନ ଥାନା ଓ ଅନଲାଇନରେ ରେକର୍ଡ ହୋଇଛି। ୨୦୨୪ରେ ବିଭିନ୍ନ ପ୍ରକାର ବ୍ୟାଙ୍କ ଠକେଇ ସମ୍ପର୍କିତ ୩୮ ହଜାର ୧୩୫ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ପୃଷ୍ଠା-୬

● ଏସ୍ଆଇଟିର ଦଶମ ବୈଠକ

## ଓଡିଶାରେ ଆଶାଠୁ ଅଧିକ ଦୁର୍ନୀତି

**କଟକ,୮।୩(ସଂଚାର ବ୍ୟୁରୋ):** ରାଜ୍ୟରେ ଆଶା ଠାରୁ ଅଧିକ ଦୁର୍ନୀତି ଓ ବେଆଇନ ଗଞ୍ଜେଇ ଚାଷ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଶନିବାର କଟକରେ ଏସଆଇଟିର ବୈଠକ ସରିବା ପରେ ଏହି ସୂଚନା ଦେଇଛନ୍ତି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। କଳାଧନ ଠାବ କରିବା ଲାଗି ବିଭିନ୍ନ ତଦନ୍ତକାରୀ ସଂସ୍ଥାମାନେ ମିଳିତ ଭାବେ କାମ କରିବାକୁ ଯେଉଁ ନିର୍ଦ୍ଦେଶ ହୋଇଥିଲା ତାହା ଗତ ୬ ମାସ ଭିତରେ ଖୁବ୍ ଫଳପ୍ରଦ ହୋଇଛି। ଯାହାର ପରିଣାମ ସ୍ୱରୂପ ଆଶାଠାରୁ ଅଧିକ ଦୁର୍ନୀତି ସମ୍ପର୍କିତ ମାମଲା ରୁଜୁ ହୋଇପାରିଛି ବୋଲି ସେ କହିଛନ୍ତି। ବୈଠକରେ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଯେଉଁ ରିପୋର୍ଟ ପ୍ରଦାନ କରାଯାଇଛି, ତାକୁ ନେଇ ଜଷ୍ଟିସ ପଶାୟତ ସନ୍ତୋଷ ପ୍ରକାଶ କରିଛନ୍ତି ଉପାଧ୍ୟକ୍ଷ। ତେବେ ସେ ପୃଷ୍ଠା-୬

# ରାଜସ୍ୱ ଓ ଜଙ୍ଗଲ ଜମିରେ ଆଲିଶାନ ଫାର୍ମହାଉସ



**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ରାଜା ଚକ୍ରଙ୍କ ବେଆଇନ ଅର୍ଥ ଉପାର୍ଜନକୁ ନେଇ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଥିବା ବେଳେ ଆଜି ପୁଣି ଥରେ ତାଙ୍କ କେନ୍ଦୁଝର ଘରେ ପହଞ୍ଚି ଛାନଭିନ କରିଛି। ସେପଟେ ରାଜା ଚକ୍ରଙ୍କ ଏହି ଫାର୍ମ ହାଉସରେ ଉଭୟ ରାଜସ୍ୱ ଓ

- ଫସିବେ ରାଜାଙ୍କୁ ସହଯୋଗ କରିଥିବା ଅଫିସର୍
- ଦ୍ୱିତୀୟ ଥର ପାଇଁ ରାଜା ଘରେ ଇଓଡବ୍ଲ୍ୟୁର ଯାଞ୍ଚ
- କ୍ରୀତଦାସ ବଳରେ ବଳୀୟାନ୍ ରାଜା: ମମତା

ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଖୋଦ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି।

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି ଯେ ରାଜା ଚକ୍ର ନିଜେ ଖୋଳିଥିବା ଗାତରେ ନିଜେ ପଡ଼ିବେ। ରାଜା ଚକ୍ରଙ୍କ ଫାର୍ମହାଉସର କିଛି ଅଂଶ ରାଜସ୍ୱ ବିଭାଗ ଓ ଅନ୍ୟ କିଛି ଅଂଶ ବନ ବିଭାଗ ଅଧୀନରେ ରହିଛି। ବେଆଇନ ଭାବେ ରାଜା ଚକ୍ର ସରକାରୀ ଜମିରେ କିଭଳି ଫାର୍ମହାଉସ କରିଛନ୍ତି, ସେନେଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ରାଜା ଚକ୍ରଙ୍କ କେନ୍ଦୁଝର ବାସଭବନରେ ପହଞ୍ଚି ଆଜି ଦ୍ୱିତୀୟ ଥର ଖୋଳତାଡ଼ କରିଛି ଇଓଡବ୍ଲ୍ୟୁ। ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଟଙ୍କା ହେରଫେର୍ ମାମଲାରେ କେନ୍ଦୁଝର ଜଗନ୍ନାଥପୁର ବାସଭବନରେ ଦ୍ୱିତୀୟ ଥର ପାଇଁ ଚଢ଼ାଉ ହୋଇଛି। ଏଥିସହ ଯୋଡ଼ା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନ୍ୟ ଏକ ଟିମ୍ ତଦନ୍ତ କରୁଥିବା ସୂଚନା ମିଳିଛି। ଧୀରେ ଧୀରେ ରାଜା ଚକ୍ର ପୃଷ୍ଠା-୬

# କିଟ୍ କେଳେଙ୍କାରୀ | ସରିଲା ଏନ୍ଏଚ୍ଆର୍ସି ଟିମ୍ ଯାଞ୍ଚ

### ଖୁବ୍ଶୀଘ୍ର ରିପୋର୍ଟ ଦାଖଲ ହେବ

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** କିଟ୍‌ରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିବା ଓ ତଜ୍ଜନିତ ନାନାଦି ଅଘଟଣ ପ୍ରସଙ୍ଗରେ ଗତ ୩ ଦିନ ଧରି ଏଠାରେ ଜାତୀୟ ମାନବାଧିକାର କମିଶନ୍ (ଏନ୍ଏଚ୍ଆର୍ସି) ଟିମ୍ ଖୋଳତାଡ଼ କରୁଥିଲେ। ଏହି ଟିମ୍‌ର ସଦସ୍ୟମାନେ କିଟ୍ କ୍ୟାମ୍ପସ୍‌ରେ ପହଞ୍ଚି ଘଟଣା ସହ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଜେରା କରିବା ସହ ସରଜମିନ୍ ତଦନ୍ତ କରିବା ପରେ ଆଜି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅର୍ଥାତ୍ କିଟ୍ କେଳେଙ୍କାରୀ ନେଇ ଏନ୍ଏଚ୍ଆର୍ସି ଟିମ୍‌ର ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି। କିଟ୍ କେଳେଙ୍କାରୀ ପ୍ରଭାବିତଙ୍କୁ ପଚରାଉଚରା କରିଛନ୍ତି। ଖୁବ ଶୀଘ୍ର ଏନେଇ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ ହେବ ବୋଲି ଟିମ୍‌ର ସଦସ୍ୟମାନେ ସୂଚନା ଦେଇଛନ୍ତି। ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

B.TECH PROGRAMMES IN ELECTRONICS
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ବିଜୁଙ୍କ ମୁଣ୍ଡ କାଟିଛନ୍ତି ନବୀନଙ୍କ ମଦୁଆ ଫ୍ୟାନ୍

**ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ):** ମାହାଙ୍ଗାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ମୁଣ୍ଡକାଟ୍ ଘଟଣାର ସତ ଆଜି ପଦାକୁ ଆସିଛି। ବିଜୁଙ୍କ ମୁଣ୍ଡକାଟ୍ କରିଥିବା ବ୍ୟକ୍ତି ଆଉ କେହି ନୁହଁନ୍ତି, ଖୋଦ୍ ନବୀନଙ୍କ ମଦୁଆ ଫ୍ୟାନ୍ ବୋଲି ସ୍ପଷ୍ଟ ହୋଇଛି। ଏହି ମଦୁଆ ଦୁଇଜଣ ବି ଭିଡିଓ ଜାରି କରି ଏହାକୁ ସ୍ୱୀକାର କରିଛନ୍ତି।



ବିଜୁ ଜୟନ୍ତୀର ପୂର୍ବ ରାତିରେ ମାହାଙ୍ଗାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ମୁଣ୍ଡକୁ କେହି ଦୁର୍ବୃତ୍ତ ଭାଙ୍ଗି ଅଲଗା କରିଦେଇଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ରାଜନୀତି। ବିଜେଡି ଓ ବିଜେପି ମଧ୍ୟରେ ଏହାକୁ ନେଇ କାଦୁଅଫିଙ୍ଗା ଚାଲିବା ସହିତ ବିଧାନସଭା ବି ଏଥିପାଇଁ ଅଚଳ ହୋଇଥିଲା। ଏହି ମଉକାରେ ମାହାଙ୍ଗାର ଦୁଇ ରାଜନେତାଙ୍କ କୁଶପୁତ୍ତଳିକା ମଧ ପରସ୍ପରର ବିରୋଧୀମାନେ ଜାଳିଥିଲେ।

ହେଲେ ବିଜୁଙ୍କ ମୁଣ୍ଡ କାଟ୍ କରିଥିବା ଅସଲ ବ୍ୟକ୍ତି ଆଜି ଭିଡିଓ ଜାରି କରି ସତ ଓଗାଳିଛନ୍ତି। ଏହି ଦୁଇ ଜଣ ହେଲେ ଉମରର ନନ୍ଦ କିଶୋର ମଲିକ ଓ ବିଶ୍ୱଜିତ ମହାପାତ୍ର

- ୬୦୦ ଟଙ୍କାର ମଦରେ ବିଜୁ ଦୁଇ ଗଡ଼
- ନିଶାରେ ମୁଣ୍ଡ କାଟିଥିବା କର୍ମୀ ଭୁଲ ମାଗିଲେ

ଓରଫ ରାଜା। ଏମାନଙ୍କ ଆଉ ଜଣେ ସାଙ୍ଗ ହେଉଛି ବିସ୍ମୟ କୁମାର ମହାପାତ୍ର ଓରଫ୍ ବିଲୁ। ୩ ସାଙ୍ଗ ମିଶି ୬୦୦ ଟଙ୍କାର ମଦ ପିଇବା ପରେ ନିଶାରେ ଚୂର ହୋଇଥିଲେ। ନିଶା ମୁଣ୍ଡକୁ ଚଢ଼ିବା ପରେ ନବୀନଙ୍କ ଏହି ମଦୁଆ ଫ୍ୟାନ୍‌ମାନେ ବିଜୁ ଜୟନ୍ତୀ ପାଇଁ କାହିଁକି ସେମାନଙ୍କୁ ଟଙ୍କା ମିଳିଲା ନାହିଁ, ତାହାକୁ ନେଇ ଯୁକ୍ତିତର୍କ କରିଥିଲେ।





ଏମାନଙ୍କ ମଧ୍ୟରୁ ବିଲୁ ନିଶା ବାଉଳାରେ ଯୋଜନା କରିଥିଲା ଯେ ବିଜୁ ଜୟନ୍ତୀରେ ଯଦି ଆମକୁ ଅଚ୍ୟୁତ ପୁଅ ଗଣିଆ ଟଙ୍କା ଦେଲାନାହିଁ, ତା'ହେଲେ ଆମେ ବିଜୁବାବୁଙ୍କ ମୁଣ୍ଡ କାଟିଦେବା। ଏହି ସମୟରେ ବିଲୁ ନିଶା ବାଉଳାରେ ଅନ୍ଧାରରେ ପଳାଇବା ପରେ ନନ୍ଦକିଶୋର ଓ ବିଶ୍ୱଜିତ୍ ମଦନିଶାରେ ଚୂର୍ ହୋଇ ବିଜୁଙ୍କ ମୂର୍ତ୍ତିରୁ ମୁଣ୍ଡ ଅଲଗା କରିଦେଇଥିଲେ।

ଆଜି ଭିଡିଓ ଜାରି କରି ଦୁଇଜଣଯାକ ମଦ ନିଶାରେ କରିଥିବା କାରନାମାକୁ ଗୋଟି ଗୋଟି କରି ବଖାଣିଛନ୍ତି। ଏଥିସହିତ ସେମାନେ ବିଜେଡି କର୍ମୀ ହୋଇଥିବାରୁ ମଦ ନିଶାରେ କରିଥିବା ଭୁଲ୍ ପାଇଁ ସେମାନଙ୍କ କ୍ଷମା କରିଦେବାକୁ ହାତଯୋଡ଼ି ଅନୁରୋଧ କରିଛନ୍ତି। ବିଜୁବାବୁଙ୍କ ମୁଣ୍ଡ ଲାଗିଥିବା ମୂର୍ତ୍ତି ଆଗରେ ଛିଡ଼ାହୋଇ ସେମାନେ ଏହା କହିଛନ୍ତି।

ଦୁଇ ବିଜେଡି କର୍ମୀ ଏଭଳି ସତ ଓଗାଳିବା ପରେ ଏବେ ବିଜେଡି ଅକଳରେ ପଡ଼ିଯାଇଛି। ବିଶେଷକରି ମାହାଙ୍ଗାରେ ସ୍ୱାଧୀନ ବିଧାୟକ ସାରଦାଙ୍କ ମୁଣ୍ଡରେ ମୁଣ୍ଡକାଟ୍ ଦୋଷ ଲଦୁଥିବା ପ୍ରତାପ ଓ ତାଙ୍କ ଚେଲାଚାମୁଣ୍ଡାମାନେ କ'ଣ କହିବେ, ତାହା ଜାଣିପାରୁନାହାନ୍ତି। ସେହିଭଳି ବିଧାନସଭାକୁ ହୁଲ୍ସ୍ଥୁଲ୍ କରୁଥିବା ବିଜେଡି ନେତାମାନେ ବି ଏଭଳି ଘଟଣାକୁ ନେଇ ଅଡୁଆରେ ପଡିଯାଇଛନ୍ତି। ଏହି ପ୍ରସଙ୍ଗରେ ଏବେ ବିଜେଡି କ'ଣ କହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଯୁବତୀଙ୍କ ଘର ଆଗରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

## ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼, ଉଦ୍ଧାର କଲା ପୁଲିସ



**ରାଜନଗର,୮।୩ (ସଂଚାର ବ୍ୟୁରୋ):** ଏକତରଫା ପ୍ରେମ କରୁଥିବା ଯୁବକଙ୍କ ଉତ୍ପାତ ଯୋଗୁଁ ଯୁବତୀଙ୍କ ପରିବାର ଲୋକେ ଓ ପଡୋଶୀ ଯୁବକଙ୍କୁ ଉତ୍ତମ ମାଧ୍ୟମ ଦେବା ସହ କଂକ୍ରିଟ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲା।

ସୂଚନା ମୁତାବକ ସାତଭାୟା ଥଇଥାନ ସ୍ଥଳୀର କ୍ଷୀରୋଦ ସ୍ୱାଇଁଙ୍କ ପୁଅ ନିହାର ଚଳିତ ମାସ ୫ ତାରିଖ ଦିନ ସନ୍ଧ୍ୟାରେ ସେ ଏକତରଫା ଭଲ ପାଉଥିବା ଯୁବତୀଙ୍କୁ ତାଙ୍କ ଘର ନିକଟରେ ଏକୁଟିଆ ଦେଖି ଜୋର ଜବରଦସ୍ତ ମୋ ସହ ଚାଲ, ମୁଁ ତତେ ଭଲ ପାଉଛି ବାହା ହେବି ବୋଲି କହିଥିଲା। ଯୁବତୀ ଜଣଙ୍କ ରାଜି ନହେବାରୁ ଶୋରଗୋଳ କରିଥିଲା। ଯୁବତୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଦଉଡ଼ି ଆସିବାରୁ ସେମାନଙ୍କୁ ଆକ୍ରମଣ କରିଥିଲା। ଯୁବକଙ୍କ ଗାଡି ଯୁବତୀଙ୍କ ପରିବାର ଲୋକେ ରଖି ଦେଇଥିଲେ। ଏ ସମ୍ପର୍କରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୨ ଘଟିକା ସମୟରେ ନିହାର ଯୁବତୀଙ୍କ ଘର ନିକଟରେ ପହଞ୍ଚି ମୁଁ ଭଲ ପାଉଛି, ବାହା ହେବି ମୋ ସହ ଚାଲ କହି ଗାଳି ଗୁଲଜ କରିଥିଲା। ଯୁବତୀଙ୍କ ପରିବାର ଲୋକେ ବାରଣ କରିବାରୁ ଅତି କଦର୍ଯ୍ୟ ଭାଷାରେ ଯୁବତୀ ଓ ତାଙ୍କ ପରିବାର ଲୋକଙ୍କୁ ଗାଳି ଗୁଲଜ କରିଥିଲା। ମୁ ଯଦି ବାହା ନହେବି ଆଉ କେଉଁଠି ବାହାଘର କରାଇ ଦେବିନି ବୋଲି କହିବା ସହିତ ମାରି ଦେବାକୁ ଧମକ ଦେଇଥିଲା। ଏହା ପରେ ଯୁବତୀଙ୍କ ପରିବାର ଲୋକେ ଓ ପଡୋଶୀ ଯୁବକଙ୍କୁ କାବୁ କରି କଂକ୍ରିଟ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଆଇଆଇସି ନରେଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଶିକ୍ଷକଙ୍କୁ ବିଇଓଙ୍କ ଦୁର୍ବ୍ୟବହାର ଘଟଣା

## ବିଧାୟକଙ୍କ ହସ୍ତକ୍ଷେପ ପରେ ଧାରଣା ସ୍ଥଗିତ ରଖିଲେ ଶିକ୍ଷକ



**ନିଶ୍ଚିନ୍ତକୋଇଲି,୮।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାକାରୀ ସଂଯୁକ୍ତା ମହାପାତ୍ର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଆଇନ ପରାମର୍ଶଦାତା ତଥା ଜନସମ୍ପର୍କ ସଂଯୋଜକ ଶିକ୍ଷକ ସୀତାକାନ୍ତ ସାମଲ ଓ ଶିକ୍ଷକ ସଂଘକୁ ଦୃବ୍ୟବହାର ପ୍ରଦର୍ଶନ କରିଥିବା ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ୧୦ ତାରିଖରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ଘଟଣା ସମ୍ପର୍କରେ ବିଧାୟକଙ୍କ ସମେତ ବିଭିନ୍ନ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଶିକ୍ଷକ ଶ୍ରୀ ସାମଲଙ୍କ ଅଭିଯୋଗ ପାଇବା ପରେ ତାଙ୍କୁ ଶୁକ୍ରବାର ତାଙ୍କ ପୋଡ଼ାମରା ବାସଭବନକୁ ଡ଼ାକି ଧାରଣା ସ୍ଥଗିତ ରଖିବା ପାଇଁ ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସଙ୍ଘ ଓ ଶିକ୍ଷକଙ୍କ ସମ୍ମାନ ଉପରେ ବିଇଓ ଶ୍ରୀମତୀ ମହାପାତ୍ର ଯେଉଁଭଳି ଭାବେ ଦୃବ୍ୟବହାର କରିବା ଫଳରେ ଶିକ୍ଷା ସମାଜ ପ୍ରତି ଆଞ୍ଚ ଆସିଛି। ଯାହାକୁ ହୃଦୟର ସହ ବିଧାୟକ ଉପଲବ୍ଧି କଲାପରେ ସେମାନଙ୍କୁ ନ୍ୟାୟ ତଥା ଉପଯୁକ୍ତ ସମ୍ମାନ ଦେବାକୁ ବିଧାୟକ ନିର୍ଭର ପ୍ରତିଶ୍ରୁତି ଦେଇ ଧାରଣା ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ । ଶିକ୍ଷକ ସୀତାକାନ୍ତ ସାମଲ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କର ଧାରଣା କାର୍ଯ୍ୟକ୍ରମକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ପ୍ରକାଶ କରିଛନ୍ତି। ୭ ଦିନ ମଧ୍ୟରେ ଯଦି ଉକ୍ତ ଘଟଣାର ସମାଧାନ ନହୁଏ ତା ହେଲେ ଶିକ୍ଷକ ଶ୍ରୀ ସାମଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

## ବାଲି ବୋଝେଇ ହାଇୱା ଜବତ କଲା ସ୍ୱତନ୍ତ୍ର ସ୍କ୍ୱାର୍ଡ




**କେନ୍ଦ୍ରାପଡା,୮।୩ (ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ବାଲି ଚୋରା ଚାଲାଣ ହେଉଥିବା ୨ଟି ବୋଝେଇ ହାଇୱା କୁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ଓ କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରି ଜବତ କରିଥିବା ଜଣାପଡିଛି। ଶନିବାର ସକାଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉପ ଜିଲ୍ଲାପାଳ ଶ୍ରୀ ନାୟକ ଓ କେନ୍ଦ୍ରାପଡା ତହସିଲଦାର ଶ୍ରୀ ଦେହୁରି କେନ୍ଦ୍ରାପଡା ତହସିଲ ଅଧିନ ବାରୋ ନିକଟରେ ୨ଟି ହାଇୱା ଓ ଚଉଦକୁଲାଟ ରାସ୍ତାରେ ବାଲି ବୋଝେଇ ଟ୍ରାକ୍ଟର ୨ଟି କୁ ଜବତ କରିଛନ୍ତି । ଏହିଗାଡି ୪ଟିକୁ ନିକିରାଇ ଥାନା ପୋଲିସ ଜିମା ଦିଆଯାଇ ଥିବାବେଳେ ଡ୍ରାଇଭର ୨ଜଣ ଦୌଡି ପଳାଇ ଯାଇଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଗତକାଲି ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀ ରେ ବାଲି ଓ ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ ।

# ଭୂମିହୀନ ଦର୍ଶାଇ ପୁଞ୍ଜିପତି ହାତେଇଛନ୍ତି ସରକାରୀ ଜମି

### ୫ ଏକରରୁ ଅଧିକ ଜମି, ଦୁଇ ମହଲା କୋଠାର ମାଲିକ

### ଆରଡିସିଙ୍କ ତଦନ୍ତ ନିର୍ଦ୍ଦେଶ

**ମହାକାଳପଡ଼ା,୮।୩ (ସଂଚାର ବ୍ୟୁରୋ):** ମହାକାଳପଡ଼ା ରେ ଜମି କେଲେଙ୍କାରୀ ଥମିବାର ନା ନେଉନି। ଥିଲା ବାଲା ଓ ପୁଞ୍ଜିପତି ବ୍ୟକ୍ତି ସରକାରୀ କର୍ମଚାରୀମାନଙ୍କୁ ହାତ କରି ନିଜକୁ ଭୂମିହୀନ ଦର୍ଶାଇ ସରକାରୀ ଜମି ହାତେଇଛନ୍ତି। ଏମିତି ଏକ ଅଭିଯୋଗ ଏବେ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମରୁ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ଘଟଣାର ତଦନ୍ତ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ବିଭାଗୀୟ କମିଶନର ମହାକାଳପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳପୁର ଗ୍ରାମର ସଚ୍ଚିଦାନନ୍ଦ ପରିଡ଼ାଙ୍କ ପୁଅ କ୍ଷୀରୋଦ ରଞ୍ଜନ ପରିଡ଼ା ଜଣେ ପୁଞ୍ଜିପତି ହୋଇଥିଲେ ମଧ୍ୟ ସେ ସରକାରୀ ଜମି ହାତେଇଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସଚ୍ଚିଦାନନ୍ଦ ପରିଡ଼ାଙ୍କ ନାମରେ ବାଲି, ଗୋଡ଼ି, ରଡ଼ ବ୍ୟବସାୟ ଚାଲିଛି। ନିଜର ୫୦୦୦ ସ୍କୋୟାର ଫୁଟ୍ ର ଦୁଇ ମହଲା କୋଠା ରହିଛି, ଟ୍ରାକ୍ଟର ସହିତ ନିଜର ସ୍ଥିତିବାନ ଜମିରେ ମୋବାଇଲ ଟାୱାର ବସିଛି। ୫ ଏକରରୁ ଅଧିକ ଜମି ରହିଛି। ସରକାରଙ୍କୁ କର ଦେଉଥିବା ଏହି ବ୍ୟକ୍ତି ଖାତା ନମ୍ବର ୪୦୮/୨୫୧ ରେ ୦.୦୦୧ ଏକର ସରକାରୀ ଜମି ନିଜ ନାମରେ ହାତେଇଛନ୍ତି ଯାହାର ଅବରୋଧ କେସ୍ ନମ୍ବର ରହିଛି ୧୬୩୪/୧୨-୧୩। ସେହିପରି ବିଚିତ୍ର କୁମାର ପରିଡ଼ାଙ୍କ ପୁଅ ଅଜିତ କୁମାର ପରିଡ଼ା ଖାତା ନମ୍ବର ୪୦୮/୨୫୦ ରେ ୦.୧୦୦ ସରକାରୀ ଜମି ହାତେଇଛନ୍ତି। ଯାହାର ଅବରୋଧ ନମ୍ବର ରହିଛି ୧୬୩୪/୧୨-୧୩। ବିଚିତ୍ର ପରିଡ଼ା, ସଚ୍ଚିଦାନନ୍ଦ ପରିଡ଼ା ,ପିତା- ଶରତ ପରିଡ଼ାଙ୍କ ନାମରେ ମଙ୍ଗଳପୁର ମଉଜାରେ ଖାତା ନମ୍ବର ୩୨୭ ରେ ୦.୨୮୦ ଏକର,୪୦୮/୩୮୬ ରେ ୦.୨୫୦ ଏକର,୪୦୮/୧୭୫ ରେ ୦.୪୯୦ ଏକର,୪୦୮/୮୮ ରେ ୦.୨୫୦ ଏକର ଜମି ରହିଛି। ସେହିପରି ବଉଳପଡା ମଉଜାରେ ଖାତା ନମ୍ବର ୧୦୨ ରେ ୦.୯୫୦ ଏକର,୨୦୫/୩୫ ରେ ୦.୨୦୦ ଏକର,୨୦୫/୧୨୦ ରେ ୦.୨୫୦ ଏକର ଜମି ରହିଛି। ଶରତ ପରିଡ଼ାଙ୍କ ନାମରେ ମଙ୍ଗଳପୁର ମଉଜାରେ ଖାତା ନମ୍ବର ୨୬୭,୨୬୮,୩୧୯,୩୭୨ ଓ ୩୭୫ ରେ ଜମି ରହିଛି।

ଏନେଇ ଗ୍ରାମବାସୀ ମହାକାଳପଡ଼ା ତହସିଲଦାର ଓ ରାଜସ୍ୱ ବିଭାଗୀୟ କମିଶନରଙ୍କୁ ଅଭିଯୋଗ କରିଥିଲେ। ରାଜସ୍ୱ ବିଭାଗୀୟ କମିଶନର ସଙ୍ଗ୍ରାମ ସ୍ୱସ୍ତିକ ସାହୁ ମହାକାଳପଡ଼ା ତହସିଲଦାର ଙ୍କୁ ତଦନ୍ତ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ କେୟାର ବାଙ୍କ ରାଜସ୍ୱ ନିରୀକ୍ଷକଙ୍କୁ ୩ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ମହାକାଳପଡ଼ା ତହସିଲଦାର ସୂଚନା ଦେଇଛନ୍ତି। ଏହା ଉପରେ ତହସିଲ କାର୍ଯ୍ୟାଳୟ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି।

### ଓଳିହା ବାଇପାସ୍ ରୋଡ୍‌କୁ ନେଇ ଆଶଙ୍କାରେ ଲୋକେ

# ଅଧାରୁ କାମ ଛାଡ଼ି ଠିକାଦାର ଛୁ'



**ମହାକାଳପଡ଼ା,୮।୩ (ସଂଚାର ବ୍ୟୁରୋ):** ପୂର୍ତ୍ତବିଭାଗ ତରଫରୁ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମ ଠାରୁ ମେରଦା ଦଣ୍ଡା ପର୍ଯ୍ୟନ୍ତ ୨.୪୫୦ କି.ମି ରାସ୍ତା କାମରେ ଶିଥିଳତା ଦେଖାଦେଇଛି। ଯାହାକୁ ନେଇ ଅଞ୍ଚଳବାସୀ ଆଶଙ୍କା ପ୍ରକଟ କରିଛନ୍ତି। ବାଇପାସ୍ ରୋଡ୍ କରାଯିବା ପାଇଁ ୨୦ ଅଗଷ୍ଟ ୨୦୨୩ ରେ ତତ୍କାଳୀନ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ମାଟି କାମ କରିବା କାର୍ଯ୍ୟ ଆରମ୍ଭ ହୋଇ କଂକ୍ରିଟ କାନ୍ଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେବଳ ଓଳିହା ଦଣ୍ଡା ପର୍ଯ୍ୟନ୍ତ ୧ କିଲୋମିଟର ରାସ୍ତାର ମାଟି କାମ କରି ଠିକାଦାର ଛୁ ମାରିଛି। ଯେଉଁଥିପାଇଁ ଲୋକେ ଏବେ ଆଶଙ୍କାରେ।

ବାଇପାସ୍ ରାସ୍ତାଟିଏ ପାଇଁ ଦୀର୍ଘଦିନର ଦାବି ଥିଲା। ଗାଁ ରାସ୍ତା ଦେଇ ବଡ଼ ବଡ଼ ମାଲବାହୀ ଗାଡ଼ି ଯିବା ଫଳରେ ଅନେକ ସମସ୍ୟା ଦେଖାଦେଉଛି। ବାଇପାସ୍ ରୋଡ୍ ନିର୍ମାଣ ହେଉଥିବାରୁ ଲୋକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ହେଲେ ପ୍ରାୟ ୧ କିଲୋମିଟର ଯାଏଁ ମାଟି କାମ କରି ଠିକାଦାର ଦର୍ଶନ ଦେଉନି। ଧାନ ଅମଳ ପରେ ଯେଉଁ ଜମି ଅଧିଗ୍ରହଣ କାର୍ଯ୍ୟ କରିବାର ଥିଲା ତାହା ମଧ୍ୟ ଶିଥିଳ ପଡିଛି। ନା ପ୍ରଶାସନ, ନା ଠିକାଦାର ଏଥିପାଇଁ ଯେମିତି କାହାରି ପୋଡ଼ାଜଳା ନାହିଁ। ହଠାତ୍ କ'ଣ ପାଇଁ ଠିକାଦାର ରାସ୍ତାକାମ ରୁ କରଛଡା ଦେଲା ତାକୁ ନେଇ ଏବେ ସନ୍ଦେହ ବଢ଼ିଛି। ଏଥିପାଇଁ ଅଞ୍ଚଳବାସୀ ଖୁବ୍ ଶୀଘ୍ର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା କହିଛନ୍ତି।




## ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ

**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** ୫୧ତମ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ଆୟୋଜିତ ଉତ୍ସବରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରିମୋଟ୍ ବଟମ୍ ଚିପି ଡିବିଟି ମାଧ୍ୟମରେ ପ୍ରାୟ ଏକ କୋଟି ହିତାଧିକାରୀଙ୍କୁ ସୁଭଦ୍ରା ଦ୍ୱିତୀୟ କିସ୍ତି ପାଖାପାଖି ୫ହଜାର କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଇଛାପୁରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆଭାଷୀ ମାଧ୍ୟମରେ ଏହାର ସିଧାପ୍ରସାରଣ କରାଯାଇଥିଲା । ସମାଜର ସାମଗ୍ରିକ ବିକାଶ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ମହାନ ଓ ଅନନ୍ୟ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ । ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି ଥିଲା ଯାହା ନାରୀ ସଶକ୍ତିକରଣ ପାଇଁ ପ୍ରେରଣାଦାୟୀ ଥିଲା । ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡିଶା ସାରା ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ୨୦୩୬ ମସିହା ସୁଦ୍ଧା ଓଡିଶାକୁ ବିକଶିତ ରାଜ୍ୟ କରିବା ପାଇଁ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ସଭାରେ ଉପସ୍ଥିତ ଥିବା କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସୁଭଦ୍ରା ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପ୍ରଦାନ ହେବାକୁ ଥିବା ସୁଭଦ୍ରା ଦ୍ୱିତୀୟ କିସ୍ତି ସମ୍ପର୍କରେ ନିଜ ଅଭିଭାଷଣ ରଖିଥିଲେ । ଉକ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଜାନକୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ସୁଭଦ୍ରା ହିତାଧିକାରୀ, ସିଡିପିଓ, ଆଇସିଡିଏସ୍, ସୁପରଭାଇଜର, ବୁଦ୍ଧିଜୀବୀ, ଜନସାଧାରଣ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ ।

## ଦିବ୍ୟାଙ୍ଗ କର୍ମଜୀବୀ ମହିଳାଙ୍କୁ ପୁନର୍ବାସ ପକ୍ଷରୁ ସମ୍ବର୍ଦ୍ଧନା




**କେନ୍ଦ୍ରାପଡା,୮।୩ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ମହିଳା ଦିବସରେ ଦିବ୍ୟାଙ୍ଗ କର୍ମଜୀବୀ ମହିଳାଙ୍କୁ ସମ୍ବର୍ଦ୍ଧନା। ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ "ସଶକ୍ତ ମହିଳା ସଶକ୍ତ ବିଶ୍ୱ" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ତଥା ବରିଷ୍ଠ ବିଚାରପତି ଶ୍ରୀମତୀ ସୁମିତ୍ରା ସାହୁ ଯୋଗ ଦେଇ ଏକ ପୂର୍ଣ୍ଣାଙ୍ଗ ଓ ବିକଶିତ ସମାଜ ନିମନ୍ତେ ଦିବ୍ୟାଙ୍ଗ ମହିଳାମାନଙ୍କ ସଶକ୍ତିକରଣର ଆବଶ୍ୟକତା ଓ ଏଥିପାଇଁ ରହିଥିବା ଆହ୍ୱାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରେରଣାଦାୟୀ କାର୍ଯ୍ୟ ପାଇଁ ପୁନର୍ବାସର ଉଚ୍ଚପ୍ରଶଂସା କରିଥିଲେ।

ଜିଲ୍ଲାର ସମଗ୍ର ଶିକ୍ଷା ଅଧୀନରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ରୂପେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟ କରୁଥିବା ନଅଜଣ ଦିବ୍ୟାଙ୍ଗ ମହିଳା ଶିକ୍ଷା ସ୍ୱେଚ୍ଛାସେବୀ ଯଥା ରଞ୍ଜିତା ସାହୁ, ଅନ୍ନପୂର୍ଣ୍ଣା ସାମଲ, ମଞ୍ଜୁଲତା ସାହୁ, ଜୟନ୍ତୀ ନାୟକ, କିର୍ତ୍ତୀଲତା ଉପାଧ୍ୟାୟ, ଚାମିଲିନ୍ ନାୟକ, ଜୟନ୍ତୀ କୁମାରୀ ଖଟୁଆ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଚନ୍ଦ୍ରମା ରାଉତଙ୍କୁ ପ୍ରଶଂସା ପତ୍ର, ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବରିଷ୍ଠ ଅର୍ଥନୀତି ଅଧ୍ୟାପିକା ଡ. ଦୀପ୍ତି ରାୟ କହିଥିଲେ ଯେ ମହିଳାମାନେ ଆରମ୍ଭରୁ ସଶକ୍ତ, କିନ୍ତୁ ପୁରୁଷପ୍ରଧାନ ସମାଜରେ ସେବା ଦେଇଦେଇ ନିଜ କଥା ଭୁଲିବା ସହ ନିଜର ସ୍ୱର ସାବ୍ୟସ୍ତ କରି ପାରୁ ନାହାଁନ୍ତି, ଏଥିପାଇଁ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରାରମ୍ଭରେ ପୁନର୍ବାସ ସଭ୍ୟ ସ୍ୱପ୍ନାଂଶୁ କୁମାର ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପୁନର୍ବାସ କେନ୍ଦ୍ରରେ ଥେରାପି ନେଉଥିବା ପାଞ୍ଚଜଣ ଭିନ୍ନକ୍ଷମପିଲାଙ୍କ ମାଆମାନଙ୍କୁ ସେମାନଙ୍କ ନିଷ୍ଠା ଓ ସନ୍ତାନ ପ୍ରାଯତ୍ନରେ ଅସୀମ ଧୈର୍ଯ୍ୟ ପାଇଁ ସୁନିତା ଦାସ, ଧରିତ୍ରୀ ନାୟକ, ଜାହାନାର ବେଗମ, ସମିମା ଖାତୁନ, ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ପ୍ରତ୍ୟକ୍ଷ ଭାବେ ଭିନ୍ନକ୍ଷମଙ୍କ ଶିକ୍ଷା ସେବାରେ ନିୟୋଜିତ ଥିବା କେନ୍ଦ୍ରାପଡା ମଣ୍ଡଳ ସମ୍ବଳ ଶିକ୍ଷକ ରାଜଲକ୍ଷ୍ମୀ ରାଉତ ଓ ପୁନର୍ବାସ ଅନୁଷ୍ଠାନ ସହ ସଂପୃକ୍ତ ଥାଇ ସକ୍ରିୟ ସହଯୋଗ ପ୍ରଦାନ କରିଆସୁଥିବା ସ୍ଥାନୀୟ ପୌର ସଭ୍ୟା ରଶ୍ମିତା ସିଂ, ଅନୁଷ୍ଠାନର ସଭ୍ୟା ଆମରିନ୍ ସାହାଦତଙ୍କୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ପୁନର୍ବାସ ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୭୨୬ ମାମଲାର ଫଏସଲା



**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଷ୍ଣୁଦେବ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪୨୨୪ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୭୨୬ ମାମଲା ଫଏସଲା ହୋଇ ମୋଟ୍ ୨ କୋଟି ୭୬ ଲକ୍ଷ୍ୟ ୭୧ ହଜାର ୫୩୯ ଟଙ୍କା ଆଦାୟ ହୋଇଛି । ଏହି ଫଇସଲା ମକଦ୍ଦମା ଗୁଡିକରେ ଫୌଜଦାରୀ ମାମଲା, ଚେକ ବାଉନସ୍, ଟଙ୍କା ପୁନରୁଦ୍ଧାର ମଟର ଦୁର୍ଘଟଣା, ଶ୍ରମ ବିବାଦ, ବିଦ୍ୟୁତ୍ ଜଳ ବିଲ ପୈଠ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଅବସର କାଳୀନ ପ୍ରାପ୍ୟ, ବିଭିନ୍ନ ରାଜସ୍ୱ, ଖାଉଟୀ ବିବାଦ ପ୍ରମୁଖ ମକଦ୍ଦମା ଫଏସଲା ହୋଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ବିଚାରପତି ସହଯୋଗ କରିଥିଲେ । ବିଚାରପତି ବିଷ୍ଣୁଦେବ ଜେନା ମଟର ଯାନ ଦୁର୍ଘଟଣା କ୍ଷତିପୂରଣ ମାମଲାର ବିଚାର କରି ୧୪ ଜଣ କ୍ଷତିଗସ୍ତଙ୍କୁ ୩୬ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ଆଦେଶ ଦେଇଛନ୍ତି । ଏହି ମାମଲା ବିଚାରରେ ପ୍ରମୋଦ କୁମାର ଅଧିକାରୀ, ସେକ ନଇମ୍, ନଳିନୀକାନ୍ତ ମହାନ୍ତି, ଶଶି ଭୂଷଣ ପ୍ରଧାନ, ରାଜିବ ପାତ୍ର ପ୍ରମୁଖ ଆଇନଜୀବି ମାନେ ସହାୟତା କରିଥିଲେ ।

## ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳା ବିଜେଡିର ସମାବେଶ



**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ବିଜୁ ଜନତା ଦଳର ମହିଳାଶାଖା ପକ୍ଷରୁ ଏକ ସମାବେଶ ଓ ଆଲୋଚନା ଚକ୍ର ବ୍ଲକ ସଭାପତି ସୁମିତ୍ରା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁନିସିପାଲିଟି ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ପୂର୍ବତନ ସରପଂଚ ଜିନତ ପ୍ରିୟଦର୍ଶିନୀ, ନଗର ସଭାପତି ସ୍ୱୟଂପ୍ରଭା କର, ନିର୍ମଳା ମହାନ୍ତି, ଗୀତାଞ୍ଜଳୀ ବସ୍ତିଆ, ସୃତିପ୍ରଜ୍ଞା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଏହା ସହ ବିଜୁ ଜନତା ଦଳ ସବୁବେଳେ ମହିଳା ମାନଙ୍କ ବିକାଶ ଓ ଅଗ୍ରଗତି ପାଇଁ ଅତୀତରେ ବହୁ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତାର ସହ ପରିଚାଳନା କରିଥିବା ବେଳେ ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଇ କାର୍ଯ୍ୟ କରି ଆସୁଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ଆଗାମୀ ଦିନରେ ମହିଳା ମାନଙ୍କୁ ଅଧିକ ସକ୍ରୀୟ କରାଇ ୨ଗୁଣ ବିକାଶରେ କାର୍ଯ୍ୟ କରିବ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସର ରେ ଦିଲ୍ଲୀ ଠାରେ ସମ୍ବର୍ଦ୍ଧିତ ହୋଇଥିବା ଭାଗବତପୁର ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।



## ୧୦ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବ କଂଗ୍ରେସ

**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ସ୍ଥିତି ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଦାସଙ୍କ ଆହ୍ୱାନ କ୍ରମେ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ହେବାକୁ ଯାଉଥିବା ବେଳେ କେନ୍ଦ୍ରାପଡ଼ାରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ କେନ୍ଦ୍ରାପଡ଼ା କଜଳା ସ୍ଥିତ ଜିଲ୍ଲା ନେତୃବୃନ୍ଦଙ୍କୁ ନେଇ ଶନିବାର ଦିନ କଂଗ୍ରେସର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ କରି କେନ୍ଦ୍ରାପଡ଼ା ପର୍ଯ୍ୟବେକ୍ଷକ ହୋଇଥିବା ସଂଗ୍ରାମ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ବୈଠକ ଆରମ୍ଭ ହୋଇଥିଲା। କେଉଁଭଳି ଭାବେ ଆସନ୍ତା ୧୦ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ସଫଳ ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ କେନ୍ଦ୍ରାପଡ଼ା ବିଧାୟିକା ପ୍ରାର୍ଥୀ ଡ଼. ସିପ୍ରା ମଲ୍ଲିକ, ଆଳୀ ନିର୍ବାଚନ ମଣ୍ଡଳୀ ର ବିଧାୟିକା ପ୍ରାର୍ଥୀ ଡ. ଦେବସ୍ମିତା ଶର୍ମା,ରାଜନଗର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପ୍ରତିହାରୀ , ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ହଳଧର ସେଠୀ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ବଶିଷ୍ଠ ଆଇନଜିବୀ ବିଧୁ ଭୂଷଣ ମହାପାତ୍ର, ମହାକାଳପଡ଼ା କଂଗ୍ରେସ ନେତା ବସନ୍ତ ସେଠୀ,ସର୍ବେଶ୍ୱର ସେଠୀ, ମଙ୍ଗୁଳି ଚରଣ ବେହେରା, ବନ ମାଳି ସ୍ୱାଇଁ, ଜ୍ୟୋତି ନାରାୟଣ ପରିଡ଼ା, ରବିନାରାୟଣ ବେହୁରା, ନିରଞ୍ଜନ ରାଉତ ଯୋଗଦେଇ କାର୍ଯ୍ୟକ୍ରମ ସଫଳ ଦିଗରେ ବିସ୍ତୃତ ଆଲୋଚନା କରାଯାଇଅଛି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ସାହିତ୍ୟିକା ସ୍ତମ୍ଭକାର ଡ଼ ଇତିରାଣୀ ସାମନ୍ତ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପଥଭ୍ରଷ୍ଟ ସମାଜକୁ ଶୃଙ୍ଖଳିତ କରିବାରେ ନାରୀ ମାନଙ୍କର ବହୁମୂଖୀ ଭୂମିକାକୁ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ଓ ଆଗାମୀ ପିଢି କିପରି ସେମାନଙ୍କର ଭବିଷ୍ୟତ ବଂଶଧରଙ୍କୁ ସୁପରିପାଳନ କରିପାରିବେ ସେ ସମ୍ପର୍କରେ ତୁଳସୀ ପରିବାରର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ପ୍ରଫେସର୍ ସାହୁ ସ୍ୱାଗତ ଭାଷଣ ସହ ଭାରତ ବର୍ଷରେ ବୈଦିକ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ନାରୀ କିପରି ଦକ୍ଷତା ଓ ପାରଦର୍ଶିତା ବଳରେ ସମଗ୍ର ବିଶ୍ୱରେ ପସିଦ୍ଧିଲାଭ କରିପାରୁଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥି ଆଇ.କ୍ୟୁ.ଏ.ସିର ସଂଯୋଜକ ଡ଼ ମଥୁରୀ ଚରଣ ନାୟକ , ପ୍ରଶାସନିକ ଅଧିକାରିଣୀ ପ୍ରଫେସର୍ ଜ୍ୟୋସ୍ନାମୟୀ ପତି, ଅଧ୍ୟାପିକା ଡ଼ ମମତା ସାହୁ, ଡ଼ ସୁଜାତା ମହାନ୍ତି ଏହି ଦିବସ ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ । ମୂଖ୍ୟ ଅତିଥି ଡ଼ ସାମନ୍ତକୁ ଉପଢୌକନ, ପ୍ରତିକୃତି ସହ ସମ୍ବର୍ଦ୍ଧିତ କରାଯାଇଥିଲା । ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ମହିଳା ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ପ୍ରତିକୃତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।




## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ସମାବେଶ

**କେନ୍ଦ୍ରାପଡ଼ା,୮।୩ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମାଧପୁର ସ୍ଥିତ ଏକ ମଣ୍ଡପରେ ଏକ ବିଶାଳ ମହିଳା ସମାବେଶ ଜିଲ୍ଲା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଅର୍ଚ୍ଚନା ନାୟକ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ. ଡ଼ଃ କଳ୍ପନା ମଲିକ, ମନୀଷା ପଣ୍ଡା, ଆଇଟି ସେଲ ର ରାଜଲକ୍ଷ୍ମୀ ଦାସ, ଝିଲ୍ଲୀ ଦାସ, ସସ୍ମିତା ସାହୁ, ବନ୍ଦନାରାଣି ରାଉତରାୟ, ଉଷାରାଣୀ ମିଶ୍ର, ଜିଲ୍ଲା ପ୍ରଭାରୀ ପ୍ରତିମା ନାୟକ ପ୍ରମୁଖ ନାରୀନେତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ମହିଳା ସଶକ୍ତି କରଣ, ସ୍ୱାବଲମ୍ବୀ ମହିଳା ସମାଜ ଗଠନରେ ସୁଭଦ୍ରା ଯୋଜନା ପ୍ରଣୟନ, ଲକ୍ଷପତି ଦିଦି ଆଦି ଯୋଜନା ସଂପର୍କରେ ଆଲୋକପାତ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**କୋଣାର୍କ,୮।୩ (ସଂଚାର ବ୍ୟୁରୋ):** ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ମହିଳା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପ ବିଡ଼ିଓ ଛବିରାଣୀ ସାହୁ, ନିମାପଡ଼ା ବିଡିଓ ଅଭିଜିତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ସାଂସଦଙ୍କ ପ୍ରତିନିଧି ମିନଲତା ମହାନ୍ତି, ସି ଡି ପି ଓ ମିନାକ୍ଷୀ ସାହୁ ଓ ମୁଖ୍ୟବକ୍ତା ଭାବେ ଡି ଏସ ଡବ୍ଲୁ ତନୁପ୍ରଭା ବେଉରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ ସ୍ତରରୁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ମହିଳା ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରୀ ବେଷ୍ଟ ୱାର୍କର ଆୱାର୍ଡ଼ ସମ୍ମାନ ପ୍ରୋମୋଦିନି ମିଶ୍ର, ଶକୁନ୍ତଳା ବାରିକ, ସୂର୍ଯ୍ୟକାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।



## ଜଗା ଦର୍ଶନ ନୋହିଲା, କାର ଧକ୍କାରେ ୨ ଗୁରୁତର



ଖଲ୍ଲିକୋଟ,୮।୩(ସଂଚାର ବ୍ୟୁରୋ): ଜଗା ଦର୍ଶନ ପାଇଁ ବାଇକରେ ପୁରୀ ଯାଉଥିଲେ। ଜାତୀୟ ରାଜପଥରେ ଘଟିଲା ଦୁର୍ଘଟଣା। ୨ ଜଣ ଗୁରୁତର ଭାବେ ଆହତ ହୋଇ ପ୍ରଥମେ ଖଲ୍ଲିକୋଟ ମେଡିକାଲରେ ଚିକିତ୍ସା ହେବା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏଭଳି ଦୁର୍ଘଟଣା ଘଟିଛି ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟୋଲ ପ୍ଲାଜା ପାଖରେ ଥିବା ଗୁରାପଲ୍ଲୀ ଛକରେ। ଗୁରୁତରମାନେ ହେଲେ ସୋରଡ଼ା ଥାନା ଅଧୀନ ବୁଗୁଡ଼ା ଗ୍ରାମର ରବୀନ୍ଦ୍ର ବେହେରା ଓ କୋଦଳା ଥାନା ବିଲିପଡ଼ା ଗ୍ରାମର ରଞ୍ଜିତା ବେହେରା। ରବୀନ୍ଦ୍ର ଓ ରଞ୍ଜିତା କୋଦଳାରୁ ଏକ ବାଇକ ଯୋଗେ ଜଗା ଦର୍ଶନ କରିବାକୁ ପୁରୀ ଯାଉଥିଲେ। ଗୁରାପଲ୍ଲୀ ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରୁ ହେଲମେଟ ଆଣିବା ପାଇଁ ଯିବା ବେଳେ ଏକ କାର ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ଫଳରେ ରବୀନ୍ଦ୍ର ଓ ରଞ୍ଜିତା ତଳେ ପଡି ଗୁରୁତର ଆହତ ହୋଇଥିଲେ । ତୁରନ୍ତ ଦୁହିଁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନଏଚଏଆଇ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଖଲ୍ଲିକୋଟ ମେଡ଼ିକାଲକୁ ପଠାଇଥିଲେ। ଏଠାରେ ଦୁହିଁଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍ ଓ ବାଇକକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

● ମୁଖରୁଚି ମିକ୍ସଚର ଫ୍ୟାକ୍ଟ୍ରିରେ ନିଆଁ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ସହିଦ ନଗରରେ ଥିବା ଏକ ମିକ୍ସଚର ଫ୍ୟାକ୍ଟ୍ରିରେ ଭୟବହ ଅଗ୍ନିକାଣ୍ଡ ଘଟିଛି। ଭୋର ୫ଟା ସମୟରେ ମିକ୍ସଚର ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ମାଲିକଙ୍କୁ ଫୋନ୍ କରିଥିଲେ ଓ ଏଥିସହ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ତିନୋଟି ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି। ନିଆଁକୁ ଆୟତ୍ତ କରିବାକୁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀକୁ ଫେଣର ବ୍ୟବହାର କରିବାକୁ ପଡିଥିଲା। ଦୀର୍ଘ ସମୟ ଧରି ମିକ୍ସଚର ଫ୍ୟାକ୍ଟ୍ରିରେ ନିଆଁ ଯୋଗୁଁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ସହିଦନଗରରେ ଥିବା ମୁଖରୁଚି ନମକିନ ଓ ସୁଇଟ ସପ ଓ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ। ମିକ୍ସର ଛାଣିଲା ବେଳେ ତେଲ କଡେଇରୁ ନିଆଁ ଲାଗି ଜଳିଗଲା ଫ୍ୟାକ୍ଟ୍ରି । ଗୋଦାମ ପଟେ ନିଆଁର ମାତ୍ରା ଅଧିକ ଥିବାରୁ ନିଆଁ ଲିଭାଲାଗି ଫୋମ ମଧ୍ୟ ବ୍ୟବହାର କରିଥିଲା ଫାୟାର ଟିମ। ଫ୍ୟାକ୍ଟ୍ରିରେ ଡିଜେଲ ଚୁଲା ବ୍ୟବହାର ହେଉଥିଲା। କାନ୍ଥ ଗରମ ହେବ ସହ ଛୋଟା ଜାଗା ଥିଲା। ଫାୟାର ପ୍ରକ୍ସିମେଟ ଡ୍ରେସ ପିନ୍ଧି ଅଗ୍ନିକମାନେ ଭିତରକୁ ପଶି ଫେଣ ମାଡ଼ କରିବା ପରେ ପାଣି ମାଡ଼ କରିଥିଲେ। ୫୦ରୁ ଅଧିକ ତେଲ ଡ଼ବା, ଛଣା ତେଲ, ବାଦାମ ଓ ତେଲ ଜାତୀୟ ଦ୍ରବ୍ୟ ଥିବାରୁ ନିଆଁ ବ୍ୟାପିବାରେ ଏହା ବେଶ୍ ସହାୟକ ହୋଇଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। କିନ୍ତୁ ଏହି ଅଗ୍ନିକାଣ୍ଡରେ କୌଣସି ମୃତାହତ ଘଟଣା ସାମ୍ନାକୁ ଆସିନାହିଁ। ଫାୟାର ନିରାପତ୍ତା ନେଇ ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଳତାଡ ହୋଇଛି। ଏହି ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ବିଏମସି ମେୟର ସୁଲୋଚନା ଦାସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

## ଦେଓମାଳୀରେ ତେଲୁଗୁ ଫିଲ୍ମ ଶୁଟିଂ

● ଆସିଛନ୍ତି ମହେଶବାବୁ, ପ୍ରିୟଙ୍କାଙ୍କୁ ଅପେକ୍ଷା

କୋରାପୁଟ,୮।୩(ସଂଚାର ବ୍ୟୁରୋ): କୋରାପୁଟର ଦେଓମାଳୀରେ ସାଉଥ ସୁପରଷ୍ଟାର ମହେଶବାବୁ। ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ୍ୟ ଆସିବେ। କୋରାପୁଟର ଦେଓମାଳୀରେ ତେଲୁଗୁ ଫିଲ୍ମ ଶୁଟିଂ ହେବାକୁ ଯାଉଛି। ବ୍ଲକବଷ୍ଟର ଡାଇରେକ୍ଟର ଏସଏସ ରାଜମୌଳିଙ୍କ ସିନେମାରେ ଅଭିନୟ କରିବା ପାଇଁ ଦେଓମାଳୀରେ ପହଞ୍ଚିସାରିଛନ୍ତି ମହେଶ ବାବୁ। ତାଙ୍କ ସହ



ଅଭିନେତା ପୃଥ୍ୱୀରାଜ ସୁକୁମାରନ ମଧ୍ୟ ପହଞ୍ଚିଛନ୍ତି। ଶୁଟିଂ ପାଇଁ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ମଧ୍ୟ ଦେଓମାଳି ଆସିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଫିଲ୍ମର ଶୁଟିଂ ପାଇଁ ଆଗାମୀ ୨୫ ଦିନ ଦେଓମାଳୀର ଇକୋ ରିଟ୍ରିଟ ବୁକିଂ ସରିଛି। ସିମିଲିଗୁଡ଼ା ବ୍ଲକ ତଳମାଳିରେ ରାଜାମୌଳିଙ୍କ ଟିମ ପହଞ୍ଚି ଶୁଟିଂ ସେଟ ନିର୍ମାଣ ଆରମ୍ଭ କରି ଦେଇଛନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ତାଳାମାଳୀ ଓ ଦେଓମାଳୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୂର୍ବରୁ କୋରାପୁଟରେ ବହୁ ଦକ୍ଷିଣ ଭାରତୀୟ ଫିଲ୍ମର ଶୁଟିଂ କରାଯାଇଛି। ପାଖାପାଖି ହଜାରେ କୋଟି ଟଙ୍କା ବ୍ୟୟରେ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯' ଆରମ୍ଭ ହେବାକୁ ଯାଉଛି। ରାଜମୌଳିଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ମହେଶ ବାବୁ ଏବଂ ପ୍ରିୟଙ୍କା ଅଭିନୟ କରୁଛନ୍ତି।

## ଉଚ୍ଚଶିକ୍ଷା ବିଭାଗର ବିଚିତ୍ର ନୀତି

# ଜଣେ ଅଧ୍ୟକ୍ଷ, ଅନ୍ୟ ଜଣଙ୍କୁ ଆର୍ଥିକ କ୍ଷମତା

ନିଶ୍ଚିନ୍ତକୋଇଲି,୮।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଜଣକୁ ଅଧ୍ୟକ୍ଷ, ଅନ୍ୟ ଜଣକୁ ଆର୍ଥିକ କ୍ଷମତା ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ କଲେଜର ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜୁଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ସର୍ବପରି ପ୍ରାଶାସନର ବିଚିତ୍ର ନୀତି ନିୟମ ଏବେ ପଦାରେ ପଡିଛି। ଗତ ଜାନୁଆରୀ ୩୧ ତାରିଖରେ କଲେଜ୍ ଅଧ୍ୟକ୍ଷ ତଥା ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ସୁଚିତ୍ର କୁମାର ସାହୁଙ୍କ ଅବସର ପରେ ପରିଚାଳନା ସମିତି ସଭାପତି ତଥା କଟକ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜନୀତି ବିଭାଗର ପ୍ରାଧ୍ୟାପକ ନିରଞ୍ଜନ ଶତପଥୀଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସେ ଏକମାସ ଅଧ୍ୟକ୍ଷ ଦାୟିତ୍ୱରେ ରହିବା ପରେ ଗତ ୨୮ ତାରିଖରେ ଅବସର ଗ୍ରହଣ କରିଥିଲେ। ଏହାପରେ ଇତିହାସ ବିଭାଗର




ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡାଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୧୭୫୬, ମାର୍ଚ୍ଚ ୩ ଅନୁଯାୟୀ ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡକ୍ଟର ତରୁଲତା ଦେବୀଙ୍କୁ ତୁରନ୍ତ କଲେଜର ଅର୍ଥ ଉଦ୍ଧାର ଓ ବଣ୍ଟନ ଅଧିକାରୀ (ଡିଡିଓ) ଅତ୍ୟାବଶକତା ପୂରଣ ପାଇଁ କ୍ଷମତା ପ୍ରଦାନ କରିବାକୁ ପରିଚାଳନା ସମିତି ତଥା ସଦର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଦିଆଯାଇଥିଲା।

ସାଧାରଣତଃ କଲେଜ ଅଧ୍ୟକ୍ଷଙ୍କୁ ହିଁ ଆର୍ଥିକ ପରିଚାଳନା ଦାୟିତ୍ୱ ଦିଆଯାଇଥାଏ। କିନ୍ତୁ ପରିଚାଳନା ସମିତି ସଭାପତିଙ୍କ ପତ୍ର ସଂଖ୍ୟା ୩୧୦୧, ମାର୍ଚ୍ଚ ୫ରେ ଭାରପ୍ରାପ୍ତ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ପଣ୍ଡାଙ୍କୁ ଅଧ୍ୟକ୍ଷ ପ୍ରାଧ୍ୟାପକ ଡକ୍ଟର ତରୁଲତା ଦେବୀଙ୍କୁ ଆର୍ଥିକ କ୍ଷମତା ଦେବାକୁ ଉଲ୍ଲେଖ କରିଛନ୍ତି। ଏହା ଫଳରେ ଗୋଟିଏ କଲେଜରେ ଜଣେ ଅଧ୍ୟକ୍ଷ ଅନ୍ୟ ଜଣେ ଆର୍ଥିକ କ୍ଷମତା ପରିଚାଳନା ଭଳି ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନ୍ (ଆରଟିଆଇ) ରେ ମିଳିଥିବା ତଥ୍ୟ ଅନୁଯାୟୀ, ଇତିହାସ ବିଭାଗର ପ୍ରାଧ୍ୟାପକ ଶ୍ରୀ ପଣ୍ଡାଙ୍କୁ କଟକସ୍ଥିତ ଇମର୍ତ୍ତି ଦେବୀ ମହିଳା କଲେଜ୍‌ରୁ ମାଲକାନାଗିରି କଲେଜ୍‌କୁ ବଦଳି କରାଯାଇଥିଲା। ପରେ ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ କଲେଜ୍‌କୁ ଗତ ବର୍ଷ ଫେବ୍ରୁଆରୀରେ ବଦଳି କରାଯାଇଥିଲା। ଅଧ୍ୟକ୍ଷ ଦାୟିତ୍ୱ ଦିଆଯିବା ପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦିଷ୍ଟ ନିୟମ ରହିଛି। କିନ୍ତୁ ପରିଚାଳନା ସମିତି ସଭାପତି ତଥା ଉପଜିଲ୍ଲାପାଳ ପ୍ରାଧ୍ୟାପକ ଶ୍ରୀ ପଣ୍ଡାଙ୍କୁ କିପରି ଅଧ୍ୟକ୍ଷ ଭାବେ ନିଯୁକ୍ତ ଦେଲେ ଓ ଡକ୍ଟର ତରୁଲତା ଦେବୀଙ୍କୁ ଡିଡିଓ କ୍ଷମତା ପ୍ରଦାନ କଲେ, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଫଳରେ କଲେଜର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜୁଥିବା ବେଳେ ପ୍ରଶାସନର ବିଚିତ୍ର ନୀତି ପଦାରେ ପଡିଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବରିଷ୍ଠତା, ସଚ୍ଚୋଟତା ଓ ନିଷ୍କଳଙ୍କତା ଦୃଷ୍ଟିକୋଣରୁ ଉଚିତ ବ୍ୟକ୍ତିବିଶେଷଙ୍କୁ ଉଭୟ କ୍ଷମତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ପୁରାତନ ଛାତ୍ରଛାତ୍ରୀ ଦାବି କରିଛନ୍ତି।

## ହସ୍ତତନ୍ତ ପଦଯାତ୍ରା 'ସମ୍ପୂର୍ଣ୍ଣା'

# ହସ୍ତତନ୍ତ ବିକାଶ ସହ ନାରୀଶକ୍ତି ପ୍ରଗତି ଜଡ଼ିତ: ବାଚସ୍ପତି

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ହସ୍ତତନ୍ତର ବିକାଶ ହେଲେ ନାରୀଶକ୍ତିର ଆର୍ଥିକ ପ୍ରଗତି ଆସିପାରିବ। ଆର୍ଥିକ ସ୍ୱାବଲମ୍ବନ ଆସିଲେ ନାରୀ ସମ୍ପୂର୍ଣ୍ଣା ସାଜିପାରିବ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ସମବାୟ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହସ୍ତତନ୍ତ ପଦଯାତ୍ରା 'ସମ୍ପୂର୍ଣ୍ଣା'ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

'ଅନ୍ତର୍ଜାତୀୟ ମହିଳା ଦିବସ' ଉପଲକ୍ଷେ ଆଜି ସକାଳ ୬ଟାରେ ଏକ ହସ୍ତତନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାକୁ ଶ୍ରୀମତୀ ପାଢ଼ୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ବିଏମସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି 'ହସ୍ତତନ୍ତ ପଦଯାତ୍ରା ସମ୍ପୂର୍ଣ୍ଣା' ଆୟୋଜିତ ହୋଇଥିଲା। ନାରୀଶକ୍ତିର ସାମର୍ଥ୍ୟ, ସୃଜନଶୀଳତା ଓ ଜୟଯାତ୍ରା ସମ୍ପର୍କରେ ଜନସଚେତନତା ପାଇଁ ସମବାୟ ବିଭାଗ ପକ୍ଷରୁ ପ୍ଲାକାର୍ଡ ମାଧ୍ୟମରେ ଅନେକ




ବାର୍ତ୍ତା ଦିଆଯାଇଥିଲା। ଏହି ପଦଯାତ୍ରାରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ଆରସିଏସ ସିଦ୍ଧାର୍ଥ ଦାସ, ଅଲମ୍ପିଆନ ଅନୁରାଧା ବିଶ୍ୱାଳ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ଦାଶ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପଦଯାତ୍ରାରେ ମହିଳା ସମବାୟ ସମିତିର ସଭ୍ୟାମାନେ ମଧ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ ୨୦୨୫ ବର୍ଷକୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ଏହି ହସ୍ତତନ୍ତ ପଦଯାତ୍ରାରେ 'ସମବାୟ ମାଧ୍ୟମରେ ମହିଳା ସଶକ୍ତିକରଣ'ର ଆହ୍ୱାନ ମଧ୍ୟ ଦିଆଯାଇଥିଲା।

## ସାର୍ବଜନୀନ ହେଲା ଅନୁଭବ- ଜାଗୃତି ସମ୍ପର୍କ

# ସାମ୍ନାକୁ ଆସିଲା ନିର୍ବନ୍ଧ ଫଟୋ



ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ଓଲିଉଡ ସୁପରଷ୍ଟାର ଅନୁଭବ ମହାନ୍ତି ଓ ଜାଗୃତି ଶୁକ୍ଲାଙ୍କ ନିର୍ବନ୍ଧ ହୋଇଛି। ବର୍ଷାଙ୍କ ସହ ଛାଡ଼ପତ୍ର ପରେ ଅନୁଭବ ଆଉ କାହାକୁ ବିବାହ କରିବେ କି ନାହିଁ, ସେନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଜି ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଏହି ଦୁଇ ଜଣ ସେମାନଙ୍କ ମଧ୍ୟରେ ହୋଇଥିବା ନିର୍ବନ୍ଧ ଫଟୋକୁ ଆଜି ସୋସିଆଲ୍ ମିଡିଆରେ ସାର୍ବଜନୀନ କରିଛନ୍ତି। ବହୁଦିନ ଧରି ଚର୍ଚ୍ଚା ହେଉଥିଲା ଯେ ଯେ ଅନୁଭବ ଓ ଜାଗୃତିଙ୍କ ଭିତରେ ପ୍ରେମ ସମ୍ପର୍କ ରହିଛି। ଏମିତିକି ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଥିଲା ଯେ ଏଇ ଦୁଇ ଜଣ ଖୁବଶୀଘ୍ର ବିବାହ କରିବେ। ଏବେ ନିର୍ବନ୍ଧର ଫଟୋ ଆସିବା ପରେ ଅନୁଭବ ଜାଗୃତିଙ୍କୁ ବିବାହ କରିବା ନେଇ ସ୍ପଷ୍ଟ ହୋଇଛି। ଉଭୟଙ୍କ ନିର୍ବନ୍ଧ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ଏନେଇ କେବଳ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା। ଏଥିସହ ଆଗାମୀ ୧୧ ତାରିଖରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ମଧ୍ୟ ଆଲୋଚନା ହେଉଥିଲା। ଏବେ ନିର୍ବନ୍ଧ ଖବର ସତ୍ୟ ପ୍ରମାଣିତ ହୋଇଥିବା ବେଳେ ବିବାହ ନେଇ କ'ଣ ଅପଡେଟ୍ ଆସୁଛି, ତା' ଉପରେ ଅନୁଭବଙ୍କ ଫ୍ୟାନ୍‌ଙ୍କ ନଜର ରହିବ।




## ଆକାଶବାଣୀ କଟକରେ ଅନ୍ତର୍ଜାତୀୟ ମହିଳା ଦିବସ

କଟକ,୮।୩(ସଂଚାର ବ୍ୟୁରୋ): ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସଂସ୍ଥାନର ଅଭିଯାନ୍ତ୍ରିକ ନିର୍ଦ୍ଦେଶକ ଭି.ଏମ୍. ରତ୍ନପ୍ରସାଦ କହିଛନ୍ତି ଯେ ମହିଳାମାନେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ଓ ସମୃଦ୍ଧ ହେଉଛନ୍ତି। ନାରୀ ସଶକ୍ତୀକରଣ ଅପେକ୍ଷା ଆତ୍ମ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି। ଏଥିପାଇଁ ନାରୀମାନେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ ବୋଲି ଶ୍ରୀ ରତ୍ନପ୍ରସାଦ କହିଛନ୍ତି। କାର୍ଯ୍ୟକ୍ରମ ପ୍ରମୁଖ ମାନସ ରଞ୍ଜନ ନାୟକ ମଧ୍ୟ ସଶକ୍ତ ସମାଜ ଗଠନରେ ନାରୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଚଳିତ ବର୍ଷର ଶୀର୍ଷକ 'ମହିଳା ଓ ବାଳିକାମାନଙ୍କ ପାଇଁ ଅଧିକାର ସମାନତା ଓ ସଶକ୍ତିକରଣ' ସମ୍ପର୍କରେ ଉଦ୍‌ଘୋଷିକା ସଦ୍ୟସ୍ମିତା ବେହେରା ଆଲୋକପାତ କରିଥିଲେ। ଉଦ୍‌ଘୋଷିକା କର୍ପୂରୀ ମୁର୍ମୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସମ୍ବାଦ ବିଭାଗର ସମାଚାର ସମ୍ପାଦିକା ଇତିଶ୍ରୀ ସିଂହ ରାଠୋର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସରେ କଂଗ୍ରେସର କଳାପଟି ଆନ୍ଦୋଳନ

# ମହିଳାଙ୍କୁ ନ୍ୟାୟ ପାଇଁ ଦୁର୍ବାର ଆନ୍ଦୋଳନ କରିବୁ: ଭକ୍ତ

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଆଜି ପ୍ରଦେଶ କଂଗ୍ରେସ ଓ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ମିଳିତ ଭାବେ ମାଷ୍ଟର କ୍ୟାଣ୍ଟିନ ଛକରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି ଅଧ୍ୟକ୍ଷତା କରିଥିବା ବେଳେ ସମସ୍ତ ନେତୃବୃନ୍ଦ ଓ କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଅଭିନବ ଉପାୟରେ ରାଜ୍ୟରେ ଘଟିଚାଲିଥିବା ମହିଳା ନିର୍ଯାତନାର ପ୍ରତିବାଦ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସିର ନବନିଯୁକ୍ତ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ମହିଳାମାନେ ଉପେକ୍ଷିତ, ନିର୍ଯାତିତ ଓ ଭୂଲୁଣ୍ଠିତ। ମହିଳାଙ୍କୁ ସୁରକ୍ଷା ଓ ସ୍ୱାବଲମ୍ବୀ କରିବାର ପ୍ରତିଶ୍ରୁତିରେ ବିଜେପି କ୍ଷମତାସୀନ ହୋଇଛି। କିନ୍ତୁ କ୍ଷମତାକୁ ଆସିବା ପରେ ଦଳ ମହିଳାଙ୍କୁ ପ୍ରତାରିତ କରୁଛି। ରାଜ୍ୟରେ ମହିଳା ଅତ୍ୟାଚାର ସୀମା ଲଙ୍ଘିଛି। କିନ୍ତୁ ସରକାର




ନିଦାବିଷ୍ଟ ହୋଇ ବସିଛନ୍ତି। କିନ୍ତୁ ମହିଳାମାନଙ୍କୁ ନ୍ୟାୟ ଦେବା ସକାଶେ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଆନ୍ଦୋଳନରେ ଓଡ଼ିଶାର ପୁରପଲ୍ଲୀରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରରୁ ମହିଳା ଅଂଶଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଶ୍ରୀମତୀ ବାହିନୀପତି ଓଡ଼ିଶାର ପ୍ରତିଟି ଅତ୍ୟାଚାରିତ ମହିଳାଙ୍କ ପଛରେ କଂଗ୍ରେସ ଦୃଢ଼ ଭାବେ ଠିଆ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରାପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ, ୟାସିର ନୱାଜ, ରଣଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାହାନ୍ତି ଶିକ୍ଷକ, କେମିତି ଆଗକୁ ଯିବ ଓୟୁଏଟି ?

ଭୁବନେଶ୍ୱର,୮।୩: କୃଷି ଓ ପଶୁପାଳନ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବାବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ ଏହାର ଅନୁବନ୍ଧିତ ୧୦ଟି ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ମରୁଡ଼ି ଯୋଗୁଁ ଗବେଷଣା ଓ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହେଉଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ କେତେବେଳେ ଯେ କେନ୍ଦ୍ରୀୟ କର୍ତ୍ତୃପକ୍ଷ ଏଠାରେ ନାମାଙ୍କନ ଉପରେ କଟକଣା ଜାରି ନକରିବେ ସେ ଗ୍ୟାରେଣ୍ଟି କେହି ଦେଇପାରୁନାହାନ୍ତି।

ଓୟୁଏଟିକୁ ବିଶ୍ୱସ୍ତରୀୟ କରିବାପାଇଁ ବାରମ୍ବାର ସଭା ସମିତିରେ କୁହାଯାଉଛି। ପୂର୍ବରୁ ଉତ୍ତମ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟର ମଧ୍ୟ ଭଲ ରେକର୍ଡ ରହିଛି। ତେବେ କିଛିବର୍ଷ ଧରି ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ଆଦି ପଦବୀ ସହିତ ଅନ୍ୟ ଅଣଶିକ୍ଷକ ପଦବୀଗୁଡ଼ିକ ପୂରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉନଥିବାରୁ ଏଠାରେ ସମସ୍ୟା ଦିନକୁ ଦିନ ଉତ୍କଟତର ହେଉଥିବା ଛାତ୍ରଛାତ୍ରୀମାନେ ଖୋଲା ଅଭିଯୋଗ କରୁଛନ୍ତି। ଓୟୁଏଟି ଅଧୀନରେ ଭୁବନେଶ୍ୱରରେ କୃଷି ମହାବିଦ୍ୟାଳୟ, ପଶୁପାଳନ ମହାବିଦ୍ୟାଳୟ, କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ, ବନ ମହାବିଦ୍ୟାଳୟ, କମ୍ୟୁନିଟି ମହାବିଦ୍ୟାଳୟ, ମୌଳିକ ବିଜ୍ଞାନ




ମହାବିଦ୍ୟାଳୟ, ଚିପିଲିମା ଓ ଭବାନୀପାଟଣାରେ ଥିବା କୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡାର ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ୭୩ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ସମେତ ମୋଟ ୫୦୮ଟି ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ଏବେ ୬୫ଟି ପ୍ରଫେସର ପଦବୀ ସମେତ ପାଖାପାଖି ୨୮୦ ଶିକ୍ଷକ ପଦବୀ ଖାଲି ପଡିଛି।

ସେହିପରି ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ୫୨୦ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ମଧ୍ୟ ୩୭୦ଟି ଖାଲି। ମୋଟାମୋଟି ଭାବେ ଓୟୁଏଟି ଅଧିନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟ ୫୫ ପ୍ରତିଶତ ଶିକ୍ଷକ ଓ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିମଧ୍ୟରୁ ୧୨୬ଟି ଶିକ୍ଷକ ପଦବୀ ପୂରଣ ପାଇଁ ସରକାରୀ ମଞ୍ଜୁରୀ ମିଳିଥିବା କୁହାଯାଉଛି। ଅନ୍ୟ ସମସ୍ତ ପଦବୀ ପୂରଣ ଲାଗି ବିଶ୍ୱବିଦ୍ୟାଳୟର ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। ଓୟୁଏଟି ଓ ତାହାର ଅନୁବନ୍ଧିତ କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ଆଦି ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ଜମି ରହିଛି। ଏହି ଜମିଗୁଡିକରୁ ଅଧିକାଂଶର ଠିକଣା ଉପଯୋଗ ହୋଇପାରୁନଥିବା ଘେନି ବହୁ ପୂର୍ବତନ ପ୍ରଫେସର କ୍ଷୋଭ ପ୍ରକାଶ କରୁଛନ୍ତି।

ସେହିଭଳି ଉନ୍ନତ କିସମର ବିହନ କାଢ଼ିବା ଏବଂ କୃଷି ପ୍ରଣାଳୀର ଆଧୁନିକୀକରଣ ସହିତ କୃଷକମାନଙ୍କୁ ଅର୍ଥକାରୀ ଫସଲ ଲାଗି ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଯାନ୍ତ୍ରିକ କୃଷି ଉପରେ ଏହି ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେଇଆସିଛି। ମୃତ୍ତିକା ସଂରକ୍ଷଣ ସହିତ ମାଛଚାଷ, କୁକୁଡା, ଛେଳି, ବତକ ଓ ଗୋପାଳନ ଆଦି କ୍ଷେତ୍ରରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ସଫଳ ଗବେଷଣା ସହିତ ଅନେକ କ୍ରାନ୍ତିକାରୀ ପଦକ୍ଷେପ ଅତୀତରେ ନେଇଥିବାରୁ ସାରା ଦେଶରେ ଓୟୁଏଟିର ସୁଖ୍ୟାତି ରହିଥିଲା। ଏବେ କୃଷି ମହାବିଦ୍ୟାଳୟ, ବନ ମହାବିଦ୍ୟାଳୟ ଓ କମ୍ୟୁନିଟି ବିଜ୍ଞାନ ମହାବିଦ୍ୟାଳୟରେ ସମସ୍ତ ପ୍ରଫେସର ପଦବୀ ଖାଲି ଥିବାବେଳେ ଚିପିଲିମାର ଉଦ୍ୟାନ କୃଷି ମହାବିଦ୍ୟାଳୟ, ରଙ୍ଗେଇଲୁଣ୍ଡାର ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଭବାନୀପାଟଣାର କୃଷି ମହାବିଦ୍ୟାଳୟ ପାଇଁ ଥିବା ସମସ୍ତ ପ୍ରଫେସର ପଦବୀ ଖାଲି ପଡିଛି। ପଶୁପାଳନ ମହାବିଦ୍ୟାଳୟରେ ୧୫ଟି ପ୍ରଫେସର ପଦବୀ ଖାଲି ରହିଛି । ଏହି ଭିତ୍ତିଭୂମିରେ କୃଷି ଓ ପଶୁପାଳନ କ୍ଷେତ୍ରରେ ଓୟୁଏଟି ଓଡିଶାକୁ କିଭଳି ନୂଆ ଦିଗଦର୍ଶନ ଦେଇପାରିବ, ତାହା ବଡ଼ ପ୍ରଶ୍ନବାଚୀ। (ତଥ୍ୟ)

## ମହିଳା ଦିବସରେ ରକ୍ତଦାନ ଶିବିର

# ୪୦ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ): ଆଜି ଅନ୍ତର୍ଜାତୀୟ ମହିଳା ଦିବସରେ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରେ ମହିଳାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ଏହି ଶିବିରରୁ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରଟିକୁ ଇ-୫ ବିଜିନେସ ସଲ୍ୟୁସନ୍ସ ଟ୍ରଷ୍ଟ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ପକ୍ଷରୁ ମିଳିତ ଭାବେ ଆୟୋଜିତ ହୋଇଥିଲା। ଏଥିରେ ବିଶେଷ ଅତିଥି ଭାବେ କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ମିଶ୍ର,



ମୁଖ୍ୟ ଅତିଥି ଭାବେ ବିଜେପି ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ ସଭାପତି ନିରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ କିମ୍ସ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଡ. ଏନ ସାଗରୀକା, ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ, ପ୍ରଫେସର ଡ. ସ୍ୱାତି ପଟ୍ଟନାୟକ ଯୋଗଦେଇ ମହିଳାମାନେ ସବୁ କ୍ଷେତ୍ରରେ ମେରୁଦଣ୍ଡ ଭଳି ହୋଇଥାନ୍ତି ବୋଲି ପ୍ରକାଶ କରିଥିଲେ। ମହିଳାମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ପ୍ରଥମେ ଗୁରୁତ୍ୱ ଦେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଇ-୫ ସଂସ୍ଥାର ପ୍ରତିଷ୍ଠାତା ସୁଜାତା ପାଢ଼ୀ, କୋଷାଧ୍ୟକ୍ଷା ସୁନୀତା ପାତ୍ର, ଅପରାଜିତା ସାହୁ, ପ୍ରୀତି ତ୍ରିପାଠୀ, ମଧୁସ୍ମିତା ପରିଜା, ଶ୍ୱେତଲିନା ବେହେରା, ସସ୍ମିତା ଜେନା, ଶେଲି ଭୁତ, ରଶ୍ମିବାଳା ସ୍ୱାଇଁ, ଶୁଭ୍ରତା ପ୍ରଧାନ, ଲିପିକା ପାଢ଼ୀ, ମୃଣାଳିନୀ ଅପରାଜିତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ରେଡକ୍ରସର ଡାକ୍ତର ଅବନୀକାନ୍ତ ସ୍ୱାଇଁ, ସରୋଜ ମହାନ୍ତି, ସନ୍ଦୀପ ସ୍ୱାଇଁ, ଲକ୍ଷ୍ମୀଧର ପୂର୍ତ୍ତି, ରମେଶ ରାଉତ, ସଞ୍ଜୟ ପାତ୍ର ରକ୍ତ ସଂଗ୍ରହ ପ୍ରକ୍ରିୟାରେ ସାମିଲ୍ ଥିଲେ।

### ଜୀବନ ଅମୃତ ଅନୁଚିନ୍ତା

ଜୀବନର ସଙ୍କଳ୍ପ-ଜୀବନ କହିଲେ କେବଳ ଧନ ସଞ୍ଚୟକୁ ବୁଝାଏ ନାହିଁ। ଜୀବନ ହେଉଛି କର୍ମର ସମ୍ଭାର। ଜୀବନ ହେଉଛି ଏକ ସଙ୍କଳ୍ପ ଯାହାର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କ ନିର୍ଦ୍ଦେଶକୁ ପରିପାଳନ କରିବା।

SANCHAR
ସଂଚାର

ରବିବାର ୯ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Sunday 9 March 2025 Bhubaneswar



# ଆନ୍ଦୋଳନଜୀବୀଙ୍କ ଆଭିମୁଖ୍ୟ

କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ଅହିଂସାର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୌଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାସରେ ଶୋଇବାକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋଳନକୁ ଏକ ପ୍ରକାର ଜୀବିକା କରି ବଂଚୁଛନ୍ତି। କିଛି କାମ ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଅୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧ୍ୟମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ପଞ୍ଜାବରେ ନିଜକୁ ଚାଷୀ ବୋଲି ଦାବି କରୁଥିବା କିଛି ବ୍ୟକ୍ତି ଆନ୍ଦୋଳନରତ ଅଛନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି ତାହା ପୂରଣ କରିବା ଅସମ୍ଭବ। ସେମାନେ ସେକଥା ଜାଣିଛନ୍ତି। କିନ୍ତୁ କେବଳ ସରକାରଙ୍କୁ ବଦନାମ କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। କିଛି ସପ୍ତାହ ତଳେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ଉକ୍ତ ଆତ୍ମହତ୍ୟା କରିଥିବା ଉଭୟେ କ୍ଷୁଦ୍ରଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଛି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ କରିଛି ବା ପ୍ରରୋଚିତ କରିଛନ୍ତି। ଏମଏସପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେତେଦୂର ଲାଭବାନ ହୋଇଥାଆନ୍ତେ ତାହା ଆକଳନ କରାଯାଇପାରିବନି। କିନ୍ତୁ କିଛି ଦଲାଲଙ୍କ ରାଜନୀତିରେ ସେମାନେ ବଳି ପଡ଼ିଲେ। ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନର କଅଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ୟୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁନର୍ବାର ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରାଯାଇଛି। କିନ୍ତୁ କୃଷକମାନେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ଏମଏସପିକୁ ଆଇନଗତ ସ୍ୱିକୃତି ଦାବି କରି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସରକାର ସେମାନଙ୍କର ଦାବିକୁ କାହିଁକି ମାନୁ ନାହାଁନ୍ତି? କାହିଁକି ବାରମ୍ବାର କୃଷକଙ୍କ ରୋଷର ଶିକାର ହେଉଛନ୍ତି? ଏହାର କାରଣ ହେଲା ବିଭିନ୍ନ କୃଷିଜାତ ସାମଗ୍ରୀର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଗଲେ ଏହା ଦ୍ୱାରା ସରକାରଙ୍କ ଉପରେ ଆର୍ôଥକ ବୋଝ ବଢ଼ିଚାଲିବ। ଏହାର ପରୋକ୍ଷ ପ୍ରଭାବରେ ଟିକସ ବୋଝ ବଢ଼ିବ ଏବଂ କୃଷକମାନେ ମଧ ଏହାର ଶିକାର ହେବେ। ଏମଏସପି ବଢ଼ିଲେ ସେମାନଙ୍କର ଆୟ ବଢ଼ିବ, କିନ୍ତୁ ବ୍ୟୟ ମଧ ଚାରିଗୁଣ ହୋଇଯାଇପାରେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦନ ଲାଗି ଖର୍ଚ୍ଚ ହ୍ରାସ ଅଧିକ ଜରୁରୀ। ସରକାର ବିଭିନ୍ନ ପ୍ରକାର କୃଷି ଉପକରଣ, ସାର, କୀଟନାଶକ, ବିହନ ଉପରେ ଟିକସ ହ୍ରାସ କଲେ, ଜଳ ଏବଂ ବିଜୁଳି ଟିକସ ହ୍ରାସ କଲେ କୃଷି ଉତ୍ପାଦନ ଖର୍ଚ୍ଚ କମିବ ଏବଂ କୃଷକଙ୍କ ସହ ସାଧାରଣ ଖାଉଟୀ ମଧ ଆଶ୍ୱସ୍ତ ହେବେ। ଏଥିଲାଗି୍ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ ଏହାର ଅନୁଧ୍ୟାନ କରି ଉଚିତ ନିଷ୍ପତ୍ତି ନେବା ଉଚିତ। ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର କୃଷକମାନଙ୍କର ରହିଛି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ପୃହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ଯେତିକି ତତ୍ପର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ଆଗାକୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ କୃଷକ ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ସେମାନଙ୍କ ସହ ସରକାର ଆଲୋଚନା କରନ୍ତୁ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ୟାର ସମାଧାନ ନହେଲେ ସରକାର ଏହାକୁ ବେଆଇନ ଘୋଷଣା କରନ୍ତୁ।

# ସ୍ୱାସ୍ଥ୍ୟ କ୍ରାନ୍ତିର ଆଧାର



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନ କାଳରେ ଭାରତୀୟ ଲୋକଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥ ଭାରତ ଗଠନର ପଦକ୍ଷେପ ନେଇଛନ୍ତି। ମେଦବହୁଳତା ସହ ଜଡିତ ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ଉପରେ ଅଧିକ ଧ୍ୟାନ ଦେବା ସହିତ ସ୍ୱାସ୍ଥ୍ୟ ପ୍ରତି ଭାରତର ଆଭିମୁଖ୍ୟରେ ମୋଦୀ ଯୁଗ ଏକ ଟର୍ଣ୍ଣିଂ ପଏଣ୍ଟ ସୃଷ୍ଟି କରିଛି। ମୋଟାପଣ ବିରୋଧରେ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରି ମୋଦି ଭାରତୀୟମାନଙ୍କୁ ରନ୍ଧନ ତେଲ ସେବନ ହ୍ରାସ କରିବାକୁ ଅନୁରୋଧ କରିଛନ୍ତି। ଫେବୃଆରି ୨୩ରେ 'ମନ୍ କି ବାତ୍'ର ୧୧୯ତମ ଏପିସୋଡ଼ରେ ସ୍ୱାସ୍ଥ୍ୟ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଏକ ସୁସ୍ଥ ଭାରତ ଗଠନ ପାଇଁ ଆମକୁ ମେଦବହୁଳତା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏକ ଗବେଷଣାରୁ ଜଣାପଡିଛି ଯେ ଆଜିକାଲି ପ୍ରତି ଆଠ ଜଣଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାରେ ପୀଡିତ ଅଛନ୍ତି। ଗତ କିଛି ବର୍ଷ ମଧ୍ୟରେ ମୋଟାପଣ ମାମଲା ଦ୍ୱିଗୁଣିତ ହୋଇଛି, କିନ୍ତୁ ସବୁଠାରୁ ଚିନ୍ତାର ବିଷୟ ହେଉଛି ପିଲାମାନଙ୍କ ମଧ୍ୟରେ ମୋଟାପଣ ସମସ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମୋଟାପଣ ବିରୋଧରେ ଲଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନିଜ ନିଜ କ୍ଷେତ୍ରର ୧୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରିଥିଲେ ଏବଂ ଏହି ସମସ୍ୟାର ଗମ୍ଭୀରତାକୁ ବୁଝିଏହାକୁ ଠିକ୍ ସମୟରେ ନିୟନ୍ତ୍ରଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆନନ୍ଦ ମହିନ୍ଦ୍ରା, ଦିନେଶ ଲାଲ ଯାଦବ ନିରାହୁଆ, ମନୁ ଭାକର, ମୀରାବାଈ ଚାନୁ, ମୋହନ ଲାଲ, ନନ୍ଦନ ନିଲେକାନି, ଓମାର ଅବଦୁଲ୍ଲା, ଆର ମାଧବନ, ଶ୍ରେୟା ଘୋଷାଲ, ସୁଧା ମୂର୍ତ୍ତିଙ୍କୁ ମନୋନୀତ କରିବା ସହ ସମସ୍ତେ ମୋଟାପଣ ବିରୋଧରେ ବିପୁଳ ଆଣିବା ସହିତ ଖାଇବା ତେଲ ସେବନ ହ୍ରାସ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅଭିଯାନକୁ ଆଗକୁ ନେବା ପାଇଁ ଆହୁରି ୧୦ ଜଣ ଲୋକଙ୍କୁ ମନୋନୀତ କରିବାକୁ ପ୍ରଧାନମନ୍ତ୍ରୀ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅନୁରୋଧ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ଠିକ୍ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ ସମୟରେ ସେ କରିଥିବା ଭଳି। ଏହି ଜନଉପଯୋଗୀ ପଦକ୍ଷେପ ଦେଶରେ ମେଦବହୁଳତାର ଚେତନା ଜାଗ୍ରତ କରିବ ଏବଂ ଲୋକମାନେ ମୋଟାପଣକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ ବୋଲି ଆଶା। ଅତଏବ, ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ବ୍ୟତୀତ ବ୍ୟାୟାମର ଅଭାବ ଏବଂ ମାନସିକ ଚାପ ସମେତ ଲୋକଙ୍କ ମଧ୍ୟରେ ମୋଟାପଣ ବଢ଼ିବାର ଅନେକ କାରଣ ରହିଛି। ପୋଷଣରେ ଉନ୍ନତି ଆଣିବା, କାର୍ଯ୍ୟକଳାପ ବୃଦ୍ଧି କରିବା ଏବଂ ଜୀବନଶୈଳୀରେ ଅନ୍ୟାନ୍ୟ ପରିବର୍ତ୍ତନ କରିବା ଦ୍ୱାରା ଲୋକମାନେ ମୋଟାପଣ ହ୍ରାସ କରିବାରେ ସାହାଯ୍ୟ କରିପାରିବେ। ମୋଦିଙ୍କ ପଦକ୍ଷେପ ଦ୍ୱାରା ମୋଟାପଣ କୁ ନିୟନ୍ତ୍ରଣ କରିବାର ଅନୁକୂଳ ଫଳାଫଳ ସେତେବେଳେ ହିଁ ଦେଖିବାକୁ ମିଳିବ ଯେତେବେଳେ ଆଶାନୁରୂପ ସଫଳତା ସମ୍ଭବ ହେବ, ଯେତେବେଳେ ଲୋକମାନେ ବୁଝିପାରିବେ ଯେ ଏକ ସୁସ୍ଥ ଜୀବନଶୈଳୀ କେବଳ ଏକ ଉନ୍ନତ ରାଷ୍ଟ୍ରର ଆଧାର ନୁହେଁ





ବରଂ ଉନ୍ନତ ସ୍ୱାସ୍ଥ୍ୟର ଆଧାର। ଆଜିକାଲିର ସୁବିଧା ଓ ଭୌତିକ ଜୀବନଶୈଳୀ ମୋଟାପଣ ବଢ଼ାଉଛି। ସାଧାରଣ ଦିନଚର୍ଯ୍ୟାରେ ଲୋକେ ଯେତିକି ଶାରୀରିକ ପରିଶ୍ରମ କରୁଥିଲେ, ସେତିକି କରନ୍ତି ନାହିଁ। ମେଦବହୁଳତାକୁ ନିୟନ୍ତ୍ରଣ କରିବାରେ ଯୋଗ, ଧ୍ୟାନ, ସକାଳୁ ବୁଲିବା ଏବଂ ବ୍ୟାୟାମ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜଣେ ଚିନ୍ତକ ଲେଖିଛନ୍ତି, ମନୁଷ୍ୟର ସବୁଠାରୁ ବଡ଼ ଉପଚାର ହେଉଛି ଶାନ୍ତି, ସୁଖ ଓ ପୋଷଣ। ଏହା ଏକ ସତ୍ୟ ଯେ ଯଦି ଲୋକମାନେ ଖାଦ୍ୟରେ ସଂଯମ ଓ ସତର୍କତା ଅବଲମ୍ବନ କରନ୍ତି, ଶାରୀରିକ କାର୍ଯ୍ୟକଳାପ ଏବଂ ଯୋଗ ଏବଂ ବ୍ୟାୟାମକୁ ନିଜ ଜୀବନର ଏକ ଅଂଶ ଭାବରେ ବୃଦ୍ଧି କରନ୍ତି, ତେବେ ମୋଟାପଣ ଦୂର ହୋଇପାରିବ। ମେଦବହୁଳତା ଅନେକ ରୋଗର ଘର, ଯାହା କେବଳ ଦକ୍ଷତା ହ୍ରାସ କରିବା ସହ , ସ୍ୱାସ୍ଥ୍ୟ ଉପରେ ଖର୍ଚ୍ଚ ମଧ ବଢାଇଥାଏ। ଏହା ଜୀବନକୁ ଜଟିଳ ଓ ବିଶୃଙ୍ଖଳିତ କରିଥାଏ। ଶରୀର ସୁସ୍ଥ ରହିଲେ ଲୋକମାନେ ମାନସିକ ସ୍ତରରେ ମଧ ସୁସ୍ଥ ରହିଥାନ୍ତି ଏବଂ ଅଧିକ ତତ୍ପରତା ଓ ଦକ୍ଷତା ସହିତ ନିଜର କାମ କରିଥାନ୍ତି। ଏହା କେବଳ ସେମାନଙ୍କ ପାଇଁ ନୁହେଁ ବରଂ ପରିବାର, ସମାଜ ଓ ଦେଶ ପାଇଁ ଲାଭଦାୟକ ହୋଇଥାଏ। ଏହା ମଧ ଏକ ଶକ୍ତିଶାଳୀ ଓ ବିକଶିତ ଭାରତର ଆଧାର। ଏହା ଭଲ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ବୁଝିଛନ୍ତି, କିନ୍ତୁ ଏଥିପାଇଁ ସଚେତନତା ଅଭିଯାନ ଆରମ୍ଭ କରିବା ସହିତ ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ସାମଗ୍ରୀ ବିକ୍ରି କୁ ରୋକିବା ପାଇଁ କିଛି କରିବାକୁ ପଡିବ। ମୋଦିଙ୍କ ଏହି ପଦକ୍ଷେପ କେବଳ ସ୍ୱାସ୍ଥ୍ୟ ବିପ୍ଳବର ମାଧ୍ୟମ ହେବ ନାହିଁ ବରଂ ଅପମିଶ୍ରଣ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରିବ। ଦେଶରେ ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା କଥା କୌଣସି ଗୁପ୍ତ କଥା ନୁହେଁ। ଖାଦ୍ୟ ସାମଗ୍ରୀର ଗୁଣାତ୍ମକ ମାନପ୍ରତି ଅବହେଳା ଯୋଗୁଁ ଘରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ମଧ ବ୍ୟବହୃତ ହେଉଛି। ସେଥି ମଧ୍ୟରୁ ଖାଇବା ତେଲ ଓ ଘିଅ ପ୍ରମୁଖ। ଆଜି କାଲି ଖାଦ୍ୟ ଖାଇବାର ଧାରା ବୃଦ୍ଧି ପାଉଛି ଏବଂ ଏହାର ଶୁଦ୍ଧତା ଏବଂ ଗୁଣବତ୍ତା ଉପରେ ଯେପରି କୌଣସି ଆପୋଷ ବୁଝାମଣା ନ ହୁଏ ସେଥିପ୍ରତି ସରକାର ଧ୍ୟାନ ଦେବା ଉଚିତ୍। ଏହି ପଦକ୍ଷେପ ମାଧ୍ୟମରେ ଭାରତବାସୀ ଏକ ସୁସ୍ଥ ଶରୀର, ସୁସ୍ଥ ମନ ଏବଂ ସୁସ୍ଥ ଭାବନାର ଅତୁଳନୀୟ ମହିମା ସହିତ ଶକ୍ତି, ଶାନ୍ତି, ଆନନ୍ଦ ଏବଂ ଶାରୀରିକ ସନ୍ତୁଳନରେ ପରିପୂର୍ଣ୍ଣ ଏକ ଦିବ୍ୟ ଜୀବନର ଯାତ୍ରା ଆରମ୍ଭ କରିପାରିବେ। ଏହା ଦ୍ୱାରା ଆମେ ମୋଟାପଣ ମୁକ୍ତ ଭାରତର ସଂକଳ୍ପକୁ ବାସ୍ତବରୂପ ଦେଇପାରିବା। କେବଳ ଏକ ସୁସ୍ଥ ଭାରତର ସଂକଳ୍ପ ହିଁ ସମୟକ୍ରମେ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇପାରିବ।

ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭

# ସମାଜର ମୂଲ୍ୟବୋଧ ଓ କଳିଯୁଗର ପ୍ରଭାବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

କଳିଯୁଗର ପାଞ୍ଚଟି ସତ୍ୟ ମହାନ ଗ୍ରନ୍ଥ ମହାଭାରତରେ ଅଛି ଆଉ ମହାଭାରତ ଖାଲି ହିନ୍ଦୁ ଜାତିର ଗ୍ରନ୍ଥ ନୁହେଁ ସମସ୍ତ ମାନବ ଜାତିର ଗ୍ରନ୍ଥ ଅଟେ। ଏହି ମହା ଭାରତ ଗ୍ରନ୍ଥ ଦ୍ୱାରା ପ୍ରତେକ ମାନବ ଜାତିକୁ ଉଚିତ ଶିକ୍ଷା ଏବଂ ଉଚିତ ମାର୍ଗ ମିଳିଥାଏ। ପ୍ରତେକ ମନୁଷ୍ୟକୁ ଏହି ଗ୍ରନ୍ଥ ପଢିବା ଦରକାର ମହାଭାରତରେ ଜିବନ ସହିତ ଜଡିତ ସମସ୍ତ ଘଟଣା ଏମିତି କୌଣସି ନାହିଁ ଜାହା ମହାଭାରତ ଗ୍ରନ୍ଥରେ ନାହିଁ। ଜୀବନର ପ୍ରତେକ ସମସ୍ୟାର ସମାଧାନ କେବଳ ମହାଭାରତ ଗ୍ରନ୍ଥରେ ଲେଖା ଅଛି। ଏହି ଗ୍ରନ୍ଥରେ ଦେଶ ଧର୍ମ ନ୍ୟାୟ ରାଜନୀତି ସମାଜ ଯୋଗ ଯୁଦ୍ଧ ବିଜ୍ଞାନ ପରିବାର ଜ୍ଞାନ ବିଜ୍ଞାନ ଆଧାତ୍ମିକ ସହ ଅନେକ ବିଷୟ ବସ୍ତୁ ବର୍ଣ୍ଣନା କରାଯାଇଛି। ଆଜିର ସମାଜରେ ଯେଉଁ କୁସଂସ୍କାର, ଭ୍ରଷ୍ଟାଚାର ଓ ପାପ ବଢି ଚାଲିଛି ତାହା କଳିର ହିଁ ପ୍ରଭାବ ଆଉ ଆମ ଧର୍ମଗ୍ରନ୍ଥ ଗୁଡିକ ଏ ସବୁ କୁ ନିଷ୍କ୍ରିୟ କରିବାର ମାର୍ଗ ଦେଇଅଛି ଯାହାକୁ ଆମେ ଆଉ ଆମ ପରା ପିଢି ପଢିବା ଜାଣିବା ଓ ହୃଦୟଙ୍ଗମ କରିବା ଦରକାର। କୁରୁକ୍ଷେତ୍ର ଯୁଦ୍ଧପରେ ଥରେ ପାଣ୍ଡବ ପାଞ୍ଚଭାଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପଚାରିଲେ... ପ୍ରଭୁ ଏ ଦ୍ୱାପର ଯୁଗ ପରେ ଯେଉଁ କଳିଯୁଗ ଆସିବ, ସେତେବେଳେ ସମାଜର,ବ୍ୟକ୍ତି ବିଶେଷଙ୍କର ସ୍ୱଭାବ କେମିତି ରହିବ ଅର୍ଥାତ୍ କଳିର ସମାଜ ଉପରେ କିପରି ପ୍ରଭାବ ରହିବ ? କୃଷ୍ଣ ପାଞ୍ଚ ଭାଇଙ୍କୁ କହିଲେ ତୁମେମାନେ କିଛି ସମୟ ପାଇଁ ବାହାରେ ବୁଲିକି ଆସ, ଯିଏ ଯାହା ଦେଖିବ, ମୋତେ ଆସି ସେହି ବାହାରର ସଠିକ ଦୃଶ୍ୟ କହିବ ତା'ପରେ ମୁଁ ତୁମର ପ୍ରଶ୍ନର ଉତ୍ତର ଦେବି। ପାଞ୍ଚ ଭାଇ କୃଷ୍ଣ ଠାକୁରଙ୍କ କଥା ମାନି ବାହାରକୁ ଯାଇ ଯାହା ସବୁ ଦେଖିଥିଲେ ସେ ଦୃଶ୍ୟ ଠାକୁରଙ୍କୁ କହିଲେ ଯେ ପ୍ରଥମେ ଯୁଧିଷ୍ଠୀର କହିଲେ ମୁଁ ଗୋଟିଏ ହାତୀ ଦେଖିଲି ତାର ଦୁଇଟି ଶୁଣ୍ଢ ଯେ ଭୀମ କହିଲେ ମୁଁ ଏମିତି ଏକ ଶାଗୁଣା ଦେଖିଲି ଯାହାର ଦୁଇ ଡେଣାରେ ବେଦ ଲେଖା ଯାଇଛି ହେଲେ ସେ ଶବକୁ ଆନନ୍ଦରେ ଖାଉଛି। ଅର୍ଜୁନ କହିଲେ ମୁଁ ଏକ ଗାଈ ଦେଖିଲି ଯିଏ ତାର ଛୁଆକୁ ଚାଟିଚାଟି ରକ୍ତାତ କରିଦେଉଛି। ନକୁଳ କହିଲେ ମୁଁ ଏପରି ଏକ ଦୃଶ୍ୟ ଦେଖିଲି, ସାତଟି କୂଅ ଅଛି ହେଲେ ସେଥିରୁ ଗୋଟିଏ କୂଅ ଶୁଖିଲା ପଡିଛି, ଏ ଛଅଟି କୂଅରୁ ପାଣି ସେ କୂଅ ଭିତରକୁ ଯାଉ ନାହିଁ। ଶେଷରେ ସହଦେବ କହିଲେ ମୁଁ ଦେଖିଲି ପାହାଡ ଉପରୁ ବିରାଟ ପଥର ଖଣ୍ଡଟିଏ ଖସିଲା, ବଡ ବଡ ଗଛ ବୃକ୍ଷ ସବୁ ଭାଙ୍ଗି ତଳକୁ ଖସୁ ଥାଏ ହଠାତ୍ ଗୋଟିଏ ଛୋଟିଆ ଦୁବ ଘାସ ତାକୁ ଅଟାକାଇ ଦେଲା।



ପ୍ରଭୁ କୃଷ୍ଣ ଏ ପାଞ୍ଚଟି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଯୁଧିଷ୍ଠୀରଙ୍କ ଦୃଶ୍ୟ ଥିଲା ଗୋଟିଏ ହାତୀର ଦୁଇଟି ଶୁଣ୍ଢ। ଠାକୁର କହିଲେ ତାର ଅର୍ଥ ହେଉଛି, କଳି ଯୁଗରେ ପ୍ରତ୍ୟେକ ମଣିଷ ଯେଉଁ କଥା କହିବେ କିନ୍ତୁ କାର୍ଯ୍ୟରେ ତାର ଓଲଟା କଥା କରିବେ। ତେଣୁ ପ୍ରତ୍ୟେକ ଲୋକର ଦୁଇଟା ମୁହଁ ହେବଯେ ଭୀମ ଦେଖିଥିବା ଦୃଶ୍ୟ ଶାଗୁଣା ପରରେ ବେଦ ଲେଖା ହୋଇଥିଲା ସେ ଶବ ଉପରେ ବସି ପଚା ମାଂସ ଖାଉଥିଲା ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ଯେଉଁମାନେ ମୁଖରେ ବେଦ ପଢୁଥିବେ, ସେମାନେ ମାଂସ ମଧ ଖାଉଥିବେଯେ ଅର୍ଜୁନ ଦେଖିଥିଲେ ଗୋଟିଏ ଗାଈ ତା ବାଛୁରୀକୁ ଚାଟି ରକ୍ତାତ କରିଦେଉଛି। ତାର ଅର୍ଥ ଠାକୁର କହିଲେ କଳିଯୁଗରେ ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନମାନଙ୍କୁ ଯେତିକି ଲାଳନ ପାଳନ କରିବା କଥା ତାର ଦଶଗୁଣ ଲାଳନ ପାଳନ କରି ପିଲାଙ୍କୁ ଅମଣିଷ କରିଦେବେଯେ ନକୁଳ ଦେଖିଥିଲେ ସାତଟି କୂଅରୁ ଛଅଟିରେ ଜଳ ପୂର୍ଣ୍ଣଥିଲା ବେଳେ, ଗୋଟିଏ ଶୁଖିଲା ପଡିଥିଲା। ତାର ଅର୍ଥ ସାତ ଭାଇ ମଧ୍ୟରୁ ଛଅଟି ଭାଇ କୋଠାବାଡି କରି ଭଲରେ ଥିଲେ ବି, ଗୋଟିଏ ଗରୀବ ଭାଇକୁ ଅନେଇବେ ନାହିଁ। ବରଂ ପରକୁ ଦେବେ ହେଲେ ଭାଇକୁ ଦେବେନାହିଁଯେ ଶେଷରେ ସହଦେବ ଦେଖିଥିଲେ ଗୋଟିଏ ପାହାଡରୁ ବିରାଟ ପଥର ଖଣ୍ଡ ଖସି ଗଛ ବୃକ୍ଷ ଭାଙ୍ଗି ଦେଉଥିଲା ବେଳେ ଗୋଟିଏ ଦୁବ ଘାସ ତାକୁ ଅଟାକାଇ ଦେଲା। ତାର ଅର୍ଥ ଠାକୁର କହିଲେ ଯେ କଳିଯୁଗରେ ମହାପାପୀ ହୋଇ ଥିଲେ ବି, ବଡ ପାପ କରିଥିଲେ ବି ଥରୁଟିଏ ରାମ ନାମରେ ମଧ ସେ ପାପକୁ ଖଣ୍ଡନ କରି ପାରିବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଦିବ୍ୟ ମୁଖରୁ ଏତକ କଥା ଶୁଣି ଧର୍ମରାଜ ଯୁଧିଷ୍ଠିର ବୁଝି ପାରିଥିଲେ ଯେ କଳି ଯୁଗର ସମୟ କେତେ ଭୟଙ୍କର ହେବ ଅର୍ଥାତ ଯାହା ଆଜିର ସମୟରେ ଦେଖିବାକୁ ମିଳୁଛି।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ: ୮୨୪୯୫୦୨୭୭୬

# ଖରାଦିନରେ କାନ-ନାକ-ଗଳାର ଯତ୍ନ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଇସ୍କନ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଦୋଳପୂର୍ଣ୍ଣିମା ବିଷୟରେ କହିଛନ୍ତି - ଶ୍ରୀରାଧା ଭଗବାନ କୃଷ୍ଣଙ୍କୁ ମନପ୍ରାଣ ସହକାରେ ଭଲ ପାଉଥିଲେ, ଗୁଣରେ, ରୂପରେ, ରାଗରେ, ଚରିତ୍ରରେ - କିନ୍ତୁ ବିବାହ ବନ୍ଧନରେ ଆବଦ୍ଧ ହୋଇନଥିଲେ। ଭଗବାନ ଶ୍ରୀକୃଷ୍ଣ ସମାଜର ହିତ ସାଧନ ନିମିତ୍ତ ସର୍ବଦା ବ୍ୟସ୍ତ ରହୁଥିଲେ। ଶ୍ରୀରାଧା ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅନୁସରଣ କରି ସର୍ବଦା କୃଷ୍ଣମୟ ହୋଇ ରହୁଥିଲେ। ଏହି ନୈସର୍ଗିକପ୍ରେମ କେବଳ ଭକ୍ତ ଓ ଭଗବାନଙ୍କ ଭିତରେ ଦେଖାଯାଏ। ସବୁ ସ୍ଥାନରେ ଯେଭଳି ଜୟ ସୀତା-ରାମ ଶୁଣାଯାଏ ସେହିପରି ଭାବରେ ଜୟ ରୁକ୍ମିଣୀ-କୃଷ୍ଣ ଶୁଣାଯାଏ ନାହିଁ, ଯଦିଓ ମହାରାଣୀ ରୁକ୍ମିଣୀଙ୍କୁ ଆର୍ଯ୍ୟବର୍ତ୍ତ ଭୁଲିନାହିଁ। ଭାଗବତର ନିର୍ଦ୍ଦେଶରେ ସମସ୍ତେ ରାଧା-କୃଷ୍ଣଙ୍କୁ ସ୍ମରଣ କରନ୍ତି। ଶ୍ରୀରାଧା କୃଷ୍ଣଙ୍କୁ ଭଜନା କରୁଥିଲେ ସାଧାରଣ ମନୁଷ୍ୟ ଶ୍ରୀରାଧାଙ୍କୁ ଜାଣନ୍ତି। ଶ୍ରୀରାଧାଙ୍କ ନାମ ଭାଗବତରେ ନାହିଁ, ଭାଗବତରେ ଶ୍ରୀରାଧାଙ୍କୁ ପ୍ରଧାନା ଗୋପିନୀ ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଧାନା ଗୋପିନୀ (ରାଧା) ହିଁ ଆରାଧନାର ଆଦର୍ଶ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ କୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ହିଁ



ହେଉଛି ରାଧା। ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜ ମନ୍ତ୍ର ଓ ନାମ ଓ ନାମୀ ଅଭେଦ। ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଭିନ୍ନ ନୀତି ପାଳିତ ହୁଏ। ମେଣ୍ଢାପୋଡିରୁ ମନ୍ଦିରରେ ଆରମ୍ଭ ହୁଏ ଦୋଳପୂର୍ଣ୍ଣିମା ନୀତି। ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ରତ୍ନ ସିଂହାସନରେ ସୁନାବେଶ ଅନୁଷ୍ଠିତ ହୁଏ। ଦୋଳଯାତ୍ରା ଓ ରଥଯାତ୍ରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି। ତେବେ ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ଦିନ ଦୋଳଗୁଡ଼ିକ ସଜ୍ଜାଯାଇ ଠାକୁରଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରାଯାଏ। ସଂଧ୍ୟାରେ ଦେଉଳ ଭିତରେ ଠାକୁରଙ୍କ ସହ ଫଗୁଖେଳ ହୁଏ। କେତେକ ସ୍ଥାନରେ ଠାକୁରଙ୍କୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ ପଂକ୍ତି ଭୋଗ ଅର୍ପଣ କରାଯାଏ। ତା'ପରଦିନ ଠାରୁ ଠାକୁର ଦୋଳବିମାନ ଆରୋହଣ କରି ବିଭିନ୍ନ ଗ୍ରାମକୁ ଚାଚେରୀ ଖାଇବା ଲାଗି ଯାଇଥାଆନ୍ତି। ଏଥିଲାଗି ବିଭିନ୍ନ ଗ୍ରାମ, ସାହି, ଓ ପଡ଼ା ଉତ୍ସବ ମୁଖର ହୋଇଉଠେ। ଗ୍ରାମର ପ୍ରତିଘରକୁ ଯାଇ ଠାକୁର ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭୋଗ ଗ୍ରହଣ କରିଥାଆନ୍ତି। ଏଭଳି ପ୍ରକ୍ରିୟା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ।

ଉତ୍କଳଖଣ୍ଡ ଭାରତବର୍ଷର ଏକ ଅଂଶମାତ୍ର। ଭାରତ ଭୂମିର ସୁବିସ୍ତୃତ କଳେବର ଯେତେବେଳେ ବିଭିନ୍ନ ଜାତିର ଲୀଳାଭୂମି ହୋଇଛି, ଉତ୍କଳ ଖଣ୍ଡମଧ ଭାରତର ଅଂଶ ହିସାବରେ ଊଣା ଅଧିକେ ଏ ଲୀଳାର ରଙ୍ଗଭୂମି ହୋଇଛି। ଭାରତବର୍ଷର ସନାତନ ବୈଦିକ ମୁନିଋଷିମାନଙ୍କର ଭଗବତ୍ ପ୍ରେମ ଏବଂ ପରଧର୍ମ ସହିଷ୍ଣୁତା ଓଡ଼ିଶାର ମହାନ ସାଂସ୍କୃତିକ ପରମ୍ପରା ଅଭିନ୍ନ ଅଙ୍ଗ। ଏଠାରେ ବହୁଧର୍ମ ଓ ସଂପ୍ରଦାୟର ସାଧୁସନ୍ଥମାନଙ୍କର ସମାଗମ ହୋଇଛି, ଏବଂ ଓଡ଼ିଶା ସମସ୍ତଙ୍କୁ ଆଦର୍ଶ ପୂର୍ବକ ଗ୍ରହଣ କରିଛି। ଏହି ପାରମ୍ପରିକ ନିୟମରେ ପବିତ୍ର ହୋଲି ମହୋତ୍ସବ ପାଳନ ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଚରଣାରବିନ୍ଦରେ ଏତିକି ପ୍ରାର୍ଥନା ସେହି ମୋହନ ମୁରଲିର ମଧୁର ମୂର୍ଚ୍ଛନା ସମସ୍ତଙ୍କ ଅନ୍ତଃକରଣରେ ନିନାଦିତ ହେଉ।

ସହ-ପ୍ରତିରତ୍ୱିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋବାଇଲ୍: ୯୪୩୭୦୫୧୯୫୭

# କର୍ଣ୍ଣାଟକରେ ଲଜ୍ଜା, ଇସ୍ରାଏଲ ପର୍ଯ୍ୟଟକଙ୍କ ସମେତ ଦୁଇ ମହିଳାଙ୍କୁ ଗଣଦୁଷ୍କର୍ମ


ବାରିଙ୍ଗିବାଡ଼ିର ଓଡ଼ିଆ ଯୁବକ ବିଭାସଙ୍କ ପ୍ରାଣହାନି

**ବାଙ୍ଗାଲୁରୁ,୮।୩:** ଜଣେ ବିଦେଶୀ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ କରାଯାଇଛି । ସେ ଇସ୍ରାଏଲର ନାଗରିକ ଥିବା ସୂଚନା ମିଳିଛି । ତାଙ୍କ ସହ ଥିବା ଅନ୍ୟ ତିନି ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ପାଣିକୁ ଠେଲି ଦେଇଥିଲେ । ଏଥିରେ ଓଡ଼ିଶାର ବିବାଶଙ୍କ ମୃତ୍ୟୁ ହୋଇଛି । ଆଜି ସକାଳୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି । ଆମେରିକାର ଡାନିଏଲ ଓ ମହାରାଷ୍ଟ୍ରର ପଙ୍କଜ କୌଣସି ମତେ ପହଁରି କୂଳରେ ପହଞ୍ଚିଥିଲେ। କୋପାଲ ଜେଲାର ନିକଟରେ ସେମାନେ ବୁଲୁଥିବାବେଳେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଗଣଦୁଷ୍କର୍ମର ଶିକାର ହୋଇଥିବା ମହିଳାଙ୍କୁ ଚିକିତ୍ସା କରାଯାଉଛି । ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଯାଇଛି । ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ୬ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛନ୍ତି ।

ସୂଚନା ଅନୁସାରେ, ଗୁରୁବାର ରାତିରେ କୋପାଲର ତୁଙ୍ଗଭଦ୍ରା ନଦୀ କୂଳ ଅଞ୍ଚଳକୁ କିଛି ପର୍ଯ୍ୟଟକ ବୁଲିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ୨ ଜଣ ମହିଳା ଥିଲେ। ପୁରୁଷଙ୍କ ମଧ୍ୟରେ ଆମେରିକାର ଡାନିଏଲ, ମହାରାଷ୍ଟ୍ରର ପଙ୍କଜ ଏବଂ ଓଡ଼ିଶାର ବିବାଶ ନାମକ ଯୁବକ ରହିଥିଲେ। ଅନ୍ୟ ୨ ମହିଳାଙ୍କ ମଧ୍ୟରେ ଜଣେ କର୍ଣ୍ଣାଟକ ଏବଂ ଅନ୍ୟ ଜଣେ ଇସ୍ରାଏଲର ଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ପର୍ଯ୍ୟଟକମାନଙ୍କୁ ପ୍ରଥମେ ପେଟ୍ରୋଲ ମାଗିଥିଲେ। ଏହା ପରେ ୧୦୦ ଟଙ୍କା ଲେଖାଏଁ ମାଗିଥିଲେ। ପର୍ଯ୍ୟଟକମାନେ ଦେବାକୁ ମନା କରିବାରୁ ଦୁର୍ବୃତ୍ତମାନେ ଡାନିଏଲ, ପଙ୍କଜ ଏବଂ ବିବାଶଙ୍କୁ ପାଖରେ ଯାଇଥିବା ଏକ କେନାଲ ମଧ୍ୟକୁ ଠେଲି ଦେଇଥିଲେ। ଏହା ପରେ ସେମାନେ ଦୁଇ ମହିଳାଙ୍କୁ ମାଡ଼ ମାରିବା ସହିତ ଗଣଦୁଷ୍କର୍ମ କରିଥିଲେ। ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଡାନିଏଲ ଏବଂ ପଙ୍କଜ କୌଣସିମତେ ପହଁରି ପହଁରି ପାଣିରୁ ବାହାରି ଆସିଥିଲେ।

ଭାରତୀୟ ରେଳ ବିଭାଗର ନୂଆ ନିୟମ

# କନଫର୍ମ ଟିକେଟ୍ ଥିବା ଯାତ୍ରୀଙ୍କୁ ପ୍ଲାଟଫର୍ମ ଅନୁମତି!

**ନୂଆଦିଲ୍ଲୀ:** ନିକଟରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ଘଟଣା ସମଗ୍ର ଦେଶରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ଘଟଣାରେ ପ୍ରାୟ ୧୮ ଜଣଙ୍କ ଜୀବନ ଯାଇଥିଲା। ତେବେ ଆଗାମୀ ଭବିଷ୍ୟତରେ ଯେପରି ଏମିତି ଦୁଃଖଦ ଘଟଣା କେବେ ନ ଘଟୁ, ସେଥିପାଇଁ ରେଳ ବିଭାଗ ପକ୍ଷରୁ ଆଗିଆଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି, ଭାରତୀୟ ରେଳ ବିଭାଗ କେବଳ କନଫର୍ମ ବା ନିଶ୍ଚିତ ଟିକେଟ୍ ଥିବା ଯାତ୍ରୀମାନଙ୍କୁ ୬୦ଟି ବ୍ୟସ୍ତବହୁଳ ଷ୍ଟେସନରେ ପ୍ଲାଟଫର୍ମରେ ପ୍ରବେଶ କରିବାର ଅନୁମତି ଦେବାକୁ ନିଷ୍ପତ୍ତି ନେଇଛି ।

ଏହି ପଦକ୍ଷେପ ପ୍ଲାଟଫର୍ମରେ ଅତ୍ୟଧିକ ଭିଡ଼କୁ ରୋକିପାରିବ ବୋଲି ରେଳ ବିଭାଗ ପକ୍ଷରୁ ଆଶା କରାଯାଉଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ଶୁକ୍ରବାର ଅଧିକାରୀଙ୍କ ସହ ଏକ ବୈଠକ କରି ଦେଶର ପ୍ରମୁଖ ଷ୍ଟେସନ ଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ୬୦ଟି ବ୍ୟସ୍ତବହୁଳ ଷ୍ଟେସନ ବାହାରେ ଅପେକ୍ଷା କେନ୍ଦ୍ର କରାଯିବ ଏବଂ ପ୍ଲାଟଫର୍ମକୁ ପ୍ରବେଶ କରିବାରେ ପ୍ରତିବନ୍ଧକ ଲଗାଇବା ପାଇଁ ରେଳ ବିଭାଗ ସ୍ପଷ୍ଟ କରିଛି ଯେ, ଏବେ ଉକ୍ତ ୬୦ଟି ଷ୍ଟେସନରେ ସମ୍ପୂର୍ଣ୍ଣ ପ୍ରବେଶ ନିୟନ୍ତ୍ରଣ କାର୍ଯ୍ୟକାରୀ କରାଯିବ। କେବଳ ନିଶ୍ଚିତ ଟିକେଟ୍ ଥିବା ଯାତ୍ରୀମାନଙ୍କୁ ପ୍ଲାଟଫର୍ମ ଭିତରକୁ ଯିବାକୁ ଅନୁମତି ପ୍ରଦାନ ଦିଆଯିବ। ଯେଉଁମାନଙ୍କର ୱେଟିଂ ଟିକେଟ୍ ଥିବ ଏବଂ ଯେଉଁମାନଙ୍କର ଟିକେଟ୍ ନଥିବ ସେମାନେ ବାହାରେ ଅପେକ୍ଷା କେନ୍ଦ୍ରରେ ଅପେକ୍ଷା କରିବେ। ଷ୍ଟେସନ ଗୁଡ଼ିକର ସମସ୍ତ ଅନଧିକୃତ ପ୍ରବେଶ ସ୍ଥାନ ଗୁଡ଼ିକୁ ମଧ୍ୟ ସିଲ୍ କରାଯିବ । ଏହି ୬୦ଟି ଷ୍ଟେସନ ତାଲିକାରେ ବେଙ୍ଗାଲୁରୁ ଷ୍ଟେସନକୁ ମଧ୍ୟ ସାମିଲ କରାଯାଇଛି । ପ୍ରଥମେ କିଛି ଷ୍ଟେସନ ଗୁଡ଼ିକରେ ପାଇଲଟ୍ ପ୍ରୋଜେକ୍ଟ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଏହି ଯୋଜନା। ତେବେ ଏହି ଯୋଜନା ଆରମ୍ଭ ହେଉଥିବା ଷ୍ଟେସନ ଗୁଡ଼ିକରେ ରହିଛି ନୂଆଦିଲ୍ଲୀ, ଆନନ୍ଦ ବିହାର, ବାରାଣସୀ, ଅଯୋଧ୍ୟା ଏବଂ ପାଟନା ରେଳ ଷ୍ଟେସନ। ଏହି ଯୋଜନା ଅନୁଯାୟୀ, ଭିଡ଼କୁ ନେଇ ଟ୍ରେନ୍ ଆସିବାକୁ ଥିବା ସମୟରେ ହିଁ ଯାତ୍ରୀମାନଙ୍କୁ ପ୍ଲାଟଫର୍ମକୁ ଯିବାକୁ ଅନୁମତି ଦିଆଯିବ ତା ପୂର୍ବରୁ ନୁହେଁ । ଏହା ଯୋଗୁଁ ଷ୍ଟେସନ ପରିସରରେ ଅଯଥା ଭିଡ଼ ହେବ ନାହିଁ ଏବଂ ଲୋକେ ସହଜରେ ଯାତାୟାତ କରିପାରିବେ । ରେଳବିଭାଗ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଆଉ ଏକ ବଡ଼ ପଦକ୍ଷେପ ନିଆଯାଉଛି । ନୂତନ ଡିଜାଇନର ପ୍ରଶସ୍ତ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରାଯିବ । ଏହି ଫୁଟ୍ ଓଭର ବ୍ରିଜ୍ ଗୁଡ଼ିକ ୪୦ ଫୁଟ୍ ଏବଂ ୨୦ ଫୁଟ୍ ଚଉଡ଼ା ବିଶିଷ୍ଟ ହେବ। କୁମ୍ଭ ମେଳା ସମୟରେ




ଏପରି ବ୍ରିଜ୍ ଗୁଡ଼ିକ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇଥିଲା । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି, ରେଳବିଭାଗ ସିସିଟିଭି କ୍ୟାମେରା ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ସମସ୍ତ ୬୦ଟି ରେଳ ଷ୍ଟେସନ ଏବଂ ଏହାର ଆଖପାଖ ଅଞ୍ଚଳରେ କ୍ୟାମେରା ଲଗାଯିବ । ଭିଡ଼ ନିୟନ୍ତ୍ରଣ କରିବା ପାଇଁ ବଡ଼ ଷ୍ଟେସନ ଗୁଡ଼ିକରେ 'ୱାର ରୁମ୍' କରାଯିବ । ନିୟୋଜିତ ଟିମ୍ ଏହି ରୁମ୍ ଗୁଡ଼ିକରେ ରହି ତାଗିଦାରେ ନଜର ରଖିବେ । ଷ୍ଟାଫ୍ ଏବଂ ସେବା କର୍ମଚାରୀଙ୍କ ପାଇଁ ନୂତନ ପରିଚୟପତ୍ର ପ୍ରସ୍ତୁତ କରାଯିବ । ନୂଆ ୟୁନିଫର୍ମ କାର୍ଯ୍ୟକାରୀ କରାଯିବ । ଯାହା ଦ୍ୱାରା ବିପଦ ସମୟରେ କର୍ମଚାରୀମାନଙ୍କୁ ଶୀଘ୍ର ଚିହ୍ନଟ କରାଯାଇପାରିବ । ପ୍ରମୁଖ ରେଳ ଷ୍ଟେସନ ଗୁଡ଼ିକରେ ଷ୍ଟେସନ ନିର୍ଦ୍ଦେଶକ ଭାବରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ । ଷ୍ଟେସନ ନିର୍ଦ୍ଦେଶକଙ୍କୁ ଆର୍ଥିକ କ୍ଷମତା ଦିଆଯିବ । ସେମାନେ ଷ୍ଟେସନର କ୍ଷମତା ଏବଂ ଟ୍ରେନ୍ର ସ୍ଥିତି ଅନୁସାରେ ଟିକେଟ୍ ବିକ୍ରୟକୁ ନିୟନ୍ତ୍ରଣ କରିପାରିବେ ।

## ଦିନଦ୍ୱିପ୍ରହରେ ଏନ୍‌ଟିପିସି ଡିଜିଏମ୍‌ଙ୍କୁ ଗୁଳିମାରି ହତ୍ୟା

**ରାଞ୍ଚି,୮।୩:** ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାରେ ଏନଟିପିସି ଡିଜିଏମଙ୍କୁ ଗୁଳିମାରି ହତ୍ୟା । ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ଗୁଳିକାଣ୍ଡ ଭିଆଇଲେ ଦୁର୍ବୃତ୍ତ। ଯାହାକୁ ଟାର୍ଗେଟ କରି ଗୁଳି ଚଳାଇଲେ, ତାଙ୍କ ଦେହରେ ବାଜିଲା ଗୁଳି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ହଜାରିବାଗରେ ଏନଟିପିସି ଡିଜିଏମ କୁମାର ଗୌରବଙ୍କୁ ଗୁଳି କରି ହତ୍ୟା କରାଯାଇଛି । ସକାଳୁ ଡିଜିଏମ୍ କୁମାର ଗୌରବ ଅଫିସ ଯାଉଥିବା ବେଳେ ଏହି ଘଟଣା ଘଟିଛି । କଟକଟମଦାଗ ଥାନା ଅଞ୍ଚଳରେ ବାଇକରେ ଆସି ଦୁର୍ବୃତ୍ତ ଓଭରଟେକ କରିଥିଲେ । ଏହାପରେ ଗୁଳି ମାରି ଫେରାର ହୋଇଯାଇଥିଲେ । ହଜାରିବାଗର ଏନଟିପିସି କରିଡରରେ କାର୍ଯ୍ୟରତ ଡିଜିଏମ କୁମାର ଗୌରବଙ୍କ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲେ ଦୁର୍ବୃତ୍ତ। ଗୁଳିମାରିବା ପରେ ସେ ତଳେ ପଡିଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ହଜାରିବାଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁହାଯାଉଛି ଯେ, ଗୁଳିଟି କୁମାର ଗୌରବଙ୍କ ପିଠିରେ ବାଜିଥିଲା । ହଜାରିବାଗ ଏସପି ଅରବିନ୍ଦ କୁମାର ସିଂହ କହିଛନ୍ତି ଯେ, ଚଢାଉ ଜାରି ରହିଛି । ଏନଟିପିସି ଠାରୁ ମୃତ ଡିଜିଏମଙ୍କ ପରିବାରକୁ ଭରଣପୋଷଣ ସମେତ କ୍ଷତିପୂରଣ ଦାବି କରାଯାଇଛି। ସ୍ପଷ୍ଟ ଦିବାଲୋକରେ ଏପରି ହତ୍ୟାକାଣ୍ଡକୁ ନେଇ ଏବେ ପ୍ରଶ୍ନ ଉଠୁଛି। ତେଣୁ ଏନଟିପିସି କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୩ ଦିନିଆ ରିମାଣ୍ଡରେ ରାନ୍ୟା ରାଓ



**ବେଙ୍ଗାଲୁରୁ, ୮।୩ :** ସୁନା ଚୋରାଚାଲାଣ ମାମଲାରେ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ୩ ଦିନିଆ ରିମାଣ୍ଡରେ ପଠାଯାଇଛି। ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ର ଯୁକ୍ତି ପରେ ବେଙ୍ଗାଲୁରୁସ୍ଥିତ ଇକୋନୋମିକ୍ ଅଫେନ୍ସ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାନ୍ୟାଙ୍କୁ ଜେରା ସମୟରେ ଏକ ବଡ଼ ସୁନା ଚୋରାଚାଲାଣ ଗ୍ୟାଙ୍ଗ ସହ ତାଙ୍କ ସମ୍ପର୍କ ସମ୍ବନ୍ଧରେ ଜଣାପଡ଼ିପାରେ ବୋଲି ଡିଆର୍‌ଆଇର ଓକିଲ କହିଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପାଇଁ ରହିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)ରେ ବଡ଼ଧରଣର ପରିବର୍ତ୍ତନ କରିବା ପାଇଁ କର୍ନାଟକ ସରକାର ପ୍ରସ୍ତୁତ ହେଉଛନ୍ତି। ବେଙ୍ଗାଲୁରୁ ଏୟାରପୋର୍ଟର ଏସ୍‌ଓପି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କ ପରିବାରବର୍ଗଙ୍କୁ ବିମାନବନ୍ଦରରେ ମିଳୁଥିବା 'ପ୍ରୋଟୋକଲ ଷ୍ଟାଫ୍' ସୁବିଧାକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଥିବା କର୍ନାଟକ ଗୃହ ମନ୍ତ୍ରୀ ଜି. ପରମେଶ୍ୱରା କହିଛନ୍ତି।

## ଦିଲ୍ଲୀ-ଏନ୍‌ସିଆରରେ ନୂଆ ଭୂତାଣୁ ସଂକ୍ରମଣ

**ନୂଆଦିଲ୍ଲୀ ୮।୩:** ଦିଲ୍ଲୀ-ଏନସିଆରରେ ଆଜିକାଲି ଏକ ଭାଇରାଲ ଫ୍ଲୁ ବ୍ୟାପୁଥିବାର ଜଣାପଡିଛି, ଯାହା ଏବେ ଚିନ୍ତାଜନକ ପରିସ୍ଥିତିକୁ ପହଞ୍ଚିଛି। ଏହି ଫ୍ଲୁ ଗତବର୍ଷ ଅଗଷ୍ଟମାସରେ ସାମ୍ନାକୁ ଆସିଥିଲା। ସେତେବେଳେ ଏହା ଏତେ ବିପଦଜନକ ମନେ ହୋଇନଥିଲା। ହେଲେ ଏବେ ଏହା ଲୋକଙ୍କୁ ଦ୍ରୁତ ସଂକ୍ରମିତ କରୁଛି। ଏହି ଭାଇରାଲ ଇନଫେକ୍ସନ ମାମଲା ଦିଲ୍ଲୀ-ଏନସିଆରର ୫୪% ଘରେ ରହିଛି। ସ୍ଥାନୀୟ ହସ୍ପିଟାଲ ଡାକ୍ତରମାନେ ଏହା ସାମାନ୍ୟ ଭାଇରାସ ଠାରୁ ଟିକେ ଅଧିକ ବିପଦପୂର୍ଣ୍ଣ ବୋଲି କହୁଛନ୍ତି। ସ୍ଥାନୀୟ ହସ୍ପିଟାଲ ଡାକ୍ତରଙ୍କ ସୂଚନା ଅନୁସାରେ ଟାଇମସ୍ ଅଫ ଇଣ୍ଡିଆ ରିପୋର୍ଟରେ କୋଭିଡ ଏକ ବ୍ୟାପୁଥିବା ଭୂତାଣୁ ଥିଲା, ଯାହାର ତଥ୍ୟ ସାରା ବିଶ୍ୱର ଲୋକଙ୍କୁ ଚମକାଉଥିଲା। ଦିଲ୍ଲୀ ଓ ଆଖପାଖର ଲୋକଙ୍କ ମଧ୍ୟରେ ଏହି ଭାଇରାସ ଏବେ ଦ୍ରୁତ ବ୍ୟାପୁଛି।




ଏହାର ଲକ୍ଷଣ ମଧ୍ୟ କୋଭିଡ ଭଳି, ଯେଉଁଥିରେ କାଶ, ଜ୍ୱର, ତଣ୍ଟିଦରଜ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି। ଏହି ଭୂତାଣୁ ଦ୍ୱାରା ପାଖାପାଖି ୧୩ ହଜାରରୁ ଅଧିକ ଲୋକେ ଏ ପର୍ଯ୍ୟନ୍ତ ସଂକ୍ରମିତ ହେଲେଣି। ଯେଉଁଥି ପାଇଁ ଏବେ ସାବଧାନତା ଅବଲମ୍ବନ କରାଯାଉଛି। ସଂକ୍ରମିତଙ୍କ ମଧ୍ୟରୁ ୬୩ ପ୍ରତିଶତ ପୁରୁଷ ହୋଇଥିବା ବେଳେ ୩୭ ପ୍ରତିଶତ ମହିଳା ଅଛନ୍ତି। ଏହି ଭୂତାଣୁ ଯୋଗୁ ୯ ପ୍ରତିଶତ ଲୋକଙ୍କ ଘରେ ୪ ଜଣରୁ ଅଧିକ ଅସୁସ୍ଥ ହୋଇଛନ୍ତି। ଡାକ୍ତରଙ୍କ ଅନୁସାରେ ଫ୍ଲୁର ଲକ୍ଷଣରେ ବ୍ରୋଙ୍କାଇଟିସ୍, ନିମୋନିଆ ଓ ତରଳ ଝାଡା ହେଉଛି। ଏଣୁ ଭୂତାଣୁ ସଂକ୍ରମିତ ଅଧିକାଂଶ ଲୋକେ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ଏତେ ଅଧିକ ଯେ ଏହି ବୃଦ୍ଧି ଏବେ ଗୁରୁତର ରୋଗର ସୂଚନା ଦେଉଛି। ଏହି ଭୂତାଣୁ ୫୦ ବର୍ଷ ବୟସରୁ ଅଧିକ ବୟସ୍କ ଲୋକ, ଛୋଟ ପିଲା, ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରଲ ରୋଗୀଙ୍କ ଲାଗି ଅଧିକ ବିପଦଜନକ। ଏହା ଛଡା ଆଜମା ରୋଗୀ, ଦୁର୍ବଳ ଇମ୍ୟୁନିଟି ଥିବା ଲୋକଙ୍କ ଲାଗି ମଧ୍ୟ ଏହି ସଂକ୍ରମଣ ବିପଦଜନକ ହୋଇପାରେ। ଏଣୁ ଏହି ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ଡାକ୍ତର ଲୋକଙ୍କୁ ଜନଗହଳି ପୂର୍ଣ୍ଣ ଅଞ୍ଚଳକୁ ନ ଯିବା, ବାରମ୍ବାର ହାତ ଧୋଇବା ଓ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣରୁ ବର୍ତ୍ତି ରହି ପାରିବେ ବୋଲି କୁହାଯାଇଛି। ସେହିପରି ଖାଦ୍ୟରେ ଭିଟାମିନ, ପ୍ରୋବାୟୋଟିକ୍ସ ଓ ଆଣ୍ଟିଏକ୍ସିଡେଣ୍ଟ ଯୁକ୍ତ ଖାଦ୍ୟ ସାମିଲ କରିବାରୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିରେ ଯଦି ଲକ୍ଷଣ ଗୁରୁତର ହୁଏ ତେବେ ତୁରନ୍ତ ହସ୍ପିଟାଲ ଯିବାକୁ କୁହାଯାଇଛି।

# ମହିଳାଙ୍କ ହାତରେ ମୋଦିଙ୍କ ସୁରକ୍ଷା



**ନୂଆଦିଲ୍ଲୀ,୮।୩:** ମାର୍ଚ୍ଚ ୮ ସାରା ବିଶ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ଏହି ଅବସରରେ, ଭାରତରେ ମଧ ଏକ ଐତିହାସିକ କାର୍ଯ୍ୟ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜରାଟ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ, ତାଙ୍କ ସୁରକ୍ଷା ମହିଳାମାନଙ୍କ ହାତରେ ରହିବ। ଅନ୍ତର୍ଜାତୀୟ ମହିଳା ଦିବସରେ, ମୋଦି ଗୁଜରାଟର ନବସାରୀ ଜିଲାରେ ମହିଳା ଦିବସ କାର୍ଯ୍ୟକ୍ରମରେ ଏକ ମେଗା ଇଭେଣ୍ଟକୁ ସମ୍ବୋଧିତ କରିବେ। ଏହି ଅବସରରେ, ମହିଳା ଶକ୍ତିର ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିବ; ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ମହିଳା ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ମୋଦି ମହିଳାମାନଙ୍କୁ ସେମାନଙ୍କ ଶକ୍ତି ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି, ମହିଳା ଦିବସରେ ଆମେ ନାରୀ ଶକ୍ତିକୁ ପ୍ରଣାମ କରୁଛୁ! ଆମ ସରକାର ସବୁବେଳେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରିଆସିଛି, ଯାହା ଆମର ଯୋଜନା ଏବଂ କାର୍ଯ୍ୟକ୍ରମରେ ପ୍ରତିଫଳିତ ହୁଏ। ଆଜି, ପ୍ରତିଶ୍ରୁତି ଅନୁଯାୟୀ, ମୋର ସୋସିଆଲ ମିଡିଆ ସମ୍ପତ୍ତି ବିଭିନ୍ନ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରୁଥିବା ମହିଳାମାନଙ୍କ ଦ୍ୱାରା ଦଖଲ କରାଯିବ! ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଂଘଭି ଗୁରୁବାର କହିଛନ୍ତି ଯେ, ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁଜରାଟ ପୋଲିସ ଏକ ଅନନ୍ୟ ପଦକ୍ଷେପ ନେଉଛି। ଭାରତର ଇତିହାସରେ ପ୍ରଥମ ଥର ପାଇଁ, କେବଳ ମହିଳା ପୋଲିସ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୁରକ୍ଷା ପରିଚାଳନା କରିବେ। ନବସାରୀର ଭାନସି ବୋର୍ସି ଗାଁର ହେଲିପ୍ୟାଡରେ ପହଞ୍ଚିବା ଠାରୁ ଆରମ୍ଭ କରି କାର୍ଯ୍ୟକ୍ରମ ସ୍ଥଳ ପର୍ଯ୍ୟନ୍ତ, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ମହିଳାମାନଙ୍କ ହାତରେ ରହିବ। ମନ୍ତ୍ରୀ କହିଛନ୍ତି ଯେ ମହିଳା ପୋଲିସ କର୍ମଚାରୀଙ୍କ ମଧ୍ୟରେ ଆଇପିଏସ ଅଧିକାରୀ ଏବଂ କନଷ୍ଟେବଳ ସାମିଲ ହେବେ। ପ୍ରଧାନମନ୍ତ୍ରୀ ଶୁକ୍ରବାର ଏବଂ ଶନିବାର ଦୁଇ ଦିନିଆ ଗୁଜରାଟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଏବଂ ନଗର ହାବେଲୀ ଗସ୍ତରେ ଯିବେ, ଏହି ସମୟରେ ସେ ମାର୍ଚ୍ଚ ୮ ତାରିଖରେ ଭାଂସି ବୋର୍ସି ଗ୍ରାମରେ 'ଲଖପତି ଦିଦି ସମ୍ମିଳନୀ'କୁ ସମ୍ବୋଧିତ କରିବେ।

ମନ୍ତ୍ରୀ କହିଛନ୍ତି ଯେ ସମସ୍ତ ମହିଳା ପୋଲିସ କର୍ମଚାରୀ, ଯେଉଁଥିରେ ୨୧୦୦ ରୁ ଅଧିକ କନଷ୍ଟେବଳ, ୧୮୭ ସବ-ଇନ୍ସପେକ୍ଟର, ୬୧ ପୋଲିସ ଇନସ୍ପେକ୍ଟର, ୧୬ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ, ୫ ଏସପି, ଜଣେ ଇନ୍ସପେକ୍ଟର ଜେନେରାଲ ଅଫ ପୋଲିସ ଏବଂ ଜଣେ ଅତିରିକ୍ତ ଡିଜିପି ରାଙ୍କ ଅଧିକାରୀ ସାମିଲ ଅଛନ୍ତି, ସୁରକ୍ଷା ଦାୟିତ୍ୱ ତୁଲାଇବେ। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ବରିଷ୍ଠ ମହିଳା ଆଇପିଏସ ଅଧିକାରୀ ଏବଂ ଗୃହ ସଚିବ ନିପୁନା ତୋରାଭନେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବେ।

ଗୁଜରାଟରେ ନିଆଯାଇଥିବା ଏହି ପଦକ୍ଷେପ କେବଳ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଲୋକଙ୍କୁ ମହିଳା ଶକ୍ତି ବିଷୟରେ ଏକ ବଡ଼ ବାର୍ତ୍ତା ଦେବ। ମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ଦେଖାଇବ ଯେ ଗୁଜରାଟକୁ ଏକ ସୁରକ୍ଷିତ ରାଜ୍ୟ କରିବାରେ ମହିଳାମାନେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

## ଏଲିନା ଏବଂ ଶିଲ୍ପୀ ଚଳାଇବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୋସିଆଲ ମିଡିଆ ଆକାଉଣ୍ଟସ



ସମଗ୍ର ବିଶ୍ୱରେ ଆଜି ମହିଳା ଦିବସ ପାଳନ କରାଯାଉଛି । ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ନାରୀଶକ୍ତିକୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ମୋଦି ବିଭିନ୍ନ ଯୋଜନାର କାର୍ଯ୍ୟକ୍ରମ ମାଧମରେ ମହିଳା ସଶକ୍ତିକରଣରେ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି । ମୋଦି କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଉପଲବ୍ଧି ହାସଲ କରିଥିବା ମହିଳା ମୋ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ଭାଳିବେ । ତେଣୁ ମୋଦି ପରମାଣୁ ବୈଜ୍ଞାନିକ ଏଲିନା ମିଶ୍ର ଏବଂ ଅନ୍ତରୀକ୍ଷ ବୈଜ୍ଞାନିକ ଶିଲ୍ପୀ ସୋନିଙ୍କୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ଭାଳିବା ଦାୟିତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ଆକାଉଣ୍ଟରେ ଦୁଇ ବୈଜ୍ଞାନିକଙ୍କୁ ଲେଖିଛନ୍ତି, ଏଲିନା ମିଶ୍ର (ପରମାଣୁ ବୈଜ୍ଞାନିକ) ଏବଂ ଶିଲ୍ପୀ ସୋନି (ମହାକାଶ ବୈଜ୍ଞାନିକ)। ମହିଳା ଦିବସରେ ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟସର ନେତୃତ୍ୱ କରିବା ପାଇଁ ଆମେ ରୋମାଞ୍ଚିତ ରହିଛୁ। ଭାରତର ବିଜ୍ଞାନ ସବୁଠାରୁ ଜୀବନ୍ତ ସ୍ଥାନ । ତେଣୁ ଅଧିକରୁ ଅଧିକ ମହିଳା ଏହାକୁ ଆପଣାଇବାକୁ ଆହ୍ୱାନ କରୁଛୁ । ସେ ଆହୁରି ଲେଖିଛନ୍ତି, ଆମେ ଏଲିନା ଏବଂ ଶିଲ୍ପୀ ନିଜ ନିଜ କାମରେ ବେଶ ପାରଙ୍ଗମ । ଏହା ଅକଳ୍ପନୀୟ ଏବଂ ପରମାଣୁ ବୈଜ୍ଞାନିକ ଭଳି ସ୍ଥାନରେ ଭାରତୀୟ ମହିଳାଙ୍କୁ ଅବସର ଦେଉଛି । ଅନ୍ତର୍ଜାତୀୟ ମହିଳା ଦିବସରେ, ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟର ନବସାରୀ ଜିଲ୍ଲାରେ ମହିଳା ଦିବସ କାର୍ଯ୍ୟକ୍ରମରେ ଏକ ମେଗା ଇଭେଣ୍ଟକୁ ସମ୍ବୋଧିତ କରିବେ। ଏହି ଅବସରରେ ମହିଳା ଶକ୍ତିର ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିବ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତାଙ୍କ ସୁରକ୍ଷା ମହିଳାମାନଙ୍କ ହାତରେ ରହିବ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ୨,୧୪୫ ମହିଳା କନଷ୍ଟେବଳ, ୬୧ ଇନ୍ସପେକ୍ଟର, ୧୯୭ ପିଏସଆଇ, ୧୯ ଡିୱାଇଏସପି, ୫ ଏସପି ଏବଂ ଜଣେ ଡିଆଇଜି ରାଙ୍କର ମହିଳା ଅଧିକାରୀ ରହିବେ ।

## ଦିଲ୍ଲୀରେ ଲାଗୁ ହେଲା ମହିଳା ସମୃଦ୍ଧି ଯୋଜନା

**ନୂଆଦିଲ୍ଲୀ,୮।୩:** ଦିଲ୍ଲୀରେ ଆର୍ଥିକ ରୂପେ ଦୁର୍ବଳ ବର୍ଗର ମହିଳାଙ୍କୁ ପ୍ରତି ମାସରେ ୨୫୦୦ ଟଙ୍କା ପ୍ରଦାନ ପାଇଁ ମହିଳା ସମୃଦ୍ଧି ଯୋଜନା ଲାଗୁ ହୋଇଛି । ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜବାହାରଲାଲ ନେହରୁ ଷ୍ଟାଡିୟମରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଦିଲ୍ଲୀ କ୍ୟାବିନେଟ୍‌ରୁ ଏହି ଯୋଜନାକୁ ମଞ୍ଜୁରି ମିଳିସାରିଛି । ଏହାକୁ ଖୁବ ଶୀଘ୍ର ରାଷ୍ଟ୍ରୀୟ ରାଜଧାନୀରେ ଲାଗୁ କରାଯିବ। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ କ୍ୟାବିନେଟ୍ ବୈଠକରେ ଯୋଜନା ପାଇଁ ୫୧୦୦ କୋଟି ଟଙ୍କା ପାଣ୍ଠିକୁ ମଞ୍ଜୁରି ଦେଇଛନ୍ତି । ଯୋଜନାର ଘୋଷଣା କରି ହୋଇ ସାରିଥିବା ବେଳେ, ପଞ୍ଜୀକରଣ ପାଇଁ ଅଫିସିଆଲ୍ ତାରିଖ ଘୋଷଣା ହୋଇନାହିଁ । କେବେ ଏଥିପାଇଁ ଶୀଘ୍ର ତାରିଖ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଛି ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ ଆଜି ମହିଳା ଦିବସର ସୁନ୍ଦର ଏକ ଦିନ । ଏହାକୁ ଧାନରେ ରଖି କ୍ୟାବିନେଟ୍ ବୈଠକରେ ମହିଳା ସମୃଦ୍ଧି ଯୋଜନା ନେଇ ଆମେ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ତାହାକୁ ଅନୁମୋଦନ ଦେଇଛୁ । ସରକାର ଏହି ଯୋଜନା ପାଇଁ ବଜେଟରେ ୫୧୦୦ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଦିଲ୍ଲୀର ଗରିବ ଭଉଣୀଙ୍କୁ ଯେପରି ଯୋଜନା ଲାଭ ମିଳିପାରିବ ଏଥିପାଇଁ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ମୁଁ ଅଧକ୍ଷ ଅଛି । ଏଥିରେ କପିଲ ମିଶ୍ରା, ଆଶିଷ ସୁଦ ଓ ପରବେଶ ବର୍ମା ମଧ ଅଛନ୍ତି। ଖୁବ ଶୀଘ୍ର ଏକ ପୋର୍ଟାଲ୍ ଲଞ୍ଚ୍ କରାଯିବ । ଯୋଜନା ସହ ଜଡିତ ନିୟମାବଳୀ ମଧ ଜାରି କରାଯିବ। ସରକାର ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି କରିବେ । ଦିଲ୍ଲୀରେ ଏହି ଯୋଜନାର ଲାଭ ୧୭-୧୮ ଲକ୍ଷ ମହିଳାଙ୍କୁ ମିଳିବ । ଗୋଟିଏ ପରିବାରର ଜଣେ ମହିଳା ଏଥିପାଇଁ ଯୋଗ୍ୟ ବିବେଚିତ ହେବେ । ଆସନ୍ତା ଏପ୍ରିଲରୁ ଲାଭାର୍ଥୀଙ୍କୁ ଟଙ୍କା ମିଳିବା ନେଇ ଅନୁମାନ କରାଯାଉଛି । ମହିଳା ଓ ଶିଶୁ ବିକାଶ ବିଭାଗ ଯୋଜନାର ଡ୍ରାଫ୍ଟ ପ୍ରସ୍ତୁତ କରିଛି । ଦିଲ୍ଲୀ ନିର୍ବାଚନରେ ବିଜେପି ସଂକଳ୍ପପତ୍ର ଜାରି କରି ମହିଳାଙ୍କୁ ୨୫୦୦ ଟଙ୍କା ଆର୍ଥିକ ସହାୟତା ଦେବ ବୋଲି ଘୋଷଣା କରିଥିଲ ।

ନୀତିନ ଗଡକାରୀଙ୍କ ଘୋଷଣା

## ସରକାରଙ୍କ ଲକ୍ଷ୍ୟ ୫୦% ହ୍ରାସ ପାଉ ସଡ଼କ ଦୁର୍ଘଟଣା



**ନୂଆଦିଲ୍ଲୀ,୮।୩:** ସଡ଼କ ସୁରକ୍ଷା ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ। ସେ ତୁରନ୍ତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ଗ୍ରହଣ କରି ସଡ଼କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରଣନୀତି ବିକଶିତ କରିବାକୁ ସେ ରାସ୍ତା ନିର୍ମାଣ ଉଦ୍ୟୋଗକୁ ନିବେଦନ କରିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ଗ୍ଲୋବାଲ୍ ରୋଡ୍ ଇନଫ୍ରାଟେକ୍ ସମ୍ମିଳନୀ ଏବଂ ଏକ୍ସପୋରେ ଭାଷଣ ଦେଇ ଗଡକରୀ କହିଛନ୍ତି ଯେ ଭାରତରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ଖରାପ ସିଭିଲ୍ ଇଞ୍ଜିନିୟରିଂ, ତ୍ରୁଟିପୂର୍ଣ୍ଣ ରାସ୍ତା ଡିଜାଇନ୍ ଏବଂ ଅନୁପଯୁକ୍ତ ରାସ୍ତା ସାଇନ୍ ଏବଂ ମାର୍କିଂ ସିଷ୍ଟମ୍। ସେ କହିଥିଲେ, ସ୍ପେନ, ଅଷ୍ଟ୍ରିଆ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକରୁ ଶିକ୍ଷା ନେଇ ଏହି ତ୍ରୁଟିଗୁଡ଼ିକୁ ସୁଧାର କରାଯାଇପାରିବ। ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ଥିଲା "ଭିଜନ ଜିରୋ: ସ୍ଥାୟୀ ଇନଫ୍ରାଟେକ୍ ଏବଂ ସୁରକ୍ଷିତ ସଡ଼କ ପାଇଁ ନୀତି।'

## ଏନ୍‌ସିଡବ୍ଲ୍ୟୁକୁ କ୍ଷମା ମାଗିଲେ ଆଲ୍ଲାହାବାଦିଆ



**ନୂଆଦିଲ୍ଲୀ, ୮।୩ (ପି.ଟି.):** ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଚର୍ଚ୍ଚିତ ୟୁଟ୍ୟୁବର୍ ରଣବୀର ଆଲ୍ଲାହାବାଦିଆ ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଶୁକ୍ରବାର ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ)କୁ ଲିଖିତ ଭାବେ କ୍ଷମା ମାଗିଛନ୍ତି। ଏନେଇ ଏନ୍‌ସିଡବ୍ଲ୍ୟୁ ଅଧକ୍ଷା ବିଜୟା ରାହାତକର ସୂଚନା ଦେଇଛନ୍ତି। ସେ କହିଛନ୍ତି,ଅନ୍‌ଲାଇନ ଶୋ'ରେ ଉଭୟ ଦେଇଥିବା ମନ୍ତବ୍ୟ ଆଦୌ ଗ୍ରହଣୀୟ ନ ଥିଲା। ଏଣୁ ଉଭୟଙ୍କୁ ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ନୋଟିସ ଜାରି କରାଯାଇଥିଲା।

ସେନାମୁଖ୍ୟଙ୍କ ବଡ଼ ବୟାନ

# ଚୀନ୍ ଉପରେ ବିଶ୍ୱାସ ନାହିଁ

**ନୂଆଦିଲ୍ଲୀ,୮।୩:** ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଚାଇନା ଏବଂ ପାକିସ୍ତାନ ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଚାଇନା ଉପରେ ବିଶ୍ୱାସ କରାଯାଇପାରିବ ନାହିଁ। ସେହି ସମୟରେ ପାକିସ୍ତାନ ସମ୍ପର୍କକୁ ନେଇ ମଧ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଭାରତୀୟ ସେନା ଦ୍ରୁତ ଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଚାଇନା ସହିତ ସମ୍ଭାବ୍ୟ ଯୁଦ୍ଧର ପରିସ୍ଥିତି ସେନା ମୁଖ୍ୟ କହିଛନ୍ତି, ଭାରତୀୟ ସେନା ଡ୍ରୋନ ପ୍ରଯୁକ୍ତିବିଦ୍ୟା ସମେତ ନୂତନ



ସାମରିକ କ୍ଷମତା ଉପରେ ନିରନ୍ତର କାମ କରୁଛି। ସେ କହିଛନ୍ତି ଯେ, ଭାରତ ପାଖରେ ଏପରି ଉନ୍ନତ ଡ୍ରୋନ୍ ଅଛି ଯାହା ଏକେ-୪୭ ଚଲାଇପାରିବ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଯଦି ଚାଇନା ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୁଏ, ତେବେ ଭାରତ ମଧ୍ୟ ସମାନ ଶକ୍ତି ସହିତ ଜବାବ ଦେବାକୁ ସମ୍ପୂର୍ଣ୍ଣ ସକ୍ଷମ। ସେହି ସମୟରେ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଚାଇନାକୁ ବିଶ୍ୱାସ କରାଯାଇପାରିବ ନାହିଁ। ଯଦିଓ ଯୁଦ୍ଧ କୌଣସି ଦେଶର ସ୍ୱାର୍ଥରେ ନୁହେଁ, କିନ୍ତୁ ଆବଶ୍ୟକ ପଡ଼ିଲେ, ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଜବାବ ଦେବାକୁ ସକ୍ଷମ। ୨୦୨୦ରେ ପୂର୍ବ ଲଦାଖର ଡେପସାଙ୍ଗ ଏବଂ ଡେମଚୋକ ଅଞ୍ଚଳରେ ଭାରତୀୟ ଏବଂ ଚାଇନା ସୈନିକଙ୍କ ମଧ୍ୟରେ ସଂଘର୍ଷ ପରେ ପରିସ୍ଥିତି ଉପରେ ସେନା ମୁଖ୍ୟ କହିଥିଲେ ଯେ ପରିସ୍ଥିତି ଏବେ ସ୍ୱାଭାବିକ। ଯେତେବେଳେ ଆବଶ୍ୟକ ହୁଏ, ଉଭୟ ଦେଶର ସେନା ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରନ୍ତି ଯାହା ଦ୍ୱାରା ଶାନ୍ତି ବଜାୟ ରହେ। ପାକିସ୍ତାନ ସମ୍ପର୍କରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ଏହି କାରଣରୁ ଭାରତୀୟ ସେନାକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। ସେ ଏହା ମଧ୍ୟ କହିଥିଲେ ଯେ ଜମ୍ମୁ ଏବଂ କଶ୍ମୀରରେ, ଯେଉଁଠାରେ ପୂର୍ବରୁ ଆତଙ୍କବାଦର ବିପଦ ଥିଲା, ଏବେ ସେଠାରେ ପର୍ଯ୍ୟଟନ ସମୃଦ୍ଧ ହେଉଛି। ସେ କହିଥିଲେ, 'ଆମେ ଆତଙ୍କବାଦରୁ ପର୍ଯ୍ୟଟନ ପର୍ଯ୍ୟନ୍ତ ବହୁତ ଆଗକୁ ଆସିଛୁ।' ଜମ୍ମୁ ଏବଂ କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସେନା ଅନେକ ସଫଳ ଅପରେଶନ କରିଛି, ଯାହା ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଆଣିଛି।

## ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍

# ଆଜି ଭାରତ-ନ୍ୟୁଜିଲାଣ୍ଡ ଟାଇଟଲ ଲଢ଼େଇ

**ଦୁବାଇ, ୮।୩:** ରବିବାର ଦିନ ଚଳିତ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଇତି ମଧ୍ୟରେ ଟାଇଟଲ ଲଢ଼େଇ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଫାଇନାଲ୍ ପୂର୍ବରୁ ଉଭୟ ଦଳ ଲିଗ୍ ରାଉଣ୍ଡରେ ପରସ୍ପରକୁ ଭେଟି ସାରିଛନ୍ତି। ତେଣୁ ପରସ୍ପର ଶକ୍ତି ଓ ଦୁର୍ବଳତା ସହ ଉଭୟ ଦଳ ପରିଚିତ। ଫାଇନାଲ୍ ମୁକାବିଲା ପୂର୍ବରୁ ଉଭୟ ଦଳ ସମସ୍ତ ତ୍ରୁଟି ସୁଧାରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଲିଗ୍ ମ୍ୟାଚ୍‌ରେ ଭାରତ ଉକ୍ତ ମ୍ୟାଚ୍ ଜିତିଥିଲେ ହେଁ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇବା ଏତେ ସହଜ ହେବ ନାହିଁ। ଲିଗ୍ ମ୍ୟାଚ୍ ଜରିଆରେ କିଵି ଦଳ ଦୁବାଇର ପିଚ୍ ପରଖି ସାରିଛି। ଲିଗ୍ ଓ ସେମି ଫାଇନାଲ୍ ରାଉଣ୍ଡର ପ୍ରଦର୍ଶନକୁ ଦେଖିଲେ ନ୍ୟୁଜିଲାଣ୍ଡ ସବୁଠୁ ଶକ୍ତିଶାଳୀ ମନେ ହେଉଛି। କାରଣ ପାକିସ୍ତାନରୁ ଦୁବାଇ ଓ ଦୁବାଇରୁ ପାକିସ୍ତାନ ଯାତ୍ରା ସତ୍ତ୍ୱେ ନ୍ୟୁଜିଲାଣ୍ଡ ସବୁ କ୍ଲାନ୍ତିକୁ ପଛରେ ପକାଇ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଭାରତ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ କେବଳ ଗୋଟିଏ ହୋଟେଲରେ ଅବସ୍ଥାନ କରିବା ସହ ଯାତ୍ରା କ୍ଲାନ୍ତିରୁ ଦୂରେଇ ରହି ଗୋଟିଏ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳିଛି। ଲିଗ୍ ରାଉଣ୍ଡରେ ମଧ୍ୟ ଭାରତକୁ କଡ଼ା ଟକ୍କର ଦେଇଥିଲା ନ୍ୟୁଜିଲାଣ୍ଡ। ଭାରତକୁ ମାତ୍ର ୨୪୯ ରନ୍ ମଧ୍ୟରେ ସୀମିତ ରଖିବା ବଡ଼ ସଫଳତା କହିଲେ ଭୁଲ ହେବ ନାହିଁ। ଜବାବରେ କେନ ୱିଲିୟମସନ ଦମଦାର ବ୍ୟାଟିଂ କରି ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ସ୍ପିନ୍ ବୋଲିଂର ମୁକାବିଲା କରି ନପାରି ନ୍ୟୁଜିଲାଣ୍ଡ ଲୟ ହରାଇ ପରାଜିତ ହୋଇଥିଲା। ୱିଲିୟମସନ କ୍ରିଜରେ ଥିବା ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ମ୍ୟାଚ୍ ରହିଥିଲା।



ବିଜୟ ସତ୍ତ୍ୱେ ଲିଗ୍ ମ୍ୟାଚ୍‌ରୁ ଭାରତକୁ ବଡ଼ ଶିକ୍ଷା ମିଳିଛି। ନ୍ୟୁଜିଲାଣ୍ଡକୁ ହାଲକା ଭାବେ ନେବା ଭାରି ପଡ଼ିବ। ପୂର୍ବ ରେକର୍ଡ ମଧ୍ୟ ନ୍ୟୁଜିଲାଣ୍ଡ ପକ୍ଷରେ ରହିଛି। ୨୦୦୦ ମସିହାରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିଅନ୍ ହୋଇଥିଲା। ସେତେବେଳେ ଏହି ଟୁର୍ଣ୍ଣାମେଣ୍ଟର ନାମ ଥିଲା ଆଇସିସି ନକ୍ ଆଉଟ୍। ଏହାପରେ ଭାରତ ୨୦୦୨ ଓ ୨୦୧୩ରେ ୨ଥର ଚାମ୍ପିଅନ୍ ହୋଇଛି। ମାତ୍ର ନ୍ୟୁଜିଲାଣ୍ଡ ବିପକ୍ଷ ପରାଜୟକୁ ଭୁଲି ନାହିଁ। ୨୫ ବର୍ଷ ପରେ ପ୍ରତିଶୋଧ ନେବାର ସମୟ ଆସିଛି। କ୍ରିକେଟ୍ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇବାକୁ ହେଲେ ରୋହିତ ବାହିନୀକୁ ୩ଜଣ ଖେଳାଳିଙ୍କ ପ୍ରତି ସତର୍କ ରହିବାକୁ ହେବ। ଏହି ୩ ଖେଳାଳି ହେଲେ ମିଚେଲ ସାଣ୍ଟନର, ରଚିନ ରବିନ୍ଦ୍ର ଓ କେନ ୱିଲିୟମସନ। ଅଧିନାୟକ ତଥା ବାମ ହାତି ସ୍ପିନର ସାଣ୍ଟନର ଭାରତ ବିପକ୍ଷରେ ସର୍ବଦା ଚମତ୍କାର ପ୍ରଦର୍ଶନ କରୁଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ମଧ୍ୟ ପ୍ରଦର୍ଶନ ଭଲ ରହିଛି। ଦୁବାଇ ବ୍ୟତୀତ ପାକିସ୍ତାନର ୩ଟି ଯାକ ଗ୍ରାଉଣ୍ଡରେ ମଧ୍ୟ ସାଣ୍ଟନର ଶୃଙ୍ଖଳିତ ବୋଲିଂ କରିଥିଲେ। ମଧ୍ୟ ଓଭର ଗୁଡ଼ିକରେ ପ୍ରତିପକ୍ଷ ବ୍ୟାଟରଙ୍କୁ ବାନ୍ଧି ରଖିବାର କ୍ଷମତା ତାଙ୍କ ନିକଟରେ ରହିଛି। ସେମି ଫାଇନାଲ୍ ମୁକାବିଲାରେ ଗଦ୍ଦାଫି ଷ୍ଟାଡ଼ିୟମ୍‌ର ବ୍ୟାଟିଂ ସ୍ୱର୍ଗ ପିଚ୍‌ରେ ମଧ୍ୟ ସେ ୩ଟି ୱିକେଟ୍ ନେଇ ଦକ୍ଷିଣ ଆଫ୍ରିକାର ମଧ୍ୟ ଭାଗ ଧ୍ୱଂସ କରିଥିଲେ। ଭାରତୀୟ ଦଳରେ କେବଳ ୨ଜଣ ବାମ ହାତି ବ୍ୟାଟର ରବିନ୍ଦ୍ର ଜାଡ଼େଜା ଓ ଅକ୍ଷର ପଟେଲ ରହିଛନ୍ତି। ବାକି ସବୁ ଡାହାଣ ହାତି ବ୍ୟାଟର। ତେଣୁ ସାଣ୍ଟନରଙ୍କ ବାମ ହାତି ସ୍ପିନ୍ ବୋଲିଂ ଘାତକ ସାବ୍ୟସ୍ତ ହୋଇପାରେ। ୱିଲିୟମସନଙ୍କ ଦକ୍ଷତା ସହ ଭାରତ ଭଲ ଭାବେ ପରିଚିତ। ଲିଗ୍ ମ୍ୟାଚ୍‌ରେ ୱିଲିୟମସନ ୮୧ ରନ୍‌ର ଇନିଂସ ଖେଳି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ସେ ଆଉଟ୍ ହେବା ପରେ ଭାରତର ବିଜୟ ସମ୍ଭବ ହୋଇଥିଲା। ଭାରତୀୟ ବୋଲିଂ ବାହିନୀ ବିପକ୍ଷରେ ଏକୁଟିଆ ଲଢ଼ିବାର କ୍ଷମତା ୱିଲିୟମସନଙ୍କ ନିକଟରେ ରହିଛି। ତେଣୁ ତାଙ୍କୁ ସହଜ ଆଉଟ୍ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ନଚେତ ସେ ଯେକୌଣସି ମୁହୂର୍ତ୍ତରେ ବିଜୟ ଛଡ଼ାଇ ନେବେ।

## ଆଇସିସି ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର

# ଦୌଡ଼ରେ ସ୍ମିଥ୍, ଗିଲ୍, ଫିଲିପ୍ସ

**ଦୁବାଇ, ୮।୩:** ଆଇସିସି ପକ୍ଷରୁ ଗତ ଫେବ୍ରୁଆରୀ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ତାଲିକା ଘୋଷଣା ହୋଇଛି। ଏହି ତାଲିକାରେ ୩ଜଣ ବ୍ୟାଟର ସ୍ଥାନ ପାଇଛନ୍ତି। ସେମାନେ ହେଲେ ଟିମ୍ ଇଣ୍ଡିଆର ଶୁଭମନ ଗିଲ, ଅଷ୍ଟ୍ରେଲିଆର ଷ୍ଟିଭେନ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ। ଗିଲ୍ ଫେବ୍ରୁଆରୀ ମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧୦୧.୫୦ ଆଭରେଜରେ ମୋଟ ୪୦୬ରନ୍ କରିଥିଲେ। ସେ ୮୭, ୬୦ ଏବଂ ୧୧୨ରନ୍‌ର ଜବରଦସ୍ତ ଇନିଂସ୍ ଖେଳି ଦଳକୁ ୩-୦ରେ ସିରିଜ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଏବଂ ପ୍ଲେୟାର ଅଫ୍ ଦ ସିରିଜ ବିବେଚିତ ହୋଇଥିଲେ। ଏହାପରେ ସେ ଚାମ୍ପିଅନ୍ସ ଟ୍ରଫିରେ ବାଂଲାଦେଶ ବିପକ୍ଷରେ ୧୦୧, ପାକିସ୍ତାନ ବିପକ୍ଷରେ ୪୬ରନର ଇନିଂସ୍ ଖେଳିଥିଲେ। ଭାରତ ଉଭୟ ମ୍ୟାଚ୍ ଜିତିଥିଲା। ସ୍ମିଥ୍ ଗତ ମାସ ଶ୍ରୀଲଙ୍କା ବିପକ୍ଷ ୨ଟି ଟେଷ୍ଟରେ ଯଥାକ୍ରମେ ୧୪୧, ୧୩୧ରନ୍‌ର ଦମ୍‌ଦାର ଇନିଂସ୍ ଖେଳିଥିଲେ ଏବଂ ପ୍ଲେୟାର ଅଫ୍ ଦ ସିରିଜ ପୁରସ୍କାର ପାଇଥିଲେ। ମାତ୍ର ସେ ଦିନିକିଆ ସିରିଜରେ ବିଫଳ (୧୨ ଓ ୨୯ରନ୍) ହୋଇଥିଲେ।




ଚାମ୍ପିଅନ୍ସ ଟ୍ରଫି ପ୍ରଥମ ୨ଟି ମ୍ୟାଚ୍ (ଯଥାକ୍ରମେ ୫, ଅପରାଜିତ ୧୯)ରେ ମଧ୍ୟ ନିରାଶ କରିଥିଲେ। ସେହିପରି ଫିଲିପ୍ସ ୫ଟି ଦିନିକିଆ ଖେଳି ୧୨୪.୨୧ ଷ୍ଟ୍ରାଇକ୍ ରେଟ୍‌ରେ ୨୩୬ରନ୍ କରିଥିଲେ। ସେ ପାକିସ୍ତାନରେ ଆୟୋଜିତ ତ୍ରି-ରାଷ୍ଟ୍ରୀୟ ସିରିଜରେ ଦଳକୁ ଚାମ୍ପିଅନ୍ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଳିତ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ୨ଟି ମ୍ୟାଚ୍‌ରେ ସେ ପାକିସ୍ତାନ ବିପକ୍ଷରେ ୬୧ ଓ ବାଂଲାଦେଶ ବିପକ୍ଷରେ ଅପରାଜିତ ୨୧ରନ୍ କରିଥିଲେ। ବ୍ୟାଟିଂ ଅପେକ୍ଷା ଅବିଶ୍ୱସନୀୟ ଫିଲ୍ଡିଂ ପାଇଁ ସମ୍ପ୍ରତି ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

# ଚାମ୍ପିୟନ୍ସ ଟ୍ରଫିଃ ବିଜୟୀ ଟିମକୁ ମିଳିବ କେତେ ଟଙ୍କା? ରନର୍ସ ଅପ୍ ଟିମ୍ ପାଇବ କେତେ ?

**ନୂଆଦିଲ୍ଲୀ, ୮।୩:** ସୁପର ସଣ୍ଡେରେ ହେବାକୁ ଯାଉଛି ସୁପର ଫାଇଟ୍। ରବିବାର ଭାରତ ଆଉ ନ୍ୟୁଜିଲାଣ୍ଡ ଭିତରେ ଖେଳାଯିବ ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍। ତେବେ ସାରା ବିଶ୍ୱର ଅଗଣିତ କ୍ରିକେଟ୍ ପ୍ରେମୀ, ଏହି ମ୍ୟାଚକୁ ଚାତକ ଭଳି ଚାହିଁ ରହିଥିବାବେଳେ, ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯିବ ଏହି ହାଇଭୋଲଟେଜ୍ ମ୍ୟାଚ୍। ତେବେ ଆପଣ ଜାଣିଛନ୍ତି କି, ଚାମ୍ପିୟନ୍ସ ଟ୍ରଫି ଜିତିଲେ, ଚାମ୍ପିୟନ୍ ଟିମକୁ ମିଳିଥାଏ କେତେ ଟଙ୍କା ? ଆଉ କେତେ ଟଙ୍କା ପାଇଥାଏ ରନର୍ସ ଅପ୍ ଟିମ୍? ମିଳିଥିବା ସୂଚନା ମୁତାବକ, ଚାମ୍ପିୟନ୍ସ ଟ୍ରଫି ଜିତିଲେ, ମାଲାମାଲ ହେବ ଚାମ୍ପିୟନ୍ ଟିମ। ଆଇସିସି, ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରାଇସ୍ ମନି ପୂର୍ବରୁ ହିଁ ଡିକ୍ଲାର କରିସାରିଛି। ଚାମ୍ପିୟନ୍ସ ଟ୍ରଫି ଜିତିଲେ, ଭାରତୀୟ ଟିମକୁ ମିଳିବ ପ୍ରାୟ ୨.୨୪ ମିଲିୟନ୍ ଡଲାର। ଯାହାର ଭାରତୀୟ ମୁଦ୍ରାରେ ମୂଲ୍ୟ ହେଉଛି ୧୯ କୋଟି ୪୮ ଲକ୍ଷ ଟଙ୍କା। ସେହିପରି ଚାମ୍ପିୟନ୍ସ ଟ୍ରଫିରେ ରନର୍ସ ଅପ୍ ହେଇଥିବା ଟିମକୁ ମିଳିଥିବ ୯ କୋଟି ୭୪ ଲକ୍ଷ ଟଙ୍କା। ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ୍ସ ଆଉ ରନର୍ସଅପ୍ ସହିତ ସେମିଫାଇନାଲ ହାରିଥିବା ଟିମକୁ ମଧ୍ୟ ମିଳିବ କୋଟି କୋଟି ଟଙ୍କା। ସେମିଫାଇନାଲ ହାରିଥିବା ଦୁଇ ଟିମକୁ ୪ କୋଟି ୮୭ ଲକ୍ଷ ଟଙ୍କା ମିଳିବ। ଅର୍ଥାତ ଅଷ୍ଟ୍ରେଲିଆ ସହିତ ସାଉଥ୍ ଆଫ୍ରିକା ଟିମ୍ ସେମିଫାଇନାଲ ହାରିଥିଲେ ବି, ଆଇସିସି ପାଖରୁ କୋଟି କୋଟି ଟଙ୍କା ପାଇବେ। ଏହାସହିତ ଟୁର୍ଣ୍ଣାମେଣ୍ଟରେ ୫ମ ଓ ୬ଷ୍ଠ ସ୍ଥାନରେ ଥିବା ଟିମକୁ ୩ କୋଟି ୪ ଲକ୍ଷ ଟଙ୍କା, ଏବଂ ୭ମ ଏବଂ ୮ମ ସ୍ଥାନରେ ଥିବା ଟିମକୁ ୧ କୋଟି ୪୦ ଲକ୍ଷ ଟଙ୍କା ମିଳିବ ବୋଲି ଆଇସିସି ଧାର୍ଯ୍ୟ କରିଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରତିଟି ମ୍ୟାଚ୍ ପ୍ରତିଟି ଟିମ୍ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଗ୍ରୁପ୍ ଷ୍ଟେଜରେ ମ୍ୟାଚ୍ ଜିତୁଥିବା ପ୍ରତିଟି ଟିମକୁ ୨୯ ଲକ୍ଷ ୬୧ ହଜାର ଟଙ୍କା ମିଳିଥାଏ। ଏହା ସହ ୮ଟି ଯାକ ଟିମକୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ୧ କୋଟି ୮ ଲକ୍ଷ ଟଙ୍କା ମିଳିଥାଏ। ଏହି ସବୁ ପ୍ରାଇସ୍ ମନି ପାଇଁ ଆଇସିସି ପାଖାପାଖି ୬୦ କୋଟି ଟଙ୍କା ଖର୍ଚ୍ଚ କରିବ, ଯାହାକି ୨୦୧୭ ତୁଳନାରେ ପାଖାପାଖି ୫୩ ପ୍ରତିଶତ ଅଧିକ।

## ଫିଫା ବୋର୍ଡ ବୈଠକରେ ଆଲୋଚନା

# ୨୦୩୦ ଫିଫା ବିଶ୍ୱକପ୍‌ରେ ୬୪ ଦଳକୁ ମିଳିବ ସୁଯୋଗ!

**ନୂଆଦିଲ୍ଲୀ, ୮।୩:** ଫିଫା ବିଶ୍ୱକପ୍‌କୁ ଅଧିକ ପରିବ୍ୟାପ୍ତ କରାଯିବ। ଅଧିକ ଦଳ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇବେ। ଏନେଇ ଗତ ବୁଧବାର ଦିନ ଫିଫା ବୋର୍ଡ ବୈଠକରେ ଆଲୋଚନା ହୋଇଛି। ୨୦୩୦ ବିଶ୍ୱକପ୍‌ରେ ୬୪ ଦଳ ସାମିଲ କରାଯିବା ନେଇ ଫିଫା ଚିନ୍ତା କରୁଛି। ସାରା ବିଶ୍ୱରେ ଫୁଟବଲର ଆଦର ରହିଛି। ବିଶ୍ୱରେ ଯେତିକି ପ୍ରତିଯୋଗିତା ଆୟୋଜିତ ହେଉଛି, ଫିଫା ବିଶ୍ୱକପ୍‌କୁ ଅଧିକ ଦର୍ଶକ ଦେଖିଥାନ୍ତି। ଫୁଟବଲର ଲୋକପ୍ରିୟତା ଏବଂ ଦର୍ଶକଙ୍କ ଆଗ୍ରହକୁ ଦେଖି ଫିଫା ବିଶ୍ୱକପ୍‌ର କଳେବରକୁ ବଢ଼ାଇବା ଆବଶ୍ୟକ ହୋଇ ପଡ଼ିଛି।

ଏମିତିରେ ବି ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋଙ୍କ ସମୟରେ ୨୦୨୬ ବିଶ୍ୱକପ୍‌ରେ ଦଳ ସଂଖ୍ୟା ୪୮ କରାଯାଇଛି। ଗତ ବୁଧବାର ଦିନ ଯେଉଁ ବୈଠକ ବସିଥିଲା, ଉରୁଗୁଏ ଏବଂ ଇଗନାସିଓ ଆଲୋନସୋର ପ୍ରତିନିଧି ଦଳ ୨୦୩୦ ବିଶ୍ୱକପ୍‌ରେ ଦଳ ସଂଖ୍ୟା ବଢ଼ାଇବା ନେଇ ପ୍ରସ୍ତାବ ଦେଇଥିଲେ। ଏ ପ୍ରସ୍ତାବକୁ ଅନ୍ୟ ସଦସ୍ୟମାନେ ଅଗ୍ରାହ୍ୟ କରିନଥିଲେ। ବରଂ ସମସ୍ତେ ନିରବ ରହିଥିଲେ। ଫିଫା ପକ୍ଷରୁ କୁହାଯାଇଛି ଯେ, ବିଶ୍ୱକପ୍‌ର ଶତବାର୍ଷିକ ପାଳନ (୨୦୩୦) ଅବସରରେ ୬୪ଟି ଦଳ ଖେଳିବା ବିଷୟରେ ଆମ କାଉନସିଲ ସଦସ୍ୟମାନେ ଦେଇଥିବା ପ୍ରସ୍ତାବ ବିଷୟରେ ଫିଫା ପକ୍ଷରୁ ବିଶ୍ଳେଷଣ କରାଯିବ। ୨୦୨୨ ବିଶ୍ୱକପ୍ କତାରରେ ଆୟୋଜିତ ହୋଇଥିଲା। ୩୨ଟି ଦଳ ଏହି ସଂସ୍କରଣରେ ଭାଗ ନେଇଥିଲେ। ୨୦୨୬ ସଂସ୍କରଣରେ ଏହା ୪୮କୁ ବୃଦ୍ଧି ପାଇଛି। ବିଶ୍ୱକପ୍ ୩ଟି ଦେଶ ଯଥା-ଆମେରିକା, କାନାଡ଼ା ଓ ମେକ୍ସିକୋରେ ଆୟୋଜିତ ହେବ। ୧୯୩୦ରୁ ବିଶ୍ୱକପ୍ ଆରମ୍ଭ ହୋଇଥିଲା। ତେଣୁ ୨୦୩୦ରେ ଶହେ ବର୍ଷ ପୂରଣ ହେବାକୁ ଯାଉଛି। ତେଣୁ ଏହି ସଂସ୍କରଣକୁ ଅଧିକ ପରିବ୍ୟାପ୍ତ କରିବା ନେଇ ଫିଫା ଯୋଜନା ରଖିଛି। ଯଦି ୬୪ ଦଳ ୨୦୩୦ ସଂସ୍କରଣରେ ଖେଳନ୍ତି, ତାହା ପୂର୍ବରୁ ଫିଫାର ସଂଖ୍ୟା ଗରିଷ୍ଠ ସଦସ୍ୟ ଏହି ପ୍ରସ୍ତାବ ସପକ୍ଷରେ ସହମତି ପ୍ରକାଶ କରିବାର ଆବଶ୍ୟକତା ରହିଛି। ୨୦୩୦ ବିଶ୍ୱକପ୍ ମରୋକ୍କୋ (ଆୟୋଜକ), ପର୍ତ୍ତୁଗାଲ, ସ୍ପେନ, ଆର୍ଜେଣ୍ଟିନା, ପାରାଗୁଏ ଓ ଉରୁଗୁଏରେ ଖେଳାଯିବ। ୨୦୩୪ ସଂସ୍କରଣକୁ ସାଉଦି ଆରବ ଆୟୋଜନ କରିବ। ଫିଫାରେ ମହାଦୁର୍ନୀତି ପରେ ୨୦୧୬ରେ ଇନ୍‌ଫାଣ୍ଟିନୋ ସଭାପତି ହୋଇଥିଲେ। ସେବେଠାରୁ ସେ ଫିଫାର ୨୧୧ ସଦସ୍ୟଙ୍କୁ ସହାୟତା ରାଶି ବଢ଼ାଇବା ଏବଂ ବିଶ୍ୱକପ୍‌ର କଳେବର ବଢ଼ାଇବା ଉପରେ ଅଧିକ ଧ୍ୟାନ ଦେଇ ଆସିଛନ୍ତି।

● ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପର ଫ୍ଲୋର୍ ଏକ୍ସରସାଇଜ୍ ଫାଇନାଲ୍

# ଯୋଗ୍ୟତା ଅର୍ଜନ କଲେ ତପନ



**ଭୁବନେଶ୍ୱର,୮।୩:** ବାକୁରେ ଅନୁଷ୍ଠିତ ଏଫଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପରେ ଓଡ଼ିଶାର ଖ୍ୟାତିସମ୍ପନ୍ନ ଜିମ୍ନାଷ୍ଟ ତପନ ମହାନ୍ତି ଫ୍ଲୋର୍ ଏକ୍ସରସାଇଜ୍ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ୨୨ ବର୍ଷୀୟ ମହାନ୍ତି ମୋଟ ୧୨.୬୦୦ ସ୍କୋର୍ କରି ଅଷ୍ଟମ ସ୍ଥାନରେ ରହିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ କାଜାଖସ୍ତାନର ମିଲାଦ କରିମି ସମେତ ଅନ୍ୟ ସାତ ଜଣ ଫାଇନାଲିଷ୍ଟଙ୍କ ସହ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯିଏ ୧୩.୮୩୩ ସ୍କୋର୍ ସହିତ ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷରେ ରହିଛନ୍ତି।

ପୂର୍ବରୁ ହାଙ୍ଗଜୋଉରେ ୨୦୨୩ ଏସୀୟ କ୍ରୀଡ଼ା ଏବଂ ୨୦୨୪ରେ କାଇରୋରେ ଏଫଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆପ୍ପାରାଟସ୍ ବିଶ୍ୱକପରେ ସେ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସୂଚନାଯୋଗ୍ୟ,ପ୍ରତିଯୋଗିତାରେ ସାମିଲ ଥିବା ଅନ୍ୟ ଭାରତୀୟ ଜତିନ କୁମାର କାନୋଜିଆ ୧୧.୩୩୩ ସ୍କୋର କରି ଦ୍ୱାଦଶ ସ୍ଥାନ ହାସଲ କରିବାରୁ ଫାଇନାଲରୁ ବଞ୍ଚିତ ହୋଇଛନ୍ତି।

# ଆଇପିଏଲ୍ ୨୦୨୫: ଏପ୍ରିଲ ପ୍ରଥମ ସପ୍ତାହରେ ଫେରିବେ ବୁମ୍‌ରା



ନୂଆଦିଲ୍ଲୀ,୮।୩: ଜସପ୍ରିତ ବୁମ୍‌ରାଙ୍କୁ କ୍ରିକେଟ ମଇଦାନକୁ ଫେରିବା ପାଇଁ ଆହୁରି ଅପେକ୍ଷା କରିବାକୁ ପଡ଼ିପାରେ। ଆଘାତ ଯୋଗୁ ବୁମ୍‌ରା ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଖେଳିପାରିନଥିଲେ, ଏବେ ଏକ ନୂତନ ଅପଡେଟ ଆସିଛି ଯେ ସେ ଆଇପିଏଲ ୨୦୨୫ର ପ୍ରଥମ ଦୁଇ ସପ୍ତାହରେ କୌଣସି ମ୍ୟାଚ ଖେଳିପାରିବେ ନାହିଁ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବୁମ୍‌ରା ଏପ୍ରିଲ ମାସରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇପାରନ୍ତି, ଯେତେବେଳେ ଆଇପିଏଲ ୨୦୨୫ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଛି। ବିସିସିଆଇର ଏକ ସୂତ୍ର କହିଛି, ବୁମ୍‌ରାଙ୍କ ଡାକ୍ତରୀ ରିପୋର୍ଟ ଭଲ ଅଛି। ସେ ସେଣ୍ଟର ଅଫ ଏକ୍ସଲେନ୍ସରେ ବୋଲିଂ ଅଭ୍ୟାସ ଆରମ୍ଭ କରିଛନ୍ତି। କିନ୍ତୁ ଆଇପିଏଲର ପ୍ରାରମ୍ଭିକ ମ୍ୟାଚରେ ତାଙ୍କ ଖେଳିବା ନେଇ ଆଶା କମ୍। ବର୍ତ୍ତମାନର ପରିସ୍ଥିତି ଅନୁସାରେ, ଏପ୍ରିଲ ପ୍ରଥମ ସପ୍ତାହରେ ତାଙ୍କର ପ୍ରତ୍ୟାବର୍ତ୍ତନ ସମ୍ଭବ।

# ଏପ୍ରିଲ ୧୮ରୁ କଳିଙ୍ଗ ସୁପର କପ୍ ଟୁର୍ଣ୍ଣାମେଣ୍ଟ

## ଭାଗ ନେବେ ଦେଶର ୧୬ ଟିମ୍

**ଭୁବନେଶ୍ୱର, ୮।୩:** ଆସନ୍ତା ଏପ୍ରିଲ ମାସରେ କଳିଙ୍ଗ ସୁପର କପ୍ ୨୦୨୫ ଆୟୋଜିତ ହେବା ବିଷୟ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ 'କଳିଙ୍ଗ' ରହିବ କି ନାହିଁ ସେ ବିଷୟରେ ଫୁଟବଲପ୍ରେମୀ ଦ୍ୱନ୍ଦ୍ୱରେ ରହିଥିଲେ। ମାତ୍ର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୋସିଆଲ ମିଡିଆରେ ସ୍ପଷ୍ଟ କରାଯାଇଛି। ସୋସିଆଲ ମିଡିଆରେ କୁହାଯାଇଛି, 'ଏହା ଅତି ଖୁସିର ସହ ଘୋଷଣା କରୁଛୁ ଯେ ସର୍ବଭାରତୀୟ ଫୁଟବଲ ସଂଘ କଳିଙ୍ଗ ଷ୍ଟାଡିୟମକୁ ପୁଣି ଥରେ ସମ୍ମାନଜନକ ସୁପର କପ୍, ଯାହାର ଅଫିସିଆଲ ନାମ କଳିଙ୍ଗ ସୁପର କପ୍ ଆୟୋଜନ ନେଇ ଚୟନ କରିଛନ୍ତି। ଏହି ପ୍ରତିଯୋଗିତା ଏପ୍ରିଲ ୧୮ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ।' ଦେଶର ୧୬ଟି ଶ୍ରେଷ୍ଠ ଦଳ ସୁପର କପ୍‌ରେ ଭାଗ ନେବେ। ଚାମ୍ପିଅନ୍ସ ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍-୨ ପ୍ଲେ ଅଫ୍‌କୁ ଯୋଗ୍ୟତା ହାସଲ କରିବ। ୨୦୧୮, ୨୦୧୯ ଏବଂ ୨୦୨୪ ସଂସ୍କରଣରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଗତ ସଂସ୍କରଣରେ ଇଷ୍ଟବେଙ୍ଗଲ ୩-୨ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାଜିତ କରି ଟାଇଟଲ ଜିତିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପୁଲିସକୁ...

୨୦୨୫ ବର୍ଷର ପ୍ରଥମ ୧୫ ଦିନରେ ଅର୍ଥାତ ଜାନୁଆରୀ ୧ ତାରିଖରୁ ୧୫ ତାରିଖ ମଧ୍ୟରେ ୧୮୯୩ଟି ମାମଲା ହୋଇଥିଲା। ୨୦୨୪ରେ ମୋଟ ୩୭୫ କୋଟି ୯୦ ଲକ୍ଷ ୪୦ ହଜାର ଟଙ୍କାର ଅନଲାଇନ ବ୍ୟାଙ୍କ ଠକେଇ ହୋଇଥିଲା। ସେମଧ୍ୟରୁ ପୁଲିସ ୩ କୋଟି ୯୭ ଲକ୍ଷ ୪୦ ହଜାର ଟଙ୍କା ଉଦ୍ଧାର କରିପାରିଥିଲା। ୨୦୨୫ର ପ୍ରଥମ ୧୫ ଦିନରେ ୨୧ କୋଟି ଟଙ୍କାର ଅନଲାଇନ ଠକେଇ ହୋଇଥିବା ବେଳେ ପୁଲିସ ମାତ୍ର କୋଟିଏ ୬୧ ଲକ୍ଷ ଟଙ୍କା ଉଦ୍ଧାର କରିପାରିଛି। ଗୃହ ବିଭାଗ ପକ୍ଷରୁ ମିଳିଥିବା ଏହି ତଥ୍ୟକୁ ଦେଖିଲେ ରାଜ୍ୟରେ ସାଇବର ଅପରାଧର ଚେର କେଉଁ ହାରରେ ବ୍ୟାପକ ହେଉଛି ତାହା ସହଜେ ଅନୁମେୟ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାରେ ଏହାର ନିୟନ୍ତ୍ରଣ କରିବାକୁ ଚେଷ୍ଟା କରି ବି ଫେଲ ମାରୁଛନ୍ତି। ଏଭଳି ଟ୍ରେଣ୍ଡ କେବଳ ରାଜ୍ୟ ପାଇଁ ନୁହେଁ, ସାରା ଦେଶ ପାଇଁ ଚିନ୍ତାଜନକ। କେତେକ କ୍ଷେତ୍ରରେ ଯୁବତୀମାନେ ସାଇବର ଅପରାଧର ଶିକାର ହୋଇ ଲୋକଲଜ୍ଜାକୁ ଡରି ଥାନାରେ ଅଭିଯୋଗ କରୁନାହାଁନ୍ତି। ଏପରିକି ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ବହୁ ମାମଲା ଥାନାକୁ ଆସୁନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ଜିଲ୍ଲାରେ ସାଇବର ପୁଲିସ ଷ୍ଟେସନ କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ରାଜ୍ୟର ୧୪ଟି ଜିଲ୍ଲାରେ ସାଇବର ଥାନା ଥିବା ବେଳେ ବାକି ୨୦ଟି ପୁଲିସ ଜିଲ୍ଲାରେ ଖୁବଶୀଘ୍ର ଆବଶ୍ୟକ ତାଲିମପ୍ରାପ୍ତ ଅଧିକାରୀଙ୍କୁ ନେଇ ସାଇବର ଥାନା ପ୍ରତିଷ୍ଠା ହେବ। ଏଥିସହିତ ଭୁବନେଶ୍ୱରରେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତାସମ୍ପନ୍ନ ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା ହେବ ଯେଉଁଠାରେ ପୁଲିସ ଅଧିକାରୀଙ୍କୁ ସାଇବର ନେଟୱର୍କକୁ କ୍ରାକ୍ କରିବାକୁ ଆବଶ୍ୟକ ତାଲିମ ଦିଆଯିବ। ସେହିଭଳି ରାଜ୍ୟରେ ଏକ ଜାତୀୟ ଫରେନସିକ ସାଇନ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଏହି ବିଶ୍ୱବିଦ୍ୟାଳୟରେ ରାଜ୍ୟ ପୁଲିସ ସହଭାଗିତାରେ ସାଇବର ଅପରାଧର ତଦନ୍ତ ପାଇଁ ଦକ୍ଷତା ବୃଦ୍ଧି କରିବାକୁ ଆବଶ୍ୟକ ବୈଷୟିକ ତାଲିମ ଦିଆଯିବ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ସରକାରୀ ମଞ୍ଚରେ...

ସେ କିପରି ଭାବେ ସରକାରଙ୍କୁ ଟାର୍ଗେଟ୍ କଲେ, ତାହା ସମସ୍ତଙ୍କ ପାଇଁ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜୟନାରାୟଣ ତାଙ୍କ ଭାଷଣରେ କହିଥିଲେ ଯେ ସମ୍ବଲପୁରର ଲୋକମାନଙ୍କୁ ଜାଣି ରଖିବା କଥା। ଉତ୍କଳ କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଉଛି। ଉତ୍କଳ, କଳିଙ୍ଗ, କୋଶଳ ମିଶି ଓଡ଼ିଶା ଗଠନ ହୋଇଛି। କିନ୍ତୁ କେବଳ ଉତ୍କଳର ଜୟଗାନ ହେଉଛି, ବାକି କୋଶଳ ଓ କଳିଙ୍ଗର ସମ୍ମାନ କିଛି ବି ନାହିଁ। ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ଅର୍ଥ, ଜଙ୍ଗଲ, ପାଣି, ଚାଷ, ଚାକିରି ସବୁଥିରେ ଶୋଷଣ କରାଯାଉଛି। ଏଥିସହ ସାଂସ୍କୃତିକ ଭାବେ ମଧ୍ୟ ଆମକୁ ଶୋଷଣ କରିବାକୁ ସରକାର ଉଦ୍ୟମ କରୁଥିବା ଜୟନାରାୟଣ କହିଛନ୍ତି। ଏଥିସହ ସ୍ୱତନ୍ତ୍ର ଉତ୍କଳ ପ୍ରପ୍ରଦେଶ ଗଠନ ଏକ ଐତିହାସିକ ଭୁଲ୍ ବୋଲି ଶ୍ରୀ ମିଶ୍ର କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ବିରୋଧୀ ଦଳରେ ଥିବା ସମୟରେ ଜୟନାରାୟଣ ବିଜେଡି ସରକାର ଉପରେ ପଶ୍ଚିମ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା ନେଇ ଦୋଷ ଲଦିଆସୁଥିଲେ। କିନ୍ତୁ ଏବେ ବିଜେଡି କ୍ଷମତାରୁ ହଟିଯାଇଛି ଓ ବିଜେପି କ୍ଷମତା ଦଖଲ କରି ସରକାର ଗଠନ କରିଛି। ତାଙ୍କ ନିଜ ଦଳ କ୍ଷମତାରେ ଥିବା ବେଳେ କେଉଁ ଉଦ୍ଦେଶ୍ୟ ନେଇ ଜୟନାରାୟଣ ଏପରି ମତ ଦେଇଛନ୍ତି, ତାହା ଏବର ସବୁଠାରୁ ବଡ଼ ପ୍ରଶ୍ନ। ଏପରି ଅଭିଯୋଗ କରି ସେ କାହା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହା ସବୁଠି ଚର୍ଚ୍ଚାର ବିଷୟ। ଅନ୍ୟପକ୍ଷରେ ଜୟନାରାୟଣଙ୍କ ଏପରି ମତକୁ ବିଜେଡି ପକ୍ଷରୁ ନିନ୍ଦା କରାଯିବା ସହ ଏହା ବିକଶିତ ଓଡ଼ିଶା ନୁହେଁ, ବରଂ ବିଖଣ୍ଡିତ ଓଡ଼ିଶା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି କହିଛନ୍ତି ଯେ ବିକଶିତ ଓଡ଼ିଶାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ବିଖଣ୍ଡିତ ଓଡ଼ିଶାର ଭାଷା କହୁଛନ୍ତି। ଜୟନାରାୟଣ ଯେଉଁଭଳି ବିଦ୍ୱେଷ ସୃଷ୍ଟିକାରୀ ବକ୍ତବ୍ୟ ଦେଇଛନ୍ତି, ତାହା ବିଜେପିର ଅସଲ ସ୍ୱରୂପକୁ ପଦାରେ ପକାଇଛି। ଭାଷାଭିତ୍ତିକ ରାଜ୍ୟ ଗଠନକୁ ୧୦୦ ବର୍ଷ ପୂରିବାକୁ ଯାଉଥିବା ବେଳେ ବିଜେପିର ଏଭଳି ଆଭିମୁଖ୍ୟ ଓଡ଼ିଶାର ଏକତା ପ୍ରତି କୁଠାରାଘାତ ବୋଲି ଡ. ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି କ୍ଷମତାକୁ ଆସିଛି। କିନ୍ତୁ ଶ୍ରୀ ମିଶ୍ରଙ୍କ ବିବାଦୀୟ ବୟାନ ଏହାର ବିରୋଧାଚରଣ କରୁଛି। ତେଣୁ ଏନେଇ ବିଜେପି ରାଜ୍ୟବାସୀଙ୍କୁ ସବୁକିଛି ସ୍ପଷ୍ଟ କରିବା ସହ ଶ୍ରୀ ମିଶ୍ର ନିଜ ମନ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବାକୁ ସେ ଦାବି କରିଛନ୍ତି। ଏଥିସହ ଓଡ଼ିଆ ଅସ୍ମିତା ପରିଷଦ ସଭାପତି ରବି ବେହେରା ଏପରି ବୟାନକୁ ନିନ୍ଦା କରିବା ସହ ଜୟନାରାୟଣ ତୁରନ୍ତ କ୍ଷମତା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି।

### ଯୋଜନାରୁ...

ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ହିଂସା ଓ ନିର୍ଯାତନାକାରୀଙ୍କୁ କଡ଼ା ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ସରକାର, ବିଶେଷଭାବେ ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ ଏବଂ ସେମାନଙ୍କ ସ୍ଥାନ କେବଳ ଜେଲର ଚାରିକାନ୍ଥରେ। ସଭ୍ୟ ସମାଜରେ ସେମାନଙ୍କର କୌଣସି ସ୍ଥାନ ନାହିଁ। ଏ ସଂକ୍ରାନ୍ତ ଆଇନକୁ କଡ଼ାକଡ଼ି ପାଳନ ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ 'ଲକ୍ଷପତି ଦିଦି' ଯୋଜନା ସମ୍ପର୍କରେ ସେ କହିଛନ୍ତି ଯେ ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ରହିଛି। ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରି ଆମେ ଦେଶର ଦ୍ୱିତୀୟ ହୋଇଛୁ। ଅଦ୍ୟାବଧି ରାଜ୍ୟରେ ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଛନ୍ତି। ରାଜ୍ୟରେ ଆଗାମୀ ୨୦୨୭ ସୁଦ୍ଧା ଅତି କମ୍‌ରେ ଏହି ସଂଖ୍ୟା ୨୫ ଲକ୍ଷରେ ପହଞ୍ଚିବ। କିନ୍ତୁ ଗତ ୨୪ ବର୍ଷରେ ମହିଳା ସଶକ୍ତିକରଣ କେବଳ ସ୍ଲୋଗାନରେ ରହିଯାଇଥିଲା। ଆମ ସରକାର ମହିଳାଙ୍କୁ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ସଶକ୍ତ କରିବାକୁ ଶପଥ ନେଇ ବିଭିନ୍ନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୪୯୩ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏଥିରେ ଜଳଯୋଗାଣ ପ୍ରକଳ୍ପ, ସଡ଼କ ଉନ୍ନତିକରଣ, ସେତୁ ନିର୍ମାଣ, ଚେକ୍ ଡ୍ୟାମ୍ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା କେନ୍ଦ୍ର ସ୍ଥାପନ, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ଆଦି ରହିଛି। କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ସାଧାରଣ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଆମେ ପାଳନ କରିଛୁ। କ୍ଷମତାକୁ ଆସିବା ମାତ୍ରେ ଆମ ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି ଓ ଏହା ଆଜି ଯେଉଁ ସ୍ତରରେ ପହଞ୍ଚିଛି, ସେନେଇ କିଛି ବି କହିବାର ଆବଶ୍ୟକତା ନାହିଁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଓ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଦେଇଛନ୍ତି।

### ନିର୍ଭୟରେ...

ଦିଗରେ ଏହା ସହାୟକ ହୋଇପାରିବ ବୋଲି ଆଶା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ଗୋଟେ ପିଢ଼ି ସଶକ୍ତ ହୁଏ। ତେଣୁ ଝିଅମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ପାର୍ବତୀ ଘୋଷ, ଡକ୍ଟର ପ୍ରତିଭା ରାୟ ଓ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ପରି ମହିୟସୀ ମହିଳାଙ୍କ ଅବଦାନକୁ ସ୍ମରଣ କରିବା ସହ ବର୍ତ୍ତମାନ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ମରଣ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରେଷ୍ଠତ୍ୱ ଅର୍ଜନ ପାଇଁ ନବରଙ୍ଗପୁରର ଦ୍ରୌପଦୀ କହଁର, ଶ୍ରୀବନ୍ତ ଜେନା, ରାୟଗଡ଼ାର ଯଶସ୍ୱିନୀ ମହାପାତ୍ର, ସୁନ୍ଦରଗଡ଼ର ବିମଳା କିଶୋରୀ ଖେସ୍, ମୟୂରଭଞ୍ଜର ସ୍ମୃତିଲତା ପରିଡ଼ା, କେନ୍ଦୁଝରର ଗୀତାଞ୍ଜଳି ନାୟକ, ପୁରୀର ସୁବ୍ରତାରାଣୀ ବେହେରା, ବଲାଙ୍ଗୀରର ସବିତା ବର୍ମା, ମାଲକାନ୍‌ଗିରିର ବୈଦେହୀ ଦୁରୁ ଓ ମୟୂରଭଞ୍ଜର ଅଶ୍ରୁମଣି ହେମ୍ବ୍ରମ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସରକାର ବଦଳିଛି, ମହିଳାଙ୍କ ପାଇଁ ଏକ ନୂଆ ଦୁନିଆ ଦେବା ପାଇଁ ଆମେ ସମସ୍ତେ କାର୍ଯ୍ୟରତ ଅଛୁ। ମହିଳାଙ୍କ ସୁରକ୍ଷା ନ ହେଲେ ଅର୍ଥନୈତିକ ଓ ସାମାଜିକ ପ୍ରଗତି ସବୁ ତୁଚ୍ଛ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶୁଭା ଶର୍ମା, ୟୁନିସେଫ୍ କ୍ଷେତ୍ର ସେବା ମୁଖ୍ୟ ସୋଲେଡାଡ୍ ହେରେରୋ ଉପସ୍ଥିତ ଥିଲେ।

### ସରିଲା...

କିଟ୍ କେଳେଙ୍କାରୀ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ଲଜ୍ଜିତ କରିଥିବା ବେଳେ ଏହାର ତଦନ୍ତ କରିବା ସକାଶେ ଏନ୍‌ଏଚ୍‌ଆର୍‌ସି ଟିମ୍‌ର ସଦସ୍ୟମାନେ ଗତ ବୁଧବାର କିଟ୍ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। କିଟ୍ ବ୍ୟତୀତ କିସ୍‌ରେ ପହଞ୍ଚି ସେଠାରେ ଆଦିବାସୀ ଛାତ୍ରଛାତ୍ରୀମାନେ ଭୋଗୁଥିବା ବିଭିନ୍ନ ସମସ୍ୟାର ସରଜମିନ୍ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଟିମ୍‌ର ସଦସ୍ୟମାନେ ସୂଚନା ଅଧିକାର କର୍ମୀ, ବରିଷ୍ଠ ନାଗରିକ, ମାନବାଧିକାର କର୍ମୀ, ସ୍ଥାନୀୟ ପୁଲିସ୍ ସମେତ କିଟ୍ ଓ କିସରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀ, ହଷ୍ଟେଲ ୱାର୍ଡେନଙ୍କ ବୟାନ ରେକର୍ଡ କରିଛନ୍ତି। କିଟରେ କେମିତି ଚାଲିଗଲା ନେପାଳୀ ଛାତ୍ରୀଙ୍କ ଜୀବନ? ଘଟଣାକୁ ଚପେଇଦେବା ସକାଶେ କେଉଁ ସ୍ତରରେ ହୋଇଥିଲା ଉଦ୍ୟମ? କାହା ପ୍ରରୋଚନାରେ ନେପାଳୀ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା ନିର୍ଯାତନା? ଏସବୁର ଖୋଳତାଡ଼ କରିଛନ୍ତି ଟିମ୍‌ର ସଦସ୍ୟଗଣ। ଏହାଛଡ଼ା କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ଜମି କେଳେଙ୍କାରୀ ନେଇ ଆସିଥିବା ସଙ୍ଗିନ ଅଭିଯୋଗ ନେଇ ବରିଷ୍ଠ ନାଗରିକ, ଆର୍‌ଟିଆଇ କର୍ମୀ ଓ ଜମି ମାଲିକଙ୍କଠାରୁ ତଥ୍ୟ ସଂଗ୍ରହ ହୋଇଛି। କେବଳ କିଟ୍ ନୁହେଁ ଆଜି କିସରେ ବି ତଦନ୍ତକାରୀ ଦଳ ଛାନ୍‌ଭିନ୍ କରିଥିଲେ। କିସ୍ ଆଦିବାସୀ ସ୍କୁଲରେ ଛାତ୍ରଛାତ୍ରୀମାନେ କିଭଳି ରହୁଛନ୍ତି, ତା'ର ଯାଞ୍ଚ୍ କରିଥିଲେ। ସେହିପରି ଏକାଧିକ ଛାତ୍ରଛାତ୍ରୀ ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିବାରୁ ତା' ଉପରେ ମଧ୍ୟ ତଦନ୍ତ କରାଯାଇଛି। କିସ୍ କର୍ତ୍ତୃପକ୍ଷଙ୍କୁ ମାରାଥନ ଜେରା ସହ ଆଦିବାସୀ ଛାତ୍ରଛାତ୍ରୀଙ୍କଠାରୁ ଏ ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତଥ୍ୟ ହାସଲ କରି ଦିଲ୍ଲୀ ଫେରିଯାଇଛନ୍ତି ଟିମ୍‌ର ସଦସ୍ୟଗଣ। ଖୁବ୍‌ଶୀଘ୍ର କମିଶନଙ୍କ ନିକଟରେ ଏନେଇ ରିପୋର୍ଟ ଦାଖଲ କରାଯିବ ବୋଲି ଲ' ରେଜିଷ୍ଟ୍ରାର ଯୋଗେନ୍ଦ୍ର ସିଂହ କହିଛନ୍ତି। ତେବେ କିଟ୍ ପ୍ରତିଷ୍ଠାତାଙ୍କ ବିରୋଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ଥିବାରୁ ଟିମ୍ କ'ଣ ରିପୋର୍ଟ ଦେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ରାଜସ୍ୱ ଓ ଜଙ୍ଗଲ...

ଓ ସହଯୋଗୀଙ୍କ ଗୋଟିଏ ପରେ ଗୋଟେ କଳା ଚିଠା ଖୋଲୁଥିବା ବେଳେ ତନାଘନା ପରେ ଦୁର୍ନୀତିର ଦ୍ୱିତୀୟ ମୁଖ୍ୟ କାର୍ପେଟଦାର ସୁଶାନ୍ତ ସାମଲଙ୍କୁ ଜେରା କରିଛି ଇଓଡବ୍ଲ୍ୟୁ। ରାଜା ସହ ମିଶି ସୋସାଇଟି ଅଫିସ ଉପରେ ସୁଶାନ୍ତ କରିଥିଲେ କବଜା। ଶ୍ରମିକ ଓ ସ୍ଥାନୀୟ ବାସିନ୍ଦାଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ କରିଥିଲେ ହଡ଼ପ।

କେନ୍ଦୁଝରର ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଖଣିର ପ୍ରଭାବିତ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ବିକାଶ ପାଇଁ ଗଠନ ହୋଇଥିଲା ଗନ୍ଧମାର୍ଦ୍ଦନ କୋ-ଅପରେଟିଭ୍ ଲୋଡିଙ୍ଗ ସୋସାଇଟି। ଅଭିଯୋଗ ହୋଇଛି ଯେ ଏହି ସୋସାଇଟି ଉପରେ କବଜା କରି ବିକାଶ ପାଇଁ ଆସୁଥିବା ଅର୍ଥ ହଡ଼ପ କରିଥିଲା ରାଜା ଚକ୍ର। ଏଥିରେ ତାଙ୍କ ମୁଖ୍ୟ ସହଯୋଗୀ ଥିଲେ ସୁଶାନ୍ତ। ସେ ୨୦୧୦/୧୧ରେ ଖଣି ଚୋରି ମାମଲାରେ ଗିରଫ ହୋଇଥିଲେ। ରାଜା ସହ ମିଶି ସୋସାଇଟି ଉପରେ କବଜା କରିବାକୁ ସୁଶାନ୍ତ କରିଥିଲେ ଚକ୍ରାନ୍ତ। ଆଉ ଏଥିରେ ସହଯୋଗ କରିଥିଲେ ବିଜେଡିର ସେତେବେଳର କ୍ଷମତାଶାଳୀ ନେତା ବବି ଦାସ। ବବିଙ୍କ ଛତ୍ରଛାୟାରେ ରହି ସୋସାଇଟି ଅର୍ଥକୁ ହଡ଼ପ କରିଥିଲେ ରାଜା ଓ ସୁଶାନ୍ତ। ଏଥିରେ ଉଭୟଙ୍କୁ ଭରପୂର ସହଯୋଗ କରିଥିଲେ କେନ୍ଦୁଝରର କିଛି ବିଜେଡି ମାର୍କା ଅଫିସର। ସୋସାଇଟିର ଯେଉଁ ସଦସ୍ୟମାନେ ରାଜାକୁ ବିରୋଧ କରିଥିଲେ, ସେମାନଙ୍କୁ ମିଛ ମାମଲାରେ ଫସାଇ ଗିରଫ କରାଯାଉଥିଲା। ଯାହାର ସୁଯୋଗ ନେଇ ସୁଶାନ୍ତ ସୋସାଇଟି ଅଫିସକୁ ନିଜ ଘରକୁ ଉଠାଇ ନେଇଥିଲେ।

ଇତିମଧ୍ୟରେ ରାଜା ଚକ୍ରଙ୍କୁ ନେଇ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି ବିଜେପି ରାଜ୍ୟସଭା ସାଂସଦ ମମତା ମହାନ୍ତ। ସେ କହିଛନ୍ତି ଯେ ରାଜା ଚକ୍ର ବିଜେଡି ନେତା ବବି ଦାସଙ୍କ ଯୋଗୁଁ ପାୱାରଫୁଲ ଥିଲେ। ସେମାନଙ୍କର ହାତ ନଥିଲେ ସେ ଏତେ ଶକ୍ତିଶାଳୀ କେମିତି ହୋଇଥାନ୍ତେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଖଣି ସମୃଦ୍ଧ କେନ୍ଦୁଝର ଜିଲ୍ଲାରେ ରାଜା ଚକ୍ରଙ୍କୁ କିଏ ଏତେ ପାୱାର ଦେଇଥିଲା ବୋଲି ପ୍ରଶ୍ନ କରିବା ସହ ମୋହନ ସରକାରରେ ଯିଏ ଦୁର୍ନୀତି କରିବ ଦଣ୍ଡ ପାଇବ ବୋଲି କହି ବିଜେଡିକୁ ଘେରିଛନ୍ତି ମମତା। ମମତାଙ୍କ ଏହି ଆରୋପର ଜବାବ ରଖିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ। ସେ କହିଛନ୍ତି ଯେ ମାମଲାର ତଦନ୍ତ ଚାଲିଛି, ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବ ସରକାର ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

### ଓଡିଶାରେ...

କହିଛନ୍ତି କେବଳ ମାମଲା ରୁଜୁ କଲେ ହେବନାହିଁ, ବରଂ ଆଇନ ଅଦାଲତରେ ସେଗୁଡ଼ିକର କିପରି ତ୍ୱରିତ ଶୁଣାଣି ହୋଇପାରିବ ସେନେଇ ବୈଠକରେ ବିଶେଷ ଆଲୋଚନା ହୋଇଛି। ଦୁର୍ନୀତି ନିବାରଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଥିବା ବିଭିନ୍ନ ବିଭାଗର ରିପୋର୍ଟ ଆଧାରରେ ସୂଚନା ଦେଇଛନ୍ତି ଜଷ୍ଟିସ ପଶାୟତ କହିଛନ୍ତି, ଚଳିତ ବର୍ଷରେ ବ୍ୟାପକ ଗଞ୍ଜେଇ ନଷ୍ଟ କରାଯାଇଛି। ଆଶାଠାରୁ ଅଧିକ ବେଆଇନ ନିଶା କାରବାର ସମ୍ପର୍କିତ ମାମଲା ରୁଜୁ ହୋଇଛି। ତେବେ ଦେଶରେ ବଢ଼ି ଚାଲିଥିବା ଜିଏସଟି ଠକେଇ, ଅନଲାଇନ ଠକେଇକୁ ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ସହିତ, ଜନ ସଚେତନତା ବୃଦ୍ଧି କରିବା ଲାଗି ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ। ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜ୍ୟ ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଡାଇରେକ୍ଟର୍ସ, ଜିଏସଟି ସମେତ ପ୍ରାୟ ୧୧ଟି ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ସୋଆ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

# ମହିଳା ସଶକ୍ତ ହେଲେ ସମାଜ ଆଗକୁ ବଢ଼ିବ



ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ କାର୍ଯ୍ୟରତ ମହିଳାମାନଙ୍କ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର ଉପସଭାପତି ଶାଶ୍ୱତି ଦାସ ସୋଆର ମହିଳା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଶ୍ରୀମତି ଦାସ ନିଜର ଅଭିଭାଷଣରେ କହିଛନ୍ତି ଯେ ନାରୀ ସମ୍ମାନର ଅଧିକାରିଣୀ। ଆଜି ପୁରୁଷ ସହ ସମସ୍କନ୍ଧ ହୋଇ ଉତୁଙ୍ଗ ଶିଖର ଛୁଇଁବା ସହ ଯୁଦ୍ଧ ବିମାନର ସଫଳ ଚାଳିକା ହୋଇପାରିଛି ନାରୀ। ଉଦ୍ୟୋଗ ଜଗତରେ ସଫଳତା ହାସଲ କରିବା ସହ କଳା, ଭାସ୍କର୍ଯ୍ୟ ଓ ଗବେଷଣା କ୍ଷେତ୍ରରେ ସେ ବେଶ ନିପୁଣା। ଘର ସମ୍ଭାଳିବାରେ ମଧ୍ୟ ନାରୀ ବେଶ ପାରଙ୍ଗମ ବୋଲି କହିଛନ୍ତି ଶ୍ରୀମତି ଦାସ। କେବଳ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ ବିଭାଗରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଦୃଷ୍ଟିରୁ ସେମାନେ ବିଶ୍ୱବିଦ୍ୟାଳୟ ଓ ସାରା ରାଜ୍ୟରେ ଉଦାହରଣ ପାଲଟିଛନ୍ତି ବୋଲି ଆନନ୍ଦ ବ୍ୟକ୍ତ କରିଛନ୍ତି ସୋଆର ଉପସଭାପତି ଶ୍ରୀମତି ଦାସ।

ଏହି କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି, ସୋଆର କଂଟ୍ରୋଲର ଅଫ୍ ଏକ୍ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ପ୍ରାଚୀନ୍ର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ନାରୀ ସଶକ୍ତିକରଣ ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ ଅନୁଭୂତି ବଖାଣି ଏହି ପ୍ରମୁଖ ମହିଳାମାନେ ଝିଅମାନଙ୍କ ସମେତ ପୁଅମାନଙ୍କୁ ମଧ୍ୟ ଉପଯୁକ୍ତ ସଂସ୍କାର ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ଓ ଏସ୍ଏନ୍ସ -୧ର ଡିନ୍ ପ୍ରଫେସର ସସ୍ମିତା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ପ୍ରଫେସର, ଫ୍ୟାକଲ୍ଟି, କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ସୁମା ରିୟଲ୍ଟି ପ୍ରାଇଭେଟ ଲିମିଟେଡ୍ର ମହିଳା ସାମ୍ବାଦିକାମାନେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ ସୋଆର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୫୪ ପ୍ରତିଶତ ଛାତ୍ରୀ ହୋଇଥିବା ବେଳେ ବିଭିନ୍ନ ଅନୁଷ୍ଠାନର ମହିଳା ଫ୍ୟାକଲ୍ଟି ଓ କର୍ମଚାରୀଙ୍କ ସଂଖ୍ୟା ୪୨ ପ୍ରତିଶତ ମହିଳା। ସେହିପରି ୪୬ ଜଣ ମହିଳା ସୋଆର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟରତ ଅଛନ୍ତି।ଏହି କାର୍ଯ୍ୟକ୍ରମରେ ଆଡିସନାଲ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପେପର ବ୍ୟାଗ ତିଆରି କରି ସ୍ୱାବଲମ୍ବୀ ମହିଳା

### ନିଜେ ରୋଜଗାର କରିବା ସହ ଅନ୍ୟଙ୍କୁ କରୁଛନ୍ତି ଆତ୍ମନିର୍ଭରଶୀଳ

କାକଟପୁର/ଅସ୍ତରଙ୍ଗ, ୮।୩ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ପଂଚାୟତ ମୁତୁଗଲ ଗାଁର ମା ଶାରଳା ଏସଏଚଜି ସଦସ୍ୟାଙ୍କ ନିଆରା ଉଦ୍ୟମ। ପଲିଥିନ ବନ୍ଦ ପରେ ଏହା ବିକଳ୍ପ ବାହାର କରିଛନ୍ତି ମହିଳା। ପେପେରରେ ବ୍ୟାଗ ତିଆରି କରି ରୋଜଗାର କରୁଛନ୍ତି ମା ଶାରଳା ଏସଏଚଜି ମହିଳା। ୨୦୦୧ସିହାରୁ ମହିଳାମାନେ ଏକତ୍ରିତ ହୋଇ ନିଜେ ରୋଜଗାରକ୍ଷମ ହେବାପାଇଁ ଋଣ ଆଣି ପେପର ବ୍ୟାଗ କାର୍ଯ୍ୟ ଆରମ୍ଭ କଲେ, କ୍ରମେ ଏହାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବାକୁ ମିଶନ ଶକ୍ତି ମାଧ୍ୟମରେ ମହିଳା ମାନେ ସ୍ୱାବଲମ୍ବୀ ହେବା ସହ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ପେପେର କଞ୍ଚା ମାଲ ଆଣି ଅଠା ଲଗାଇ ଛୋଟ ବଡ଼ ସାଇଜ ବ୍ୟାଗ ତିଆରି କରି ଆତ୍ମନିର୍ଭର ହୋଇପାରିଛନ୍ତି ମହିଳା। ପରିବେଶ ପ୍ରଦୂଷଣ ରୋକିବା ତଥା ପରିବାର ପ୍ରତିପୋଷଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ନିଆରା ପ୍ରୟାସକୁ ନେଇ ଏବେ ସବୁଠି ଚର୍ଚ୍ଚା।

ପେପର କିଲୋଗ୍ରାମ ହିସାବରେ କିଣି ସେଥିରେ ପେପେର ବ୍ୟାଗ ପ୍ରସ୍ତୁତ କରନ୍ତି ମହିଳାମାନେ। ଘର କାମ ସାରି ବଳକା ସମୟରେ ଏକାଠି ହୋଇ ପେପେର ବ୍ୟାଗ ତିଆରି କରନ୍ତି ମହିଳାମାନେ। ଏକ କିଲୋ ଗ୍ରାମ ପେପେରରେ ୧୦୦ରୁ ୧୫୦ଟି ବ୍ୟାଗ ତିଆରି ହୁଏ। ବ୍ୟବସାୟୀଙ୍କ ଆବଶ୍ୟକ ଅନୁଯାୟୀ ଛୋଟ ବଡ଼ ବ୍ୟାଗ ତିଆରି କରାଯାଏ। ଆଗକୁ ମହିଳାଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଇଲେ ଆଉ କିଛି ନୂଆ କରିବାର ଆଶା ରଖିଛନ୍ତି ଏସଏଚଜି ସଦସ୍ୟା।



ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ମହିଳା ଶିଶୁବିକାଶ ଅଧିକାରିଣୀ ମମତା ନାୟକ ଓ ବ୍ଲକ ମିଶନଶକ୍ତି ସଂଯୋଜିକା ଟିକିନା ବେହେରା କହିବାନୁଯାଇ ମହିଳା ମାନଙ୍କୁ ଏସଏଚଜିରୁ ଏସଏମଇ କରିବାକୁ ମିଶନଶକ୍ତି ମାଧ୍ୟମରେ ଋଣପ୍ରଦାନ କରାଯାଉଛି। ଯାହା ଫଳରେ ମହିଳା ଆତ୍ମନିର୍ଭରଶୀଳ ହେଉଛନ୍ତି।

# ମାର୍ଚ୍ଚ ୧୨ ପରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ !

ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ): ହିମାଳୟ ଅଞ୍ଚଳରୁ ତୀବ୍ର ଥଣ୍ଡା ଏବଂ ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ଓଡ଼ିଶାରେ ରାତ୍ରି ତାପମାତ୍ରାରେ ଗତ ୩ ଦିନ ଧରି ପତନ ଫଳରେ ଶୀତ ଦିନ ପରି ଅନୁଭୂତ ହୋଇଥିଲେ ମଧ୍ୟ ଆସନ୍ତା ୪ ଦିନ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ହୋଇପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର ପକ୍ଷରୁ ଶନିବାର କୁହାଯାଇଛି। କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ ଶନିବାର ଠାରୁ ମଙ୍ଗଳବାର ମଧ୍ୟରେ ବଙ୍ଗୋପ ସାଗର ଆଡୁ ଦକ୍ଷିଣ-ପୂର୍ବ ବାୟୁ ପ୍ରବାହ ଫଳରେ ବର୍ତ୍ତମାନର ସୁଖଦ ଅନୁଭୂତି ଜାରି ରହିପାରେ ଏବଂ ମାର୍ଚ୍ଚ ୯ ଓ ୧୦ ତାରିଖରେ ମୟୁରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ କାଳବୈଶାଖୀ ମଧ୍ୟ ହୋଇପାରେ। ମାତ୍ର ମାର୍ଚ୍ଚ ୧୨ ରୁ ୧୬ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକାଂଶ ସ୍ଥାନରେ ଦିନର ତାପମାତ୍ର ୪୦ ଡିଗ୍ରୀ ସେଲସିୟସ ବା ତାହାଠାରୁ ଅଧିକ ହୋଇପାରେ। ଉପକୂଳ ଓଡ଼ିଶାରେ ଗୋଟିଏ ବା ଦୁଇଟି ସ୍ଥାନରେ ଏହା ୩୮ ଡିଗ୍ରୀ ସେଲ୍ଫସିୟସ ଛୁଇଁପାରେ। ମାର୍ଚ୍ଚ ୧୫ ଓ ୧୮ ମଧ୍ୟରେ ଉପକୂଳ ତଥା ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ଅନୁଭୂତ ହୋଇପାରେ ବୋଲି ଡ. ସାହୁ କହିଛନ୍ତି।

# ନିର୍ମାଣ ଅନୁଷ୍ଠାନରେ ବିଶ୍ୱ ମହିଳା ଦିବସ




ବାଲକାଟି, ୮।୩ (ସଂଚାର ବ୍ୟୁରୋ): ବାଲକାଟିର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ନିର୍ମାଣ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଅଡିଟୋରିଆମରେ ବିଶ୍ୱ ମହିଳା ଦିବସ ଖୁବ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବ ରେ ଅନୁଷ୍ଠାନର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ଶ୍ରୀଯୁକ୍ତ ବିଧୁଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏବଂ ଓଡ଼ିଆ ଚଳଚିତ୍ରର ସଂଳାପ ଲେଖକ ଡକ୍ଟର ରଜନୀ ରଞ୍ଜନ ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ସମାଜରେ ମହିଳା ମାନଙ୍କର ବିଶେଷ ଅବଦାନ କୁ ଭୂୟଶୀ ପ୍ରସଂଶା କରିଥିଲେ। ଶିକ୍ଷା, ସଂସ୍କୃତି ଓ ସମାଜ ସେବା ପାଇଁ ୨୫ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଶ୍ରୀଯୁକ୍ତ ବାସୁଦେବ ଆଚାର୍ଯ୍ୟ ପରିଚାଳନା କରିବା ସହ ଅନୁଷ୍ଠାନର ଅନ୍ୟ ଶିକ୍ଷକ ମାନେ ସହଯୋଗ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାରୀର ଭୂମିକା ଉପରେ ସଂଗୀତ, ନୃତ୍ୟ ଏବଂ ନାଟକ ପରିବେଷଣ କରଯାଇଥିଲା।

# ବାଲ୍ୟ ବିବାହ ରୋକିବାକୁ ନୂଆ ପଦକ୍ଷେପ




ନବରଙ୍ଗପୁର, ୮।୩ (ସଂଚାର ବ୍ୟୁରୋ): ଜିଲ୍ଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପୁଲିସ ଓ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର ସମ୍ମନୟ ବୈଠକ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ବୈଠକରେ ଜିଲ୍ଲାପାଳ ଡଃ ମହାପାତ୍ର ଅଧ୍ୟକ୍ଷତା କରି କହିଲେ ଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ବାଲ୍ୟ ବିବାହକୁ ରୋକିବା ନିମନ୍ତେ କେବଳ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱ ରହିଥିବା ବେଳେ ଏବେ ଏହି କ୍ଷମତା କୁ ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତ ରାଜ ବିଭାଗ, ଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ପୁଲିସ ବିଭାଗକୁ ଉତ୍ତର ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତ ସ୍ତରରେ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ କାର୍ଯ୍ୟ କରିବେ। ସିଡିପିଓ ମାନେ ବ୍ଲକ ସ୍ତରରେ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ କାର୍ଯ୍ୟ କରିବେ। ସେହିପରି ପୁଲିସ ବିଭାଗ ଏହି ନୂଆ ଆଇନ ବ୍ୟବସ୍ଥାରେ ଅଧିକ ଉତ୍ତର ଦାୟିତ୍ୱ ବହନ କରୁଛନ୍ତି। ବାଲ୍ୟବିବାହ ନିଷେଧ ଅଧିକାରୀ ପୋଲିସର ସହାୟତା ନେଲେ ପୋଲିସ ତୁରନ୍ତ ପ୍ରତିକ୍ରିୟା ସହ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବାଲ୍ୟବିବାହ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ପୁଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଉତ୍କଳ ଦିବସରେ ଜୟଦେବ ଗଣଦୌଡ଼-୨୦୨୫ ପ୍ରତିଯୋଗିତା



ବାଲିଅନ୍ତା, ୮।୩ (ସଂଚାର ବ୍ୟୁରୋ): ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ନିର୍ଭୀକ ଖବର ଓ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜୟଦେବ ଗଣଦୌଡ-୨୦୨୫ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ବାଲକାଟି ସ୍ଥିତ ଶ୍ରୀ କନଭେସନ ଠାରେ ଅନୁଷ୍ଠିତ ହୋଇଯାଇଛି।

ଚଳିତ ବର୍ଷ ଏପ୍ରିଲ ୧ ତାରିଖ ଦିନ ବାଲକାଟି ସ୍ଥିତ ସଂଗୀତ ସୁଧାକର ବାଲକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ହୀରାପୁର ସ୍ଥିତ ମା' ମହାମାୟା ୬୪ ଯୋଗିନୀ ପୀଠରେ ଶେଷ ହେବ। ଏହି ଗଣଦୌଡରେ ୧୮ ରୁ ୩୫ବର୍ଷ ବର୍ଗର ଉଭୟ ମହିଳା ଓ ପୁରୁଷ ଭାଗନେଇପାରିବେ । ପ୍ରତିଯୋଗିତାରେ ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ୧୦ହଜାର,୭ହଜାର ଏବଂ ୫ହଜାର ଟଙ୍କାର ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରାଯିବ। ଆଜିଠାରୁ ଇଛୁକ ପ୍ରତିଯୋଗୀ ପଞ୍ଜିକରଣ କରିପାରିବା ପାଇଁ info.nirbhikakhabar@gmail.com ଇମେଲ ଆଇଡି କିମ୍ବା ୯୪୩୯୧୧୫୭୨୯ ୱାଟ୍ସଆପ ଜରିଆରେ ନିଜର ନାମ, ବୟସ ଓ ମୋବାଇଲ ନମ୍ବର ଦେଇ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ ନିମନ୍ତେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୯୯ଟଙ୍କା ଦେୟ ପୈଠ କରିବାକୁ ହେବ।

ଏହି ଅବସରରେ ଗଣଦୌଡର ଲୋଗୋ ଏବଂ ଜର୍ସି ଉନ୍ମୋଚନ କରାଯାଇଥିଲା। ଜୟଦେବ ନିର୍ବାଚନ ମଣ୍ଡଳୀର ଐତିହ୍ୟ ଓ ପର୍ଯ୍ୟଟନକୁ ସମୃଦ୍ଧ, ଜୀବନ୍ତ ଓ ସ୍ପନ୍ଦନମୟ କରିବାକୁ ଏହା ଏକ ଆହ୍ୱାନ ବୋଲି ମତ ରଖିଥିଲେ 'ନିର୍ଭୀକ ଖବର'ର ସମ୍ପାଦକ ଆଶୁତୋଷ ଚୌଧୁରୀ। ଯୁବ ବର୍ଗଙ୍କୁ ଏହି ଗଣଦୌଡରେ ଭାଗନେଇ ଆମ ଅଞ୍ଚଳର ଗର୍ବ ଗୌରବକୁ ଆଗେଇ ନେବାକୁ ମତବ୍ୟକ୍ତ କରିଥିଲେ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ ଅରବିନ୍ଦ ଢ଼ାଲି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଓ ଶିଶୁ ଅନନ୍ତ ପ୍ରେସ୍ କ୍ଲବର ସଭାପତି ବିଦ୍ୟାଭୂଷଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଭୀକ ଖବର ସହ ସମ୍ପାଦକ ପ୍ରଳୟ କୁମାର ଦାସ ସଭା ପରିଚାଳନା କରିଥିଲେ। ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




# କିଟ୍ ଓ କିସରେ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ୮।୩ (ସଂଚାର ବ୍ୟୁରୋ): କିଟ୍ ଓ କିସରେ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସର ଅଭିବୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । କିଟ୍ ଓ କିସ୍ ମଧ୍ୟ ମହିଳାମାନଙ୍କୁ ସବୁବେଳେ ସମାନ ସୁଯୋଗ ଓ ସମ୍ମାନ ଦେଇଆସୁଛି । ଅପରପକ୍ଷରେ କିଟ୍ ଓ କିସ୍ର ମହିଳା କର୍ମଚାରୀମାନେ କିଟ୍ ଓ କିସ୍ ସହ ସେମାନଙ୍କ ଭାବାବେଗ ଗଭୀର ଭାବେ ଜଡ଼ିତ ହୋଇ କହିଥିଲେ । ପୁରୁଷ କର୍ମଚାରୀଙ୍କ ଭଳି ସେମାନଙ୍କୁ ବ୍ୟକ୍ତିଗତ ଓ ବୃତ୍ତିଗତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ କିଟ୍ ଓ କିସ୍ କର୍ତ୍ତୃପକ୍ଷ ଏକ ଉତ୍ତମ ପରିବେଶ ସୃଷ୍ଟି କରିଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ କିସ୍ର ସେଣ୍ଟର ଫର ୱିମେନ୍ ଷ୍ଟଡିଜ୍ ପକ୍ଷରୁ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ମାଧ୍ୟମରେ ମହିଳା ସଶକ୍ତିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ କିଟ୍ ଓ କିସରେ ୫୦% ମହିଳା କର୍ମଚାରୀ କାର୍ଯ୍ୟକରୁଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ୫୦%ରୁ ଅଧିକ ।



# ପଞ୍ଚୁଦୋଳ ମେଳଣ ପ୍ରସ୍ତୁତି ବୈଠକ

ବାଲିଅନ୍ତା, ୮।୩ (ସଂଚାର ବ୍ୟୁରୋ): ପ୍ରସିଦ୍ଧ ବାଲକାଟି ପଞ୍ଚୁଦୋଳ ମେଳଣ ଏବଂ ଜମାଣ ଶୋଭାଯାତ୍ରା ନେଇ ଆଜି ସନ୍ଧ୍ୟାରେ ପଞ୍ଚାୟତ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତାପଶାସନ ସରପଞ୍ଚ ରୀନାରାଣି ବେହେରା ଅଧ୍ୟକ୍ଷତା କରିଥିଲେ । ସ୍ୱପ୍ନେଶ୍ୱର ଦେଓ୍ୱଙ୍କ ସମେତ ବିଭିନ୍ନ ଆଞ୍ଚଳରୁ ୫୪ ଗୋଟି ଦୋଳ ମେଳଣ ପଡିଆକୁ ଆସିବେ । ଶୃଙ୍ଖଳିତ ମେଳଣ ଯାତ୍ରା ନେଇ ପୁଲିସ ଏବଂ ସାହି ମୁରବିଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜମାଣ ଶୋଭାଯାତ୍ରା ଶୃଙ୍ଖଳିତ ଭାବେ ମେଳଣ ପଡିଆକୁ ଯିବା, ବିଭିନ୍ନ ଦିନରେ ପାଖାପାଖି ୫୦ ହଜାର ଲୋକଙ୍କ ସମାଗମ ହେବାକୁ ଥିବାରୁ ମୁରବିମାନେ ଯାତ୍ରା ଶୃଙ୍ଖଳିତ ଭାବେ ପରିଚାଳନା ନେଇ ଆଲୋଚନା ହୋଇଥିଲା ।ଏହି ଅବସରରେ ୫ ଦିନ ବ୍ୟାପି ହେବାକୁ ଥିବା ଯାତ୍ରାରେ ସୂଚନା କେନ୍ଦ୍ର,ଅଂଶୁଘାତ ନିରାକରଣ କେନ୍ଦ୍ର,ପାର୍କିଂ, ଚୋରି ଛିନତାଇ ରୋକିବା ନେଇ ଅଧିକ ପୁଲିସ ଫୋର୍ସ ଯୋଗାଇ ଦେବା, ଅପରାହ୍ନ ୪ଟା ସମୟରୁ ହାଇୱା ଆଦି ଭାରୀଯାନ ଜାନ ଚଳାଚଳ ବନ୍ଦ କରାଯିବା, ଟ୍ରାଫିକ ନିୟନ୍ତ୍ରଣ, ନିରାପଦ ଆତସବାଜିପ୍ରତିଯୋଗିତା ପ୍ରଦର୍ଶନ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମାହାରି,ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦି, ବସନ୍ତ ସାହୁ, କପିଳ ମହାରଣା, ସୁବ୍ରତ ମହାନ୍ତି, ଅରୁଣ ପଣ୍ଡା,ବେଣୁଧର ଭୋଇ, ବିଜୟ ସାହୁ ସୁରେନ୍ଦ୍ର ନାଥ ବେହେରା, ଶତ୍ରୁଘ୍ନ ପୃଷ୍ଟି, ମହେଶ୍ୱର ବାରିକ, ସମାଜ ସେବୀ ପବିତ୍ର କୁମାର ବେହେରା ଏବଂ ଇଞ୍ଜିନିଅର ପ୍ରଭାସ ବାରିକଙ୍କ ସମେତ ଶତାଧିକ ସାହିବାସୀ ଉପସ୍ଥିତ ଥିଲେ। ଥାନା ଅଧିକାରୀ ଅନିଲ କୁମାର ପରିଡା ଏବଂ ଫାଣ୍ଡି ଅଧିକାରୀ ରାମ ଚନ୍ଦ୍ର ସାହୁ ପଞ୍ଚୁ ଦୋଳ ମେଳଣ କମିଟି ସହିତ ଏସବୁ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଆସନ୍ତା ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ନିର୍ବାଚିତ ମହିଳା ଜନପ୍ରତିନିଧି ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରନ୍ତୁ

ଖୋର୍ଦ୍ଧା, ୮।୩ (ସଂଚାର ବ୍ୟୁରୋ): ଅନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ (ଓ.ଆଇ.ଏସ୍) ମଞ୍ଚର ମହିଳା ଶାଖା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ମଞ୍ଚ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଶାଖାର ନବ ନିର୍ବାଚିତ ଆବାହକ ସୌଦାମିନି ପଟ୍ଟନାୟକ ପୌରହିତ କରିଥିଲେ। ବାର୍ଦ୍ଧକ୍ୟରେ ମହିଳାମାନେ ଆବଶ୍ୟକ ସେବା ଯତ୍ନରୁ ବଞ୍ଚିତ ହେଉଥିବା ସହିତ ସ୍ୱାମୀମାନଙ୍କର ସେବା ଯତ୍ନ ମଧ୍ୟ କରୁଛନ୍ତି। ଆମ ସମାଜରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଇବା ଆଦୌ ଶୁଭ ଲକ୍ଷଣ ନୁହେଁ। ଶାଶୁ ବୋହୂକୁ ଝିଅ ଭଳି ଓ ବୋହୂ ଶାଶୁକୁ ମା' ଭଳି ଆନ୍ତରିକ ଭାବେ ମାନିଲେ ପରିବାର ମଧ୍ୟରେ ସୁଖ ଶାନ୍ତି ବଜାୟ ରହିବ। ମହିଳା ଶାଖାର ସଦସ୍ୟା ବୃନ୍ଦ ପରସ୍ପରର ସୁଖ ଦୁଃଖରେ ଭାଗିଦାର ହେବା ପାଇଁ ଅନୁରୋଧ କରିଥିଲେ।

ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ କହିଥିଲେ ଯେ, ଭାରତୀୟ ନାରୀ ସତୀଦାହ ପ୍ରଥା ଠାରୁ ବ୍ୟାସକବି ଫକୀରମୋହନଙ୍କର କାଳଜୟୀ ଚରିତ୍ର ରେବତୀକୁ ଅତିକ୍ରମ କରି ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ




-୨୦୨୫ ପାଳନ ଅବସରରେ 'ସମାନତା ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ' ନାରାର ସଫଳ ରୂପାୟନ ଦିଗରେ ବିଭିନ୍ନ ଗଣତାନ୍ତ୍ରିକ ସଂସ୍ଥାର ନିର୍ବାଚିତ ମହିଳା ଜନପ୍ରତିନିଧି ମାନଙ୍କୁ ନିଜର ଅଧିକାର ଓ ଦକ୍ଷତା ସାବ୍ୟସ୍ତ କରିବା ସମୟର ବଡ଼ ଆହ୍ୱାନ। ଆସନ୍ତା ବର୍ଷ ମହିଳା ଶାଖାର ସମସ୍ତ କାର୍ଯ୍ୟକ୍ରମ ମହିଳା ସଦସ୍ୟ ବୃନ୍ଦ ଆୟୋଜନ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମହିଳା ଶାଖାର ଝରଣା ମିଶ୍ର, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ ମଞ୍ଚାସୀନ ଥିଲେ ଏବଂ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇ ଏହି ଉତ୍ସବକୁ ସଫଳ କରିଥିବାରୁ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପନ ପାଇଁ ପ୍ରସ୍ତୁତି ବୈଠକ



ନାଉଗାଁ, ୮।୩ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ସାରେଇକୁଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟାକେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କ ଦେହାଂଶା ସ୍ଥାପନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୨ ତାରିଖ ହେବାକୁ ଥିବା ଶ୍ରୀଅରବିନ୍ଦଙ୍କ ଦେହାଂଶା ସ୍ଥାପନ ପାଇଁ ଗ୍ରାମର ମୁରବୀ ନିରଞ୍ଜନ ବେହୁରା, ଧୂଳେଶ୍ୱର ଲେଙ୍କା, ପ୍ରମୋଦ କୁମାର ସ୍ୱାଇଁ, ଶୁଭ୍ରାନ୍ତ ବାରିକ, ଶ୍ରୀଅରବିନ୍ଦ ଜିଲ୍ଲା ସଂଗଠକ ଧ୍ରୁବ ଚରଣ ସାହୁ, ରବୀନ୍ଦ୍ର କୁମାର ସାହୁ, ତାପସ ମହାପାତ୍ର, ସୁରେନ୍ଦ୍ର ନାଥ ମହାନ୍ତି ଯୋଗଦେଇ କିଭଳି ଭାବରେ ଶାନ୍ତି ଶୃଙ୍ଖଳା ର ସହିତ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସମସ୍ତେ ମତ ରଖିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମ ରେ ଅଧିକରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ଶିକ୍ଷାକେନ୍ଦ୍ରର ଅଧକ୍ଷା ଅନ୍ନସ୍ମିତା ବେହୁରା ନିବେଦନ କରିଛନ୍ତି।

### ମହିଳାଙ୍କ ସ୍ୱାଧୀନତା ଓ ସଫଳତାକୁ ପାଳନ କରିବାକୁ ଦିନଟିଏ

# 'ସଂଚାର'ରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଲିପିନା ସମ୍ବର୍ଦ୍ଧିତ

କାକଟପୁର/ଅସ୍ତରଙ୍ଗ, ୮।୩ (ସଂଚାର ବ୍ୟୁରୋ): ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଇ ଆସୁଛି । ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ଓ ପାରଦର୍ଶିତାକୁ ପାଳନ କରିବା ଏହି ଦିନର ଉଦ୍ଦେଶ୍ୟ । ଏହାସହ ମହିଳାଙ୍କ ପାଇଁ ଅଧିକାର ଓ ସୁଯୋଗର ସମାନତା ନେଇ ଅଧିକରୁ ଅଧିକରୁ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଏହି ଦିନ ପାଳନ ହୋଇଥାଏ । ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି। ଚାଷ କାମ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା



ପ୍ରତିପାଦନ କଲେଣି ମହିଳାମାନେ । ମହିଳା ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ମଣ୍ଡଳଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି। ନାରୀ ଏକ ଶକ୍ତି, ଏକ ସ୍ନେହମୟୀ ହୃଦୟ, ଏକ ସ୍ୱପ୍ନ ସାକାର କରିବାର ଅତୁଟ ସାମର୍ଥ୍ୟ। ସେ ଏକ ସୁନ୍ଦର ନିମାର୍ଣ୍ୟ, ଯେଉଁଥିରେ ଦୟା, ସହନଶୀଳତା, ଏବଂ ଅସୀମ ଶକ୍ତି ମିଶିଥାଏ ବୋଲି ନିଜ ବକ୍ତବ୍ୟରେ ବ୍ଲକ ଅଧକ୍ଷା ଆରତୀ ନାଏକ କହିଛନ୍ତି। ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା କହିଛନ୍ତି ନାରୀ କେବଳ ଘରର ଦୀପ୍ତି ନୁହେଁ ସେ ସମସ୍ତଙ୍କ ପାଇଁ ସାଜେ ଆଲୋକମୟୀ ଧାରା। ନାରୀ ମାନଙ୍କର ସମ୍ମାନ, ସ୍ୱାଧୀନତା ଏବଂ ସମାନ ଅଧିକାର ଏକ ସୁସଂଘଠିତ ଏବଂ ସୁନ୍ଦର ଭବିଷ୍ୟତ ଗଠନ କରିପାରେ । ଏହି ଆନ୍ତର୍ଜାତୀୟ ନାରୀ ଦିବସରେ, ଆସନ୍ତୁ ଏହି ଅନନ୍ୟ ଶକ୍ତିକୁ ସ୍ୱୀକାର କରିବା, ନାରୀ ମାନଙ୍କ ସମ୍ମାନ ଏବଂ ଅବଦାନକୁ ଉତ୍ସବ ମନାଅ ।

ଶନିବାର ଦିନ ଦୈନିକ ଖବର କାଗଜ 'ସଂଚାର' ଖବର ପ୍ରକାଶିତ ପରେ ମହିଳା ଦିବସ ଅବସରରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ଛୁରିଆନା ପଂଚାୟତ ଅଣକଣା ଗ୍ରାମର ଲିପିନା ବେହେରାଙ୍କୁ ସ୍ୱାବଲମ୍ବି ମହିଳା ଭାବେ ଅତିଥି ମାନେ ଉପଢ଼ୋକନ ସହ ଅର୍ଥରାଶି ପୁରସ୍କୃତ କରିଥିଲେ। ଲିପିନା ସ୍ୱାମୀ ଦେହ ଅସୁସ୍ଥ ପରେ ନିଜର ଦୃଢ଼ ଇଚ୍ଛା ଶକ୍ତି ବଳରେ ସ୍ୱାବଲମ୍ବି ହୋଇଛନ୍ତି।

# ବିପିୟୁଟି ଛାତ୍ର ନେତା ସାର୍ଥକ କୁମାରଙ୍କ ବିୟୋଗରେ ଦ୍ୱୀପ ପ୍ରଜ୍ୱଳନ




ଭୁବନେଶ୍ୱର,୮।୩(ସଂଚାରବ୍ୟୁରୋ): ବିପିୟୁଟି ଛାତ୍ରନେତା ସାର୍ଥକକୁମାର ମହାପାତ୍ରଙ୍କ ଅମର ଆତ୍ମାର ସତଗତି ନିମନ୍ତେ ଆଜି ସନ୍ଧ୍ୟା ୬ ଘଟିକାରେ ରାମମନ୍ଦିର ଠାରେ ତାଙ୍କର ଆତ୍ମାର ସତଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଦ୍ୱୀପ ପ୍ରଜ୍ୱଳନ କରାଯାଇଛି। ଏହି ଦ୍ୱୀପ ପ୍ରଜ୍ୱଳନରେ ଅନେକ ଯୁବ ଓ ଛାତ୍ର ନେତାମାନେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାଥନା କରିଛନ୍ତି।

### ସମାଲୋଚନା ପରେ ଚେତିଲା ବିଜେଡି

# ଶଙ୍ଖ ଭବନରେ ହେବ ବିଜୁଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ସାମ୍ପ୍ରତିକ ସମୟରେ ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ଆରୋପ ପ୍ରତିଆରୋପ ବେଶ୍ ଜୋର୍‌ଦାର ହୋଇଛି। ବିଶେଷକରି ଗତ ମାର୍ଚ୍ଚ ୫ରେ ରାଜ୍ୟ ସରକାର କେବଳ ବିଜୁ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନେବା ସହ ଉକ୍ତ ଦିନ ପାଳିତ ହୋଇଆସୁଥିବା ପଞ୍ଚାୟତିରାଜ ଦିବସକୁ ଏପ୍ରିଲ୍ ୨୪ ତାରିଖକୁ ଘୁଞ୍ଚାଇ ଦେଇଥିବାରୁ ଏହାକୁ ନେଇ ବିରୋଧୀ ବିଜେଡି କ୍ରମାଗତ ଆକ୍ରମଣ କରିଚାଲିଛି। ଏହାର ଠୋସ୍ ଜବାବ ମଧ୍ୟ ବିଜେପି ନେତାଏ ଦେଉଛନ୍ତି। ଏହି କ୍ରମରେ ଗତକାଲି ବିଜୁବାବୁଙ୍କ ପାଇଁ କାନ୍ଦୁଥିବା ବିଜେଡି କେବଳ ତାଙ୍କ ନାମରେ ନିର୍ବାଚନୀ ବୈତରଣୀ ପାର ହେବାକୁ ଉଦ୍ୟମ କରୁଛି ଏବଂ ତାଙ୍କ ଅପେକ୍ଷା ଦଳ ନବୀନ ପଟ୍ଟନାୟକଙ୍କୁ ଗୁରୁତ୍ୱ ଦେଉଛି ବୋଲି ବିଜେପି ନେତା ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଅଭିଯୋଗ କରିଥିଲେ। ଏପରିକି ଶଙ୍ଖ ଭବନରେ କାହିଁକି ଆଜି ପର୍ଯ୍ୟନ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିଟିଏ ବି ତିଆରି ହୋଇନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ପରେ ବିଜେଡିରେ ଚେତା ପଶିଛି ଓ ଆଜି ଦଳ ପକ୍ଷରୁ ଶଙ୍ଖ ଭବନରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ସୂଚନା ଦିଆଯାଇଛି। ଏନେଇ ବିଜେଡି ନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଶଙ୍ଖ ଭବନରେ ବିଜୁବାବୁଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ଯୋଜନା ରହିଛି।



ସେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ବିଜୁବାବୁ ସବୁବେଳେ ବିଜେଡିର ଆଦର୍ଶ ରହିଆସିଛନ୍ତି। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟର ସବୁ ଜିଲ୍ଲାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣପ୍ରତିଷ୍ଠାତା ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

ଗତକାଲି ଶ୍ରୀ ନାଏକ କହିଥିଲେ ଯେ ବିଜୁ ବାବୁ' କେବଳ ବିଜେଡିର ନୁହଁନ୍ତି । ବିଜୁବାବୁଙ୍କୁ ବ୍ୟବହାର କରି ବିଜେଡି କେବଳ ରାଜନୀତି କରୁଛି। ବିଜୁଙ୍କୁ ସମ୍ମାନ କଥା କହୁଥିବା ଦଳର କାର୍ଯ୍ୟାଳୟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିଟିଏ ବି ନାହିଁ ବୋଲି ଶ୍ରୀ ନାଏକ କଡ଼ା ଭାଷାରେ ସମାଲୋଚନା କରିଥିଲେ।

# ୭୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାସରିଛି

### ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା

- ରବି ଋତୁ ପାଇଁ ମେ ପହିଲାରୁ ଧାନକିଣା
- ଜନପୋଷଣ କେନ୍ଦ୍ରରେ ମିଳିବ ପୁଷ୍ଟିଯୁକ୍ତ ଶସ୍ୟ

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





ବୈଠକ ପ୍ରାରମ୍ଭରେ ଶ୍ରୀ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ଜାରି ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ପ୍ରାୟ ୧୫ ଲକ୍ଷ ୬୫ ହଜାର ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୫ ହଜାର ୬୧୩ କୋଟି ଟଙ୍କା ଓ ଇନପୁଟ ସହାୟତା ଭାବେ ୫୪୩୦ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏଥିସହ ଆସନ୍ତା ରବି ଋତୁରେ ଧାନକିଣା ପ୍ରକ୍ରିୟା ଶୃଙ୍ଖଳିତ ହୋଇପାରିବା ଉପରେ ଆଲୋଚନା ହୋଇଛି। ରବି ଋତୁ ପାଇଁ ଆସନ୍ତା ମେ ପହିଲାରୁ ଏହି ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିନିମନ୍ତେ ଚଳିତ ମାସରୁ ଚାଷୀଙ୍କର ପଞ୍ଜିକରଣ ଆରମ୍ଭ କରାଯିବ ବୋଲି ଶ୍ରୀ ସିଂହ ସୂଚନା ଦେଇଥିଲେ। ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ସେହିଭଳି ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଏ ପର୍ଯ୍ୟନ୍ତ ପ୍ରାୟ ୯୨ ପ୍ରତିଶତ ହିତାଧିକାରୀମାନଙ୍କ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି ନା। ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳଗୁଡ଼ିକର ସରକାରୀ ସୁଲଭ ମୂଲ୍ୟ ଦୋକାନରେ ଇଣ୍ଟରନେଟ୍‌ର ସୁବନ୍ଦୋବସ୍ତ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ୧୧୧ଟି ସୁଲଭ ମୂଲ୍ୟ ଦୋକାନରେ ଆବଶ୍ୟକୀୟ ଆଣ୍ଟିନା ଯୋଗାଇ ଦେଇ ନେଟୱାର୍କ ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ପ୍ରକ୍ରିୟାରେ ସାମିଲ ହୋଇ ନଥିବା ପ୍ରାୟ ୩୦ ଲକ୍ଷ ୮୪ ହଜାର ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ଘର ଘର ବୁଲି ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିବେ ।

ଅନ୍ୟ ପକ୍ଷରେ ରାଜ୍ୟରେ ନିର୍ଦ୍ଦିଷ୍ଟ ୩୦ଟି ସରକାରୀ ସୁଲଭ ମୂଲ୍ୟ ଦୋକାନକୁ ଜନପୋଷଣ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ରୂପାନ୍ତରିତ କରାଯାଇ ଏଠାରେ ରାସନ ସାମଗ୍ରୀ ସହ ପୁଷ୍ଟିଯୁକ୍ତ ଉତ୍ପାଦ ପ୍ରଦାନ କରିବା ଦିଗରେ ପଦକ୍ଷେପ ନିଆଯିବ। ଉକ୍ତ କେନ୍ଦ୍ରଗୁଡ଼ିକରେ ଭାରତ ଉତ୍ପାଦ ବ୍ୟତୀତ ଆମ ରାଜ୍ୟର ମିଲେଟ୍ (ମାଣ୍ଡିଆ) ଭଳି ପୁଷ୍ଟିଶସ୍ୟ ପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏଥିନିମନ୍ତେ ଏକ ଟିମ୍ ଦେଶର ବିଭିନ୍ନ ରାଜ୍ୟର ଜନପୋଷଣ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ ହେବେ। ସେହିଭଳି ରାଜ୍ୟରେ ଧାନକିଣା, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଠିକଣା ସମୟରେ ରାସନ ପ୍ରଦାନ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

## ଘାଟିରେ ଭୟଙ୍କର ଦୁର୍ଘଟଣା: ଆଖି ବୁଜିଲେ ୩

### ବାଇକ୍‌କୁ ମୁହାଁମୁହିଁ ଧକ୍କାଦେଲା କାର୍

**କନ୍ଧମାଳ,୮।୩(ସଂଚାର ବ୍ୟୁରୋ):** ଗତକାଲି ଘାଟିରେ ଭୟଙ୍କର ଦୁର୍ଘଟଣା ଘଟିଛି। ଗୋଟିଏ କାର୍‌କୁ ଏକ ବାଇକ୍ ମୁହାଁମୁହିଁ ଧକ୍କା ଦେବା ଫଳରେ ୩ ଜଣ ଯୁବକ ପ୍ରାଣହରାଇଛନ୍ତି। ଘଟଣାସ୍ଥଳରେ ହିଁ ସେମାନଙ୍କ ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ଗତକାଲି ରାତିରେ କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଥାନା ଅନ୍ତର୍ଗତ ଶ୍ରୀକଲା ଘାଟିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକମାନେ ତରବାଡ଼ି ଗାଁର ଶୁଭମ ନାୟକ, ଗାରଡ଼ିଙ୍ଗିଆ ଗାଁର ଶଙ୍କର ପ୍ରଧାନ ଓ ଶ୍ରୀହରି ପ୍ରଧାନ ବୋଲି ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ବାଇକରେ ଥିବା ୩ ଜଣଯାକ ପ୍ରାଣ ହରାଇଥିଲେ। ଏପରିକି ସେମାନଙ୍କ ଶରୀର ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ମୃତଦେହ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ୍‌କୁ ପଠାଇଛନ୍ତି। ମୃତ୍ୟୁର ଶିକାର ହୋଇଥିବା ୩ଜଣଯାକ ଯୁବକ ବାଇକ ଯୋଗେ ଜି. ଉଦୟଗିରି ଅଭିମୁଖେ ଫେରିବା ସମୟରେ ଘାଟିରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଯୁବକ ଦୂରକୁ ଛିଟିକି ପଡ଼ିଥିବାବେଳେ ଆଉ ଜଣେ କାର୍ ତଳେ ଚାପି ହୋଇଯାଇଥିଲେ। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କାର୍ ଭିତରେ ଥିବା ଆଉ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




## ଭଡ଼ାଘରୁ ସ୍ୱାମୀର ଶବ ଉଦ୍ଧାର, ସ୍ତ୍ରୀ ଫେରାର୍

- ହତ୍ୟା ଅଭିଯୋଗ ଆଣିଲେ ଶାଶୂଘର ଲୋକେ



**ପାରଳାଖେମୁଣ୍ଡି,୮।୩(ସଂଚାର ବ୍ୟୁରୋ):** ଭଡ଼ା ଘରୁ ଜନୈକ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପାରଳାଖେମୁଣ୍ଡି ନଗରମପଲ୍ଲୀ ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ବେଳେ ମୃତକ ଜଣଙ୍କ ଗୁଣୁପୁର ନିକଟସ୍ଥ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମାଛଖୁଣ୍ଟି ଗ୍ରାମର ଜଗଦୀଶ ମେଲେକା ବୋଲି ଜଣାପଡ଼ିଛି। ସେ ଏଠାରେ ଏକ ଭଡ଼ା ଘରେ ତାଙ୍କ ପତ୍ନୀଙ୍କ ସହ ରହୁଥିଲେ। ତେବେ ଜଗଦୀଶଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ତାଙ୍କ ପତ୍ନୀ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ତେବେ ଜଗଦୀଶଙ୍କୁ ହତ୍ୟା କରି ତାଙ୍କ ପତ୍ନୀ କାହା ସହ ଫେରାର୍ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ପାରଳାଖେମୁଣ୍ଡି ନଗରମପଲ୍ଲୀ ସାହିର ଏକ ଭଡ଼ାଘରେ ମାଛଖୁଣ୍ଟି ଗ୍ରାମର ଜଗଦୀଶ ଓ ତାଙ୍କ ପତ୍ନୀ ହାରି ରଇତ ଗତ ୩ ମାସ ହେଲା ରହିଆସୁଥିଲେ। ତେବେ ଗତକାଲି ରାତିରେ ଘର ଭିତରୁ ଦୁର୍ଗନ୍ଧ ଆସିବାରୁ ପଡ଼ୋଶୀ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜଗଦୀଶଙ୍କ ମୃତଦେହ ଉଦ୍ଧାର କରିଥିଲା। ଏଥିସହ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ କରିଛି। ବ୍ୟବଚ୍ଛେଦ ପାଇଁ ଜଗଦୀଶଙ୍କ ମୃତଦେହକୁ ପୁଲିସ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅପରପକ୍ଷରେ ହାରି ଫେରାର୍ ହୋଇଯାଇଥିବା ବେଳେ ଜଗଦୀଶଙ୍କ ପରିବାର ଲୋକେ ଦୁଇଦିନ ଧରି ତାଙ୍କୁ ଫୋନ୍ କରୁଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରୁନାହାନ୍ତି। ତେଣୁ ଜଗଦୀଶଙ୍କ ପରିବାର ଲୋକେ ହାରିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। କାରଣ ବାହାଘର ପରଠାରୁ ସେ ଜଗଦୀଶଙ୍କ ପରିବାର ଲୋକଙ୍କ ସହ ପ୍ରାୟତଃ ସବୁବେଳେ ଝଗଡ଼ା କରିଆସୁଥିଲେ। ଏହାକୁ କେନ୍ଦ୍ର କରି ଉଭୟ ସ୍ୱାମୀ ସ୍ତ୍ରୀ ପାରଳାଖେମୁଣ୍ଡି ଆସି ରହୁଥିଲେ। ତଥାପି ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହୁଥିଲା ବୋଲି ଜଗଦୀଶଙ୍କ ପରିବାର ଲୋକେ କହିଛନ୍ତି। ତେଣୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ନ୍ୟାୟ ଦେବା ସକାଶେ ପରିବାର ଲୋକେ ଦାବି କରିଛନ୍ତି।

- ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

## ୫୦ ହଜାର ସହ ଘର ପାଉଁଶ



**ସୁନ୍ଦରଗଡ଼,୮।୩(ସଂଚାର ବ୍ୟୁରୋ):** ସ୍ଥାନୀୟ କିଞ୍ଜିରକେଲାରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଶର୍ଟସର୍କିଟ୍ ଯୋଗୁଁ ଘରେ ଥିବା ୨ଟି ଗ୍ୟାସ ସିଲିଣ୍ଡର୍ ବିସ୍ଫୋରଣ ହେବାରୁ ସମଗ୍ର ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଘରେ ଥିବା ନଗଦ ୫୦ ହଜାର ଟଙ୍କା ବି ଭସ୍ମୀଭୂତ ହୋଇଯାଇଛି। ତେବେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ। ଏହି ଅଗ୍ନିକାଣ୍ଡରେ କେହି ବି ମୃତାହତ ହୋଇନାହାନ୍ତି। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଅବଶ୍ୟ ଏଥିରେ ଶ୍ରୀଧର ପରୀକ୍ଷା ନାମକ ଜନୈକ ବ୍ୟକ୍ତି ଅଚେତ ହୋଇପଡ଼ିଛନ୍ତି। ଅଗ୍ନିକାଣ୍ଡ ସମସ୍ତଙ୍କ ସାମ୍ନାରେ ଘଟିଥିଲେ ମଧ୍ୟ ଏହାର ଭୟାବହତା ଦେଖି ଲୋକେ କେହି ବି ଲିଭାଇବାକୁ ସାହସ କରିପାରି ନଥିଲେ। କିନ୍ତୁ ସ୍ଥାନୀୟ ଯୁବକ ସାହସ ଜୁଟାଇ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ବ୍ୟାଙ୍କରେ ଜମା କରିବା ସକାଶେ ଘରେ ରଖିଥିବା ନଗଦ ୫୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ପରିବାର ଲୋକେ ହତାଶ ହୋଇପଡ଼ିଛନ୍ତି।

- ଶଙ୍ଖ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ

# ୨୭ ଟଙ୍କା ଦେଇ ବାହାବା ନେଉଛନ୍ତି ସରକାର

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଆଜି ଅନ୍ତର୍ଜାତୀୟ ମହିଳା ଦିବସରେ ସ୍ଥାନୀୟ ଶଙ୍ଖ ଭବନଠାରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ମା'ମାନେ ପରିବାର ଓ ସମାଜର ଶକ୍ତି। ଗତ ୧୯୯୦ରେ ବିଜୁବାବୁ ମା'ମାନଙ୍କୁ ସଶକ୍ତ କରିବା ସକାଶେ ଐତିହାସିକ ପଦକ୍ଷେପ ନେଇଥିଲେ। ପଞ୍ଚାୟତରେ ସେମାନଙ୍କ ସକାଶେ ୩୩ ପ୍ରତିଶତସଂରକ୍ଷଣ ରଖିଥିଲେ। ସରକାରୀ ଚାକିରିରେ ବି ମା'ଙ୍କ ପାଇଁ ସଂରକ୍ଷଣ ସୁବିଧା ଦେଇଥିଲେ। ଏହାର ଫଳାଫଳ ସ୍ୱରୂପ ମା'ମାନେ ଆଜି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। କିନ୍ତୁ ବିଜୁବାବୁଙ୍କୁ ଡବଲ୍ ଇଞ୍ଜିନ୍ ସରକାର ଅପମାନିତ କରିଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରାଗଲାନାହିଁ। ଏଥିସହ ମା'ମାନଙ୍କୁ ସଶକ୍ତ କରିଥିବା ମିଶନ୍ ଶକ୍ତି ପରି ଲୋକପ୍ରିୟ କାର୍ଯ୍ୟକ୍ରମକୁ ବିଜେପି ସରକାର ବନ୍ଦ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ପ୍ରଚାର ପାଇଁ ଡବଲ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ମା'ମାନଙ୍କୁ ଦିନକୁ ମାତ୍ର ୨୭ ଟଙ୍କା ଦେଇ ବାହାଦୁରୀ ନେବାକୁ ଉଦ୍ୟମ କରିଛନ୍ତି। ଏହି ୨୭ ଟଙ୍କାରେ ମହିଳାମାନେ ସଶକ୍ତ ହେବା ତ ଦୂରେ ଥାଉ, ଗୋଟିଏ ଲିଟର୍ କ୍ଷୀର ବି କିଣିପାରିବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମହିଳା ଡାକ୍ତର ସେବା ମହାପାତ୍ର, କୁଞ୍ଜଲତା ସାମଲ, ଓଜସ୍ୱିନୀ ମାହାର, ଜୟନ୍ତୀ ପ୍ରଧାନ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ଡକ୍ଟର ରୋଜା ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ବିଜେଡି ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର, ସାଂସଦ ସୁଲତା ଦେଓ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇଥିଲେ।



# ବିଜେଡି ଭୁଲ୍‌ର ପ୍ରାୟଶ୍ଚିତ୍ତ କରୁଛି ବିଜେପି: ପ୍ରଭାତୀ

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଆଜି ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବିରୋଧୀଦଳ ନେତା ବିଜେପି ସରକାରକୁ ସମାଲୋଚନା କରିଥିବା ଏହାର ଜବାବ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ ପୂର୍ବ ସରକାରର ବିଭିନ୍ନ ପଦକ୍ଷେପକୁ ସମାଲୋଚନା କରିବା ସହ ୨୪ ବର୍ଷରେ ବିଜେଡି କରିଥିବା ପାପର ପ୍ରାୟଶ୍ଚିତ୍ତ ବିଜେପି ସରକାର କରୁଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେପି ବିରୋଧରେ ମିଶନ୍ ଶକ୍ତିକୁ ବନ୍ଦ କରିବା ଚକ୍ରାନ୍ତ ନେଇ ଯେଉଁ ଅଭିଯୋଗ କରିଛନ୍ତି, ସେଥିରେ ସାମାନ୍ୟତମ ସତ୍ୟତା ନାହିଁ। ବରଂ ବିଜେଡି ସରକାର ଅମଳରେ ରାସ୍ତାରେ ବସିଥିବା କର୍ମଚାରୀମାନଙ୍କୁ ୧୦ ମାସର ବକେୟା ଦରମା ପ୍ରଦାନ କରିଛନ୍ତି। ତା'ଛଡ଼ା ଲକ୍ଷପତି ଦିଦି ଯୋଜନା ଘୋଷଣା କରାଯାଇଛି। ପୂର୍ବ ସରକାର ଅମଳରେ ଦରମା ପାଇନଥିବା ବିଭିନ୍ନ ଯୋଜନା ସହ ଜନିତ କର୍ମଚାରୀମାନଙ୍କୁ ବିଜେପି ସରକାର ସେମାନଙ୍କ ବକେୟା ପ୍ରଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି, ଯାହାକି ଦେଶର ଏକ ବିରଳ ଉଦାହରଣ। ବିଜେଡି ସରକାର ମହିଳାଙ୍କୁ ସୁଧବିହୀନ ଋଣ ଦେବା ନେଇ ଡିଣ୍ଡିମ ପିଟୁଥିଲେ ମଧ୍ୟ କେହି ବି ମହିଳା ଏହାଦ୍ୱାରା ଉପକୃତ ହେଉନଥିଲେ। କିନ୍ତୁ ବିଜେପି ସରକାର ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କା ଦେଇସାରିଛି। ୨୦୨୬-୨୭ରେ ଆମେ ଦେଶରେ ୨ ନମ୍ବର ସ୍ଥାନରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛୁ। ଏହାଛଡ଼ା ଗାଁ ଗାଁରେ ମହିଳାମାନଙ୍କୁ ୯ କୋଟି ଟଙ୍କାର ବ୍ୟବସାୟ ଦେବାର ବ୍ୟବସ୍ଥା ହୋଇଛି। ସେହିପରି ପୂର୍ବ ସରକାରରେ ଦଳୀୟ କର୍ମୀମାନଙ୍କୁ ସବୁ ସରକାରୀ ଯୋଜନାର ଫାଇଦା ଦେବା ସକାଶେ ପ୍ରତିଯୋଗିତା ଚାଲୁଥିଲା। କିନ୍ତୁ ସୁଭଦ୍ରା ଯୋଜନାରେ ପ୍ରତିଟି ଦଳର ମହିଳାଙ୍କୁ ହିତାଧିକାରୀ ତାଲିକାରେ ସ୍ଥାନ ଦିଆଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏଥିସହ ସେ ପ୍ରଥମ ଥର ବିଧାୟିକା ହେବା ପରେ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି, ଯାହାକି ବିଜେପି ଦଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ପ୍ରକୃଷ୍ଟ ଉଦାହରଣ।



# ସାଇବର ଠକେଇ: ଦିଲ୍ଲୀରୁ ମହିଳା ଗିରଫ

- ୮୭ ଲକ୍ଷ ଟଙ୍କା ଠକେଇର ଖୋଲତାଡ଼
- ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚକୁ ସଫଳତା

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ୮୭ ଲକ୍ଷ ଟଙ୍କାର ଅନଲାଇନ୍ ଠକେଇ ଅଭିଯୋଗରେ ଦିଲ୍ଲୀରୁ ଜନୈକା ମହିଳାଙ୍କୁ ଓଡ଼ିଶା କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଗିରଫ କରାଯାଇଛି। ଉକ୍ତ ଗିରଫ ମହିଳା ଜଣଙ୍କ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱା ବୋଲି ଜଣାପଡ଼ିଛି। ତାଙ୍କଠାରୁ ତଦନ୍ତକାରୀ ଦଳ ଏକ ମୋବାଇଲ୍, ୨ଟି ସିମ୍ କାର୍ଡ, ଗୋଟିଏ ଆଧାର କାର୍ଡ ଓ ଗୋଟିଏ ପ୍ୟାନ୍ କାର୍ଡ ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ କରିଛି।

ସୂଚନାନୁସାରେ, ଜନୈକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ '୧୦୧ ଷ୍ଟକ୍ ଡିସ୍‌କସନ୍ ଗ୍ରୁପ୍' ନାମକ ଏକ ଅଜଣା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ାଯାଇଥିଲା। ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତି ନିଜକୁ ଜଣେ ପ୍ରଫେସର ବୋଲି ପରିଚୟ ଦେଉଥିଲେ। ଏହାପରେ ଅଭିଯୁକ୍ତମାନେ ପୀଡ଼ିତଙ୍କୁ ଷ୍ଟକ୍ ଟ୍ରେଡିଂ ଟିପ୍ସ, ଆଇପିଓ ମାର୍ଗଦର୍ଶନ ଓ ନିବେଶ କରିବା ବାହାନାରେ ଦୁଇଟି ୱେବ୍ ଲିଙ୍କ ଶେୟାର କରିଥିଲେ। ଏଥିସହ ସେମାନେ ଉକ୍ତ ଲିଙ୍କ୍‌ରେ ପଞ୍ଜିକରଣ କରି କିଛି ଟଙ୍କା ଜମା କରିବାକୁ ପୀଡ଼ିତଙ୍କୁ କହିଥିଲେ। ଏହି ଠକମାନେ କ୍ରମଶଃ ଉକ୍ତ ପୀଡ଼ିତ ବ୍ୟକ୍ତିଙ୍କ ବିଶ୍ୱାସଭାଜନ ହେବା ସହିତ ତାଙ୍କୁ ଭିନ୍ନ ଭିନ୍ନ ସମୟରେ ଅନେକ କାରବାର ମାଧ୍ୟମରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ପିଏନବି ଓ ଅନ୍ୟାନ୍ୟ ବ୍ୟାଙ୍କରେ ଥିବା ଆକାଉଣ୍ଟରେ ଟଙ୍କା ଜମା କରିବାକୁ କହିଥିଲେ। ପୀଡ଼ିତ ଜଣଙ୍କ ମଧ୍ୟ ଉପରୋକ୍ତ ଆକାଉଣ୍ଟ୍‌ଗୁଡ଼ିକରେ ପ୍ରାୟ ୮୭ ଲକ୍ଷ ଟଙ୍କା ଜମା କରିଥିଲେ। ଏନେଇ ପୀଡ଼ିତ ଜଣଙ୍କ ଅଭିଯୋଗ କରିବା ପରେ ନ୍ୟାସନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ କ୍ରାଇମ୍ ବ୍ରାଞ୍ଚ୍ ଅଧିକାରୀମାନେ ଅଭିଯୁକ୍ତଙ୍କ ସମାନ ବ୍ୟାଙ୍କ ଆକାଉଣ୍ଟ କେରଳ ଓ ଗୁଜରାଟରେ ଆଉ ଦୁଇଟି ସାଇବର ଠକେଇ ମାମଲାରେ ବ୍ୟବହୃତ ହୋଇଥିବା ଜାଣିବାକୁ ପାଇଥିଲେ। କାରବାର ବିବରଣୀ ବିଶ୍ଳେଷଣ ଓ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ଯାଞ୍ଚ କରିବା ପରେ ଅତିରିକ୍ତ ଏସପି ରିତେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଦିଲ୍ଲୀରେ ଡେରା ପକାଇ ଦକ୍ଷିଣ ଦିଲ୍ଲୀରୁ ବନ୍ଦନାଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ଟିମ୍ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ପରେ ବନ୍ଦନାଙ୍କୁ ନୂଆଦିଲ୍ଲୀର ସାକେତସ୍ଥିତ କୋର୍ଟରେ ହାଜର କରାଯାଇ ସେଠାରୁ ତାଙ୍କୁ ରିମାଣ୍ଡରେ କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ଓଡ଼ିଶାକୁ ଆଣୁଛି। ଏହି ମାମଲାରେ ୧୦ ଜଣ ସାମିଲ୍ ଥିବା ବେଳେ ସେମାନଙ୍କର ବିଭିନ୍ନ ବ୍ୟାଙ୍କ୍‌ରେ ଥିବା ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି। ଏଥିସହ ପୀଡ଼ିତଙ୍କୁ ୧୦ ଲକ୍ଷ ଟଙ୍କା ଫେରାଯାଇଛି।

### ବାଲିଘାଟରରେ ଚଢ଼ାଉ ବେଳେ ଅଘଟଣ

# ପୁଲିସକୁ ଦେଖି ନଦୀକୁ ଡେଇଁଲେ ୪ ଯୁବକ

**ସାଲେପୁର,୮।୩(ସଂଚାର ବ୍ୟୁରୋ):** ଆଜି ଏଠାରେ ସ୍ଥାନୀୟ ପୁଲିସ୍ ବାଲିଘାଟରେ ଚଢ଼ାଉ କରିବା ସମୟରେ ଏକ ଅଘଟଣ ଘଟିଛି। ପୁଲିସ୍‌କୁ ଦେଖି ଭୟଭୀତ ହୋଇ ୪ ଜଣ ଯୁବକ ହଠାତ୍ ନଦୀକୁ ଡେଇଁପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅନ୍ୟ ଜଣଙ୍କର କୌଣସି ପତ୍ତା ମିଳିପାରିନାହିଁ। ସାଲେପୁରର ବରଗୋଡ଼ିଆ ବାଲିଘାଟରେ ଏପରି ଅଭାବନୀୟ ଘଟଣା ଘଟିଛି। ଜଗତପୁର ଥାନା ବରଗୋଡ଼ିଆରେ ମହାନଦୀରୁ ବାଲି ଉଠାଉଥିବା ସମୟରେ ସେଠାରେ ଅଚାନକ ପୁଲିସ୍ ଚଢ଼ାଉ କରିଥିଲା।



ମିଳିଥିବା ସୂଚନା ମୁତାବକ, ଜଗତପୁର ଥାନା ଅଧୀନସ୍ଥ ବାରଗଡିଆରେ ମହାନଦୀରେ ଗତକାଲି ବିଳମ୍ବିତ ରାତିରେ ବାଲି ଉଠାଣ ହେଉଥିବା ନେଇ ପୁଲିସ୍ ଓ ଖଣି ବିଭାଗର ଅଧିକାରୀମାନେ ଚଢ଼ାଉ କରିଥିଲେ। ତେବେ ସେଠାରେ ପୁଲିସ୍‌କୁ ଦେଖି ବାଲି ଲୋଡ୍ କରୁଥିବା ଲୋକଙ୍କ ମଧ୍ୟରୁ ୪ ଜଣ ଭୟଭୀତ ହୋଇ ନଦୀକୁ ଡେଇଁ ପଡ଼ିଥିଲେ। ତେବେ ନଦୀରୁ ୩ ଜଣ ଉଦ୍ଧାର ହୋଇଥିବା ବେଳେ ଜଣେ ଯୁବକ ନିଖୋଜ ଅଛନ୍ତି। ସେ ଜଗତପୁର ପୂର୍ବକଚ୍ଛର ସେକ୍ ତଲିମ୍ (୨୬ ବର୍ଷ) ବୋଲି ଜଣାପଡ଼ିଛି। ତାଙ୍କୁ ଠାବ କରିବା ସକାଶେ ନଦୀରେ ଅନୁସନ୍ଧାନ ଜାରି ରହିଛି। ତେବେ ଏପରି ଏକ ଅଘଟଣ ପାଇଁ ସ୍ଥାନୀୟ ଲୋକେ ପୁଲିସ୍ ଓ ଖଣି ବିଭାଗର ଅଧିକାରୀମାନଙ୍କୁ ଦାୟୀ କରିଛନ୍ତି।

# ଜାତୀୟ ଭତ୍ତା ଯୋଜନା: ରାଜ୍ୟ ଗଣୁଛି ୨୧୩ କୋଟି

**ଭୁବନେଶ୍ୱର,୮।୩:** ଜାତୀୟ ସାମାଜିକ ଯୋଜନାରେ ବିଭିନ୍ନ ଭତ୍ତା ବାବଦରେ କେନ୍ଦ୍ରରୁ ଯେତିକି ଅର୍ଥ ମିଳୁଛି ରାଜ୍ୟ ସରକାର ପ୍ରତି ମାସରେ ତାହାଠାରୁ ଅଧିକ ୨୧୩ କୋଟି ଟଙ୍କା ବ୍ୟୟ କରୁଛନ୍ତି । ଭତ୍ତା ପରିମାଣରେ ବୃଦ୍ଧି ଯୋଗୁଁ ରାଜ୍ୟ ସରକାରଙ୍କ ଉପରେ ଭତ୍ତା ଚାପ ବଢ଼ିବାରେ ଲାଗିଛି ।

ରାଜ୍ୟରେ ବର୍ତ୍ତମାନ ଦୁଇ ପ୍ରକାରର ଭତ୍ତା କାର୍ଯ୍ୟକାରୀ ହେଉଛି । ଗୋଟିଏ ହେଉଛି ଜାତୀୟ ସାମାଜିକ ସୁରକ୍ଷା ସହାୟତା ଅଧିନରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବିଧବା ଭତ୍ତା ଓ ଜାତୀୟ ଭିନ୍ନକ୍ଷମ ଭତ୍ତା। ସେହଭଳି ରାଜ୍ୟ ସରକାରଙ୍କର ନିଜସ୍ୱ ମଧୁବାବୁ ପେନ୍‌ସନ ଯୋଜନା ରହିଛି ।

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ରାଜ୍ୟର ୨୦,୩୩,୯୫୯ ବ୍ୟକ୍ତି ପ୍ରତିମାସାରେ ଭତ୍ତା ପାଉଛନ୍ତି । ଏ ବାବଦରେ କେନ୍ଦ୍ର ସରକାର ଯେତିକି ଅର୍ଥ ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର ତାହାଠାରୁ ଢେର ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୬୦ରୁ ୭୯ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ କେନ୍ଦ୍ର ସରକାର ମାସକୁ ୨୦୦ ଟଙ୍କା କରି ଯୋଗାଉଥିବାବେଳେ ରାଜ୍ୟ ସରକାର ଏଥିରେ ଆଉ ୮୦୦ ଟଙ୍କା ମିଶାଇ ୧୦୦୦ ଟଙ୍କା କରି ଦେଉଛନ୍ତି । ରାଜ୍ୟର ୧୨ ଲକ୍ଷ ୬୨ ହଜାର ୯୨୨ ଜଣ ବ୍ୟକ୍ତି ଏହି ଭତ୍ତା ତାଲିକାରେ ରହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ନିଜସ୍ୱ ପାଣ୍ଠିରୁ ପ୍ରତି ମାସରେ ୧୦୧ କୋଟିରୁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଛି।



ସେହିଭଳି ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତି, ଯେଉଁମାନେକି ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅଛନ୍ତି, ସେମାନଙ୍କ ପାଇଁ କେନ୍ଦ୍ର ସରକାର ପ୍ରତି ମାସରେ ୫୦୦ ଟଙ୍କା କରି ଯୋଗାଉଥିବାବେଳେ ରାଜ୍ୟ ସରକାର ଏଥିରେ ଆଉ ୩୦୦୦ ଟଙ୍କା ମିଶାଇ ମାସକୁ ୩୫୦୦ ଟଙ୍କା ଦେଉଛନ୍ତି । ଏହି ଭତ୍ତା ତାଲିକାରେ ରାଜ୍ୟର ୧ ଲକ୍ଷ ୫୫ ହଜାର ୭୦୯ଜଣ ଥିବାବେଳେ ରାଜ୍ୟ ସରକାରଙ୍କୁ ଏଥିପାଇଁ ୪୬ କୋଟି ୭୧ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଜାତୀୟ ବିଧବା ଭତ୍ତା ଯୋଜନାର ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ମାସିକ ୩୦୦ ଟଙ୍କା କରି ଯୋଗାଉଥିବାବେଳେ ରାଜ୍ୟ ସରକାର ଏଥିରେ ୭୦୦ ଟଙ୍କା ମିଶାଇ ପ୍ରତିମାସ ୧୦୦୦ ଟଙ୍କା କରି ଦେଉଛନ୍ତି। ସେହିପରି ରାଜ୍ୟର ୫ ଲକ୍ଷ ୨୫ ହଜାର ୪୫ ଜଣ ବିଧବାଙ୍କ ଭତ୍ତା ବାବଦରେ ରାଜ୍ୟ ସରକାର ପ୍ରତି ମାସରେ ୩୬ କୋଟି ୭୫ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରୁଛନ୍ତି।

ସେହିଭଳି ଜାତୀୟ ଯୋଜନାରେ ଥିବା ୮୦ ପ୍ରତିଶତ କିମ୍ବା ତାହାଠାରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଲାଗି କେନ୍ଦ୍ର ସରକାର ମାସକୁ ୩୦୦ ଟଙ୍କା କରି ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସେଥିରେ ଆଉ ୩୨୦୦ ଟଙ୍କା ମିଶାଇ ମାସିକ ୩୫୦୦ ଟଙ୍କା କରି ଦେଉଛନ୍ତି । ଏହି ସ୍କିମ୍‌ରେ ରାଜ୍ୟୋର ୯୦,୨୮୩ ଜଣ ଭିନ୍ନକ୍ଷମ ରହିଥିବାବେଳେ ରାଜ୍ୟ ସରକାରଙ୍କୁ ସେମାନଙ୍କ ଭତ୍ତା ବାବଦରେ ମାସକୁ ୨୮କୋଟି ୮୯ଲକ୍ଷ ଟଙ୍କାରୁ ଅଧିକ ବହନ କରିବାକୁ ପଡୁଛି। ଏହା ବାଦ୍ ମଧୁବାବୁ ପେନ୍‌ସନ ଯୋଜନାରେ ରାଜ୍ୟରେ ୩୬ଲକ୍ଷ ୭୫ହଜାର ହିତାଧିକାରୀ ରହିଛନ୍ତି। ଏମାନଙ୍କୁ ରାଜ୍ୟ ସରକାର ୧୦୦୦ ଟଙ୍କାରୁ ୩୫୦୦ ଟଙ୍କା କରି ଯୋଗାଇ ଦେଉଥିବାବେଳେ ଏ ବାବଦୀୟ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡୁଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୭୧୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୪୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୪୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୭୧୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୪୦୦ ଟଙ୍କା ଓ ୮୭,୭୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୫୫୦ ଟଙ୍କା ଓ ୮୭, ୮୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୭୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୪୦୦ ଓ ୮୭,୭୧୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୧୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଶ୍ରମଶକ୍ତି ବାହାରେ ୮.୯ କୋଟି ମହିଳା

**ନୂଆଦିଲ୍ଲୀ, ୮।୩:** ସହରାଞ୍ଚଳରେ ରୋଜଗାର କରୁଥିବା ମହିଳାମାନଙ୍କ ସଂଖ୍ୟା ବର୍ଷକ ଭିତରେ ୧୦ ପ୍ରତିଶତ ବଢ଼ିବା ସତ୍ତ୍ୱେ ଏବେବି ଆହୁରି ୮.୯ କୋଟି ମହିଳା ଶ୍ରମଶକ୍ତି ବାହାରେ ରହିଛନ୍ତି। ଗ୍ରେଟ୍ ଲେକ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଏକ ରିପୋର୍ଟରେ ଏହା ଦାବି କରାଯାଇଛି। ଶିକ୍ଷିତ ମହିଳାଙ୍କ ଦକ୍ଷତାକୁ କମ୍ ଉପଯୋଗ କରାଯାଉଥିବା ଭଳି ଆହ୍ୱାନ ଉପରେ ରିପୋର୍ଟରେ ଆଲୋକପାତ କରାଯାଇଛି। ଦେଶରେ ପ୍ରାୟ ୨ କୋଟି ଏଭଳି ଶିକ୍ଷିତ ମହିଳା ସହରାଞ୍ଚଳରେ ଅଛନ୍ତି, ଯେଉଁମାନେ ନିଜ ପସନ୍ଦ ହେଉ କିମ୍ବା ସାମାଜିକ କଟକଣା ଲାଗି ନିଜକୁ ଶ୍ରମଶକ୍ତିଠାରୁ ଦୂରେଇ ରଖିଛନ୍ତି। ତେଣୁ ସେମାନଙ୍କ ଶିକ୍ଷାରେ ହୋଇଥିବା ନିବେଶ ଅପଚୟ ହୋଇଥିବା ରିପୋର୍ଟରେ କୁହାଯାଇଛି। ଘରେ ଲୋକଙ୍କ ଯତ୍ନ ନେବାର ଦାୟିତ୍ୱ, କର୍ମକ୍ଷେତ୍ରରେ ନମନୀୟତାର ଅଭାବ ଏବଂ ଯାତାୟାତରେ ସମସ୍ୟା ଭଳି ଆହ୍ୱାନ ପାଇଁ ଉଚ୍ଚ ଶିକ୍ଷିତ ମହିଳାମାନେ ଅର୍ଥନୀତିରେ ନିଜକୁ ପୂର୍ଣ୍ଣ ମାତ୍ରାରେ ସାମିଲ କରିପାରୁନାହାନ୍ତି। ସେଥିପାଇଁ ୨୦-୨୪ ବର୍ଷ ବୟସ ବର୍ଗରେ ସହରାଞ୍ଚଳରେ ମହିଳାଙ୍କ ବେକାରି ହାର ୧୦ ପ୍ରତିଶତ ଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ତାହା ୭.୫ ପ୍ରତିଶତ ରହିଛି।

### ନିୟମ କଡ଼ାକଡ଼ି କରିବ ରିଜର୍ଭ ବ୍ୟାଙ୍କ

# ସୁନା ଋଣ ଆଣିବା କଷ୍ଟକର ହେବ



**ନୂଆଦିଲ୍ଲୀ, ୮।୩:** ସୁନା ବନ୍ଧକ ରଖି ଲୋକମାନେ ନେଉଥିବା ଋଣ ପରିମାଣ ଦ୍ରୁତ ଗତିରେ ବଢ଼ିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବେଶ୍ ଚିନ୍ତିତ ହୋଇପଡ଼ିଛି। ଆଗକୁ କୌଣସି ବଡ଼ ଧରଣର ଅସୁବିଧା ହେବା ପୂର୍ବରୁ ସୁନା ଋଣକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ସୁନା ଋଣ କ୍ଷେତ୍ରରେ ବେଆଇନ କାରବାର ହେଉଥିବା ସନ୍ଦେହ କରାଯାଉଛି। ତାହା ଦେଶର ଆର୍ଥିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ତେଣୁ ଆଗୁଆ ପ୍ରସ୍ତୁତି ସ୍ୱରୂପ ରିଜର୍ଭ ବ୍ୟାଙ୍କ ସୁନା ଋଣ ନିୟମକୁ ଆହୁରି କଡ଼ାକଡ଼ି କରିବାକୁ ଚାହୁଁଛି। ବନ୍ଧକ ରଖାଯାଉଥିବା ସୁନାର ପ୍ରକୃତ ମାଲିକ କିଏ, ନିଆଯାଉଥିବା ଋଣକୁ କେଉଁ କାମରେ ଲଗାଯାଉଛି ତାହା ଜାଣିବା ଲାଗି ଉଦ୍ୟମ କରିବାକୁ ବ୍ୟାଙ୍କ ଓ ସୁନା ଋଣ ଦେଉଥିବା ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେବ। ଋଣକୁ ନେଇ ରହିଥିବା ନିୟମକୁ ପ୍ରତିଟି ସଂସ୍ଥା କଡ଼ାକଡ଼ି ଭାବେ ପାଳନ କରନ୍ତୁ ବୋଲି ଏହା ଚାହୁଁଛି। ୨୦୨୪ ସେପ୍ଟେମ୍ବରରେ ସୁନା ଋଣରେ ୫୦ ପ୍ରତିଶତ ବୃଦ୍ଧି ହୋଇଥିଲା, ଯାହା ଅନ୍ୟ ଯେକୌଣସି ପ୍ରକାର ଋଣ ଅଭିବୃଦ୍ଧିଠାରୁ ଅଧିକ ଥିଲା। ଋଣ ଦେଉଥିବା ସଂସ୍ଥାଗୁଡ଼ିକ ଅନେକ ବେଆଇନ କାରବାରରେ ଲିପ୍ତ ଥିବା ରିଜର୍ଭ ବ୍ୟାଙ୍କ ଜାଣିପାରିଥିଲା। ତେଣୁ ନିଜ ଋଣ ପ୍ରଦାନ ବ୍ୟବସ୍ଥାର ସମୀକ୍ଷା କରିବାକୁ ଏହା ବ୍ୟାଙ୍କ ଓ କମ୍ପାନିଗୁଡ଼ିକୁ କହିଥିଲା। ତ୍ରୁଟି ଧରିବା ଲାଗି ୧୨-୧୬ ମାସ ପର୍ଯ୍ୟନ୍ତ ଅଡିଟ୍ କରାଯାଇଥିଲା। ସେଥିରୁ ଅନେକ କଥା ସାମ୍ନାକୁ ଆସିଥିଲା। ସୁନାର ମୂଲ୍ୟାୟନରେ ହେରଫେର ହେଉଥିବା ବେଳେ ଖିଲାପୀ ଗ୍ରାହକମାନଙ୍କୁ ଆଗୁଆ ସୂଚନା ନ ଦେଇ ସେମାନଙ୍କ ସୁନା ନିଲାମ କରାଯାଉଥିଲା। କୌଣସି ସଂସ୍ଥା ଏକ ନିର୍ଦ୍ଦିଷ୍ଟ ନିୟମ ଅନୁସରଣ କରୁନଥିଲେ। ଯେଉଁ କାମ ବ୍ୟାଙ୍କ କରିବା କଥା, ତାହା ଏଜେଣ୍ଟମାନଙ୍କ ଜରିଆରେ କରାଯାଉଥିବା ଅଡିଟ୍‌ରୁ ଜଣାପଡ଼ିଥିଲା।

## ବିର୍ଲା ଓପସ ପେଣ୍ଟ୍ ଷ୍ଟୁଡିଓର ଶୁଭାରମ୍ଭ

BIRLA opus PAINTS

**ନୂଆଦିଲ୍ଲୀ,୮ ।୩:** ବିର୍ଲା ଓପସ ପେଣ୍ଟସର ବହୁ ପ୍ରତୀକ୍ଷିତ ତଥା ପ୍ରଥମ ଧରଣର ସୁବିଧା କେନ୍ଦ୍ର 'ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ'ର ଶୁଭାରମ୍ଭ ଶୁକ୍ରବାର ଗୁରୁଗ୍ରାମଠାରେ ହୋଇଯାଇଛି। ଏପରିକି ଏହି କେନ୍ଦ୍ରରେ ୧୭୦ରୁ ଅଧିକ ଉତ୍ପାଦ ଉପଲବ୍ଧ ହେଉଥିଲାବେଳେ ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ବିକଳ୍ପ ସୁବିଧା ସାମିଲ ରହିଛି। ସମଗ୍ର ଭାରତରେ ଖୁଚୁରା ଉପସ୍ଥିତି ବିସ୍ତାର କରିବା ଉଦ୍ଦେଶ୍ୟରେ କମ୍ପାନୀର ଅଭିବୃଦ୍ଧି ରଣନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନ ଗ୍ରାସିମ ଇଣ୍ଡଷ୍ଟ୍ରିଜର ଅଂଶ ବିର୍ଲା ଓପସ ପେଣ୍ଟସର ପ୍ରଥମ ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ (କମ୍ପାନୀ ମାଲିକାନା ଓ କମ୍ପାନୀ ପରିଚାଳିତ ଷ୍ଟୋର)କୁ ନିକଟରେ ଉନ୍ମୋଚନ କରାଯାଇଛି। ସେହିଭଳି ଅଭିଜ୍ଞତାମୂଳକ ରିଟେଲ ଉପରେ ଧ୍ୟାନ ଦେଇ କମ୍ପାନୀ ଆଗାମୀ ମାସରେ ନୂଆଦିଲ୍ଲୀ, ମୁମ୍ବାଇ, ନଭି ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ, ଜୟପୁର, ଅହମ୍ମଦାବାଦ ଏବଂ ସୁରଟଠାରେ ମଧ୍ୟ ଅତିରିକ୍ତ ଅଭିଜ୍ଞତା କେନ୍ଦ୍ର ଖୋଲିବାକୁ ଯୋଜନା କରିଛି। ଏହା ସହ କମ୍ପାନୀ ଭାରତର ଦ୍ୱିତୀୟ ସର୍ବବୃହତ୍ ଡେକୋରେଟିଭ ପେଣ୍ଟସ ବ୍ରାଣ୍ଡ ହେବାର ଲକ୍ଷ୍ୟ ରଖିଛି । ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟସର ସିଇଓ ରକ୍ଷିତ ହରଗାଭେ କହିଛନ୍ତି, ଗୁରୁଗ୍ରାମଠାରେ ଆମେ ଆମର ପ୍ରଥମ ଧରଣର ଅଭିଜ୍ଞତା କେନ୍ଦ୍ର 'ବିର୍ଲା ଓପସ ପେଣ୍ଟ ଷ୍ଟୁଡିଓ' କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତର ରଙ୍ଗ ଅନୁଭବ ଶୈଳୀକୁ ପୁନଃ ନିର୍ଦ୍ଧାରଣ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ। ଭାରତରେ ଉପଭୋକ୍ତାମାନେ ଉତ୍ପାଦ କ୍ରୟ କରିବା କିମ୍ବା ସେବା ପାଇବା ସମୟରେ ନୂତନ ଏବଂ ଅଧିକ ଗଭୀର ବିକଳ୍ପ ଅନୁସନ୍ଧାନ କରିବାକୁ ଚାହୁଁଛନ୍ତି।

## ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟସ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଭୁବନେଶ୍ୱର,୮।୩(ସଂଚାର ବ୍ୟୁରୋ):** ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଜିସିପିଏଲ) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ପାଇଁ ଜିସିପିଏଲ ଏସିଆ (ଭାରତ, ଇଣ୍ଡୋନେସିଆ, ବାଂଲାଦେଶ, ଶ୍ରୀଲଙ୍କା, ୟୁଏଇ), ଆଫ୍ରିକା (ଦକ୍ଷିଣ ଆଫ୍ରିକା, ନାଇଜେରିଆ, କେନିଆ, ଘାନା) ଏବଂ ଲାଟିନ୍ ଆମେରିକା (ଆର୍ଜେଟିଂନା ଏବଂ ଚିଲି)ରେ ଏକ ମାସ ବ୍ୟାପୀ ଲମ୍ବା କାର୍ଯ୍ୟକ୍ରମ 'ଓମେନଲି: ଆଲାଏଜ ଇନ ଆକ୍ସନ' ଆରମ୍ଭ କରିଛି। ଏହି ଅଭଯାନରେ ସଂସ୍ଥା ଭିତରେ ଓ ବାହାରେ ଥିବା ଯେଉଁ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତୀକରଣକୁ ସମର୍ଥନ କରୁଛନ୍ତି, ସମାନତା ପାଇଁ ପ୍ରଚାର କରୁଛନ୍ତି ଏବଂ ମହିଳାଙ୍କ ପାଇଁ ଏକ ଅଧିକ ସହାୟକ ଓ ଗତିଶୀଳ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ପ୍ରତି ଅବଦାନ ଦେଉଛନ୍ତି, ସେମାନଙ୍କୁ ସ୍ୱୀକୃତି ଦିଆଯାଉଛି ଓ ସଫଳତାକୁ ପାଳନ କରାଯାଉଛି।

ଜିସିପିଏଲ୍ ପକ୍ଷରୁ ବିକ୍ରୟରେ ଲିଙ୍ଗଗତ ପ୍ରତିବନ୍ଧକ ଦୂର କରିବା ପାଇଁ ଏକ ଡକ୍ୟୁ-ଫିଲ୍ମ ଆରମ୍ଭ କରିବ। ସେହିପରି, ଆଲାୟେସିପ ଉପରେ ବିନିର୍ମାଣ କ୍ଷେତ୍ର ଭିତିକ ପ୍ୟାନେଲ ଆଲୋଚନା, ଗୋଦରେଜ ୱାନରେ ଓମେନଆଲାୟେ କାର୍ଯ୍ୟକ୍ରମ ଏବଂ ଏଫଏମସିଜି ବିକ୍ରିରେ ମହିଳାଙ୍କ ଅଂଶଗ୍ରହଣକୁ ମାନ୍ୟତା ପ୍ରଦାନ କରିବା ପାଇଁ ଫାମିଲି ଆଉଟରିଚ ଅଭିଯାନ ଆୟୋଜନ କରିବ। କମ୍ପାନି




ଏହାର ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଗୋଦରେଜ କି ଶକ୍ତି ଏବଂ ଆରମ୍ଭର ପରବର୍ତୀ ବର୍ଷର ଚାର୍ଟର୍ ଉପସ୍ଥାପନ କରିବ। ଏହି ଅବସରରେ ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟସର ଗ୍ଲୋବାଲ୍ ହେଡ୍- ମାନବ ସମ୍ବଳ ବୈଭବ ରାମ୍ କହିଛନ୍ତି ଯେ, "ସିଜିପିଏଲରେ ଆଲାୟେସିପ ପ୍ରତି ଆମର ଦୃଷ୍ଟିକୋଣ ଜାତିସଂଘ ଦ୍ୱାରା ପ୍ରଚଳିତ ବ୍ୟାପକ ସ୍ତମ୍ଭଗୁଡିକ ସହିତ ଭଲ ଭାବେ ମେଳ ଖାଉଛି। ତାହା ହେଉଛି ସମସ୍ତ ମହିଳା ଏବଂ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଏବଂ ସଶକ୍ତିକରଣ। ବିନିର୍ମାଣ ଏବଂ ବିକ୍ରୟରେ ମହିଳାଙ୍କ ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ଗୋଦରେଜ କି ଶକ୍ତି ଏବଂ ଆରମ୍ଭ ଭଳି ଆମର ପଦକ୍ଷେପଗୁଡିକ ଜିସିପିଏଲ ଭିତରେ ଏବଂ ବାହାରେ ସହଯୋଗୀଙ୍କ ସମର୍ଥନ ଯୋଗୁଁ ସଫଳ ହୋଇଛି। ଜିପିସିଏଲ ଖୁବଶୀଘ୍ର ଏକ ଡକ୍ୟୁ-ଫିଲ୍ମ ମୁକ୍ତିଲାଭ କରିବ। ପୁରୁଷ ପ୍ରାଧାନ୍ୟ ଥିବା ସେଲସ କ୍ଷେତ୍ର କିଭଳି ବଦଳୁଛି ତାହାକୁ ଏଥିରେ ଦେଖାଯାଇଛି। ମହିଳାମାନେ କିଭଳି ପ୍ରତି ବନ୍ଧକକୁ ଦୂର କରୁଛନ୍ତି, ଆହ୍ୱାନକୁ ସାମ୍ନା କରୁଛନ୍ତି ଏବଂ ସଫଳତା ପାଉଛନ୍ତି, ତାହା ପ୍ରଦର୍ଶିତ ହେବ। ଶକ୍ତିଶାଳୀ କାହାଣୀ, ଆଲୋଚନା ଓ ସେଲସରେ ଥିବା ୧୭୦ରୁ ଅଧିକ ପରିବାରକୁ ଆଲାୟେସିପ କାର୍ଡ ଭଳି ପଦକ୍ଷେପ ଜରିଆରେ ଜିସିପିଏଲ ସେମାନଙ୍କ ଉନ୍ନତିକୁ ପାଳନ କରୁଛି। ଶକ୍ତି ସମ୍ମିଳନୀ ହେଉଛି ମୁମ୍ବାଇରେ ଥିବା ଜିସିପିଏଲ ମୁଖ୍ୟ କାର୍ଯ୍ୟାଳୟରେ ହେବାକୁ ଥିବା ଏକ ଦୁଇଦିନିଆ ସମ୍ମିଳନୀ।

# ଶିଳ୍ପ ପାଇଁ ୨୬୩୮୦ ଏକର ଜମି

**ଭୁବନେଶ୍ୱର, ୮।୩:** ରାଜ୍ୟରେ କଳ କାରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ଜମି ଇଡକୋ ଜରିଆରେ ଅଧିଗ୍ରହଣ କରାଯାଇ ଲ୍ୟାଣ୍ଡ ବ୍ୟାଙ୍କ୍ ଗଠନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଲ୍ୟାଣ୍ଡ ବ୍ୟାଙ୍କ ଅଧୀନରେ ଶିଳ୍ପ ନିମନ୍ତେ ନିହାତି ଆବଶ୍ୟକ ଥିବା ୯୭,୧୩୪.୮୭୭ ଏକର ଜମି ଚିହ୍ନଟ କରାଯାଇ ଅଧିଗ୍ରହଣ ନିମନ୍ତେ ଆବେଦନ କରାଯାଇଛି। ଏଥିରୁ ୨୬,୩୮୦.୩୪୬ ଏକର ଜମି ଅଧିଗ୍ରହଣ କରାଯାଇଛି। ଏଥିରୁ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ ୬୨୭୩.୦୭୧ ଏକର ଜମି ଲ୍ୟାଣ୍ଡ ବ୍ୟାଙ୍କରେ ରହିଛି। ଏହାପଛକୁ ଖୋର୍ଦ୍ଧାରେ ୨୬୪୯.୧୬୨ ଏକର, କଟକରେ ୨୪୯୨.୫୫୧ ଏକର, କଳାହାଣ୍ଡିରେ ୧୮୩୫.୪୦୭ ଏକର, ସମ୍ବଲପୁର ଜିଲ୍ଲାରେ ୧୨୮୧.୮୮୦ ଏକର ଜମି ଲ୍ୟାଣ୍ଡ ବ୍ୟାଙ୍କରେ ରହିଛି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ଉତ୍ତର ରହିଛନ୍ତି। ରାଜ୍ୟର ସବୁ ଜିଲ୍ଲାରେ ଲ୍ୟାଣ୍ଡ ବ୍ୟାଙ୍କରେ ଜମି ଅଧିଗ୍ରହଣ ହୋଇଥିଲେ ମଧ ସବୁଠୁ କମ୍

**ଓଟିଏମ୍‌ର ୫୬ ଏକର ଜମି ନେଲାଣି ୱେଲସ୍ପନ୍**

ବା ୧୬.୧୬୦ ଏକର ଜମି କନ୍ଧମାଳ ଜିଲ୍ଲାରେ ଅଧିଗୃହୀତ ହୋଇଛି।ସେହିଭଳି ରାଜ୍ୟରେ ବନ୍ଦ ହୋଇଥିବା ଶିଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ ମଧ ଇଡକୋ ଜରିଆରେ ଜମି ଅଧିଗ୍ରହଣ କରାଯାଇ ଲ୍ୟାଣ୍ଡ ବ୍ୟାଙ୍କକୁ ଆଣି ସେଗୁଡ଼ିକୁ ହସ୍ତାନ୍ତର କାର୍ଯ୍ୟ ସଂପାଦନ ହୋଇଛି। ବର୍ତ୍ତମାନ ସୁଦ୍ଧା ଚୌଦ୍ୱାରରେ ବନ୍ଦ ଥିବା ଓଟିଏମ୍‌ର ୪୭୮.୧୬୦ ଏକର ଜମି ଇଡ୍‌କୋକୁ ଫେରାଇ ଅଣାଯାଇଛି। ସେଥିରୁ ୫୫.୯୯ ଏକର ଜମି ୱେଲସ୍ପନ କମ୍ପାନିକୁ ହସ୍ତାନ୍ତର କରାଯାଇଛି ଏବଂ ବାକି ଜମିର ହସ୍ତାନ୍ତର ପ୍ରକ୍ରିୟା ଚାଲୁରହିଛି ବୋଲି ଶିଳ୍ପମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ସେହିଭଳି ବନ୍ଦ ହୋଇଥିବା ବରଗଡ଼ ଚିନି କଳର ୧୦୩.୨୧୦ ଏକର ଜମି ଇଡକୋ ଲ୍ୟାଣ୍ଡ ବ୍ୟାଙ୍କକୁ ଫେରାଇ ଆଣିବା ଲାଗି ପ୍ରକ୍ରିୟା ଚାଲୁରହିଛି। ସେଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାରେ ବଲାରପୁର କାଗଜ କଳର ୫୮୦.୭୮୦ ଏକର, ଶ୍ରୀ ଜଗନ୍ନାଥ ସୂତାକଳର ୫୨ ଏକର, ଚିନି କଳର ପ୍ରାୟ ୨୦ ହଜାର ଏକର, ଝାରସୁଗୁଡ଼ା ଜିଲ୍ଲାରେ ଓରିଏଣ୍ଟ୍ କାଗଜ କଳର ୮୫୬.୬୩୯ ଏକର, ଭାସ୍କର ବୟନ କଳର ୧୪୬.୨୫୮ ଏକର ଏବଂ ଜଗତ୍‌ସିଂହପୁର ଜିଲ୍ଲାରେ ଶାରଳା ସୂତାକଳର ୨୫.୧୯ ଏକର ଜମିର ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି।

## ନାଗପୁରରେ ଏସିଆର ସର୍ବବୃହତ୍ କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ: ବାଲକ୍ରିଷ୍ଣା

**ନୂଆଦିଲ୍ଲୀ,୮ ।୩:** ପତଞ୍ଜଳିର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନାଗପୁର ମିହାନ୍ (ନାଗପୁରରେ ମଲ୍ଟି-ମୋଡାଲ୍ ଇଣ୍ଟରନ୍ୟାଶନାଲ କାର୍ଗୋ ହବ୍ ଏବଂ ବିମାନବନ୍ଦର) ଅଞ୍ଚଳରେ ପତଞ୍ଜଳି ମେଗା ଫୁଡ୍ ଆଣ୍ଡ ହର୍ବାଲ୍ ପାର୍କ ୨୦୨୫ ମାର୍ଚ୍ଚ ୯ ରେ ଉଦ୍‌ଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଏପରିକି ପତଞ୍ଜଳିର ଏହି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ମିହାନ୍‌ରେ ସ୍ଥାପନ ପାଇଁ ୨୦୧୬ ସେପ୍ଟମ୍ବରରେ ଭୂମି ପୂଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ନାଗପୁରର ମିହାନ୍‌ଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍‌ର ଏମ୍‌ଡି ଆଚାର୍ଯ୍ୟ ବାଲକ୍ରିଷ୍ଣା ଯୋଗଦେଇ ପାର୍କ ଉଦ୍‌ଘାଟନ ଓ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏପରିକି ନାଗପୁରର ମିହାନ୍‌ଠାରେ ପତଞ୍ଜଳି ଦ୍ୱାରା ପ୍ରତିଷ୍ଠିତ 'ପତଞ୍ଜଳି ମେଗା ଫୁଡ୍ ଆଣ୍ଡ ହର୍ବାଲ ପାର୍କ'ରେ ଏସିଆର ସର୍ବବୃହତ୍ କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ ରହିବ ବୋଲି ଆଚାର୍ଯ୍ୟ କହିଛନ୍ତି। ଏହି ପ୍ଲାଣ୍ଟ ଖାଦ୍ୟ ପ୍ରକ୍ରିୟାକରଣର ଏକ ସିଙ୍ଗଲ ପଏଣ୍ଟ ଏବଂ ଏସିଆର ସର୍ବବୃହତ୍ ୟୁନିଟ ହେବ। ଏହାକୁ ପ୍ରତିଷ୍ଠା କରି ଆମେ ଗର୍ବିତ ଅନୁଭବ କରୁଛୁ, ଯଦିଓ ଏହି ପ୍ଲାଣ୍ଟ ଆରମ୍ଭ କରିବାରେ ଅନେକ ବାଧା ଆସିଥିଲା, ମଝିରେ କରୋନା ସମୟ ମଧ୍ୟ ଆସିଥିଲା, କିନ୍ତୁ ଶେଷରେ ସେହି ଦିନ ଆସିଗଲା ଯାହାକୁ ଅଞ୍ଚଳର ଚାଷୀମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲେ। ଆଚାର୍ଯ୍ୟ କହିଛନ୍ତି, ଏହି ପ୍ଲାଣ୍ଟକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ୨୦୨୫ ମାର୍ଚ୍ଚ୯ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ସେ କହିଥିଲେ, ବିଦର୍ଭର ନାମ ନେବା ମାତ୍ରେ ଏଠାରେ କୃଷକମାନଙ୍କ ଆତ୍ମହତ୍ୟା ଏବଂ ନିର୍ଯାତିତ ଏବଂ ଦୁଃଖୀ ଚାଷୀଙ୍କ ଚିତ୍ର ଆପେ ଆପେ ପ୍ରକାଶିତ ହୋଇଯାଏ। ଆମର ପୂର୍ଣ୍ଣ ବିଶ୍ୱାସ ଯେ ଏହି ଚିତ୍ର ବଦଳାଇବାର କାମ ଖୁବ୍‌ଶୀଘ୍ର ମିହାନ୍‌ର ଏହି କମଳା ପ୍ରକ୍ରିୟାକରଣ ପ୍ଲାଣ୍ଟ ଦ୍ୱାରା କରାଯିବ। ଏଥିରେ ଆମକୁ ଆପଣଙ୍କ ସମର୍ଥନ ଏବଂ ସହଯୋଗ ଆବଶ୍ୟକ ରହିଛି। ଆମେ ଏହି ସମଗ୍ର ଅଞ୍ଚଳ, କୃଷକ ଏବଂ କୃଷି ବ୍ୟବସ୍ଥାର ଭୟଙ୍କର ଅବସ୍ଥାକୁ ବଦଳାଇ ଦେବୁ। ଏହା ଆମର ସଂକଳ୍ପ। ସେହିପରି ଆଚାର୍ଯ୍ୟ କହିଥିଲେ, ଉକ୍ତ ପ୍ଲାଣ୍ଟର ପ୍ରକ୍ରିୟାକରଣ କ୍ଷମତା ପ୍ରତିଦିନ ୮୦୦ ଟନ ରହିବ।






### ଚାମ୍ପିଅନ ଟ୍ରଫି

## ଫାଇନାଲରେ ଭାରତ, ୪୦% ବଢ଼ିଲା ଟିଭି ବିଜ୍ଞାପନ ଦର

**ନୂଆଦିଲ୍ଲୀ, ୮।୩:** ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମୁକାବିଲା ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯିବ। ଫାଇନାଲ୍‌ରେ ଭାରତ ପହଞ୍ଚିବା ପରେ ଟିଭି ବିଜ୍ଞାପନ ରେଟ୍ ଆକାଶ ଛୁଇଁଛି। ରବିବାର ହେବାକୁ ଥିବା ଏହି ଫାଇନାଲ୍ ମ୍ୟାଚ୍ ପାଇଁ ବିଜ୍ଞାପନ ମୂଲ୍ୟରେ ଅତି କମରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି। ଭାରତ ଫାଇନାଲରେ ପହଞ୍ଚିବା ପରେ ଟେଲିଭିଜନ, କନକ୍ଟେଡ୍ ଟିଭି (ସିଟିଭି) ଓ ଡିଜିଟାଲ୍ ପ୍ଲାଟଫର୍ମରେ ବିଜ୍ଞାପନ ମୂଲ୍ୟରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ବିଜନେସ୍ ଷ୍ଟାଣ୍ଡାର୍ଡର ରିପୋର୍ଟ ଅନୁସାରେ ଜେନିଥ୍ ଇଣ୍ଡିଆର ମ୍ୟାନେଜିଂ ପାର୍ଟନର ତ୍ରିଶୂଳ ଭୂମକର କହିଛନ୍ତି ଯେ ଭାରତ ଯେବେ ବି କୌଣସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଲେ ବିଜ୍ଞାପନ ଚାହିଦା ଓ ମୂଲ୍ୟ ବୃଦ୍ଧି ପାଇଥାଏ। ଏଫସିବି କାଇନେକ୍ସ ଆଣ୍ଡ ଏଫସିବି/ସିକ୍ସ ଇଣ୍ଡିଆର ମୁଖ୍ୟ ବ୍ୟବସାୟ ଅଧିକାରୀ ଅଙ୍କିତ୍ ବଙ୍ଗା କହିଛନ୍ତି, ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପହଞ୍ଚିବା ପରେ ଅନ୍ୟ ମ୍ୟାଚ୍ ତୁଳନାରେ ଟିଭିରେ ୧୦ ସେକେଣ୍ଡ ସ୍ଲଟ୍ ବିଜ୍ଞାପନ ମୂଲ୍ୟରେ ୪୦ ପ୍ରତିଶତ ଯାଏ ବୃଦ୍ଧି ହୋଇଛି।

ରିପୋର୍ଟ ଅନୁସାରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ମୁକାବିଲା ପାଇଁ ସିଟିଭିରେ ୧୦ ସେକେଣ୍ଡ ଯାଏ ବିଜ୍ଞାପନ ପ୍ରସାରଣ ପାଇଁ ୨୦ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ବର୍ତ୍ତମାନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ଏହି ମୂଲ୍ୟ ୧୭ରୁ ୧୮ ଲକ୍ଷ ଟଙ୍କା ଥିଲା। ସେହିପରି ଡିଜିଟାଲ୍ ମିଡିୟମରେ ପ୍ରତ୍ୟେକ ୧୦୦୦ ଇମ୍ପ୍ରେସନ (ସିପିଏମ) ପାଇଁ ବିଜ୍ଞାପନ ମୂଲ୍ୟ ୪୦୦ରୁ ୬୦୦ ଟଙ୍କା ରହିଛି। ଟୁର୍ଣ୍ଣାମେଣ୍ଟରେ ଅନ୍ୟ ମ୍ୟାଚ୍ ବେଳେ ଏହି ମୂଲ୍ୟ ୧୦୦ରୁ ୨୦୦ ଟଙ୍କା ଥିଲା।

# ୧୦ ହଜାର କୋଟିର ରାଜସ୍ୱ, ପୂରଣ ହେଉନି ପଦବୀ

**ଭୁବନେଶ୍ୱର,୮।୩:** ବାର୍ଷିକ ପ୍ରାୟ ୧୦ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରୁଥିବା ଅବକାରୀ ବିଭାଗରେ ପାଖପାଖି ୩୫ ପ୍ରତିଶତ ପଦବୀ ଖାଲି ପଡିଛି। ଗୋଟିଏ ପଟେ ଓଡିଶାରେ ନିଶା ଔଷଧ ଓ ମଦ କାରବାର ବୃଦ୍ଧି ଘେନି 'କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ -୨୦୨୪' ରେ ଉଲ୍ଲେଖ ଥିବାବେଳେ କର୍ମଚାରୀ ମରୁଡି ଯୋଗୁଁ ନିଶାଡି ଓ ଚୋରା ବେପାରୀଙ୍କୁ ଦମନ କରିବା ଏବେ କାଠିକରପାଠ ହେଉଛି।

ସରକାରୀ ତଥ୍ୟ ମୁତାବକ ଅବକାରୀ ବିଭାଗର କ୍ଷେତ୍ର ଦପ୍ତରଗୁଡିକ ଲାଗି ୨୭୧୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ସେଥିରେ ୧୭୬୫ ଜଣ କାର୍ଯ୍ୟ କରୁଛନ୍ତି ଏବଂ ୯୪୬ଟି ପଦବୀ ଖାଲି ପଡିଛି। ଜିଲ୍ଲା ସ୍ତରରେ ଅବକାରୀ ସଂଗଠନର ମୁଖ୍ୟ ଥିବା ୪୭ଟି ସୁପରିଟେଣ୍ଡେଣ୍ଟ ପଦବୀରୁ ୧୯ଟି ଖାଲି ଥିବାବେଳେ ଭାରପ୍ରାପ୍ତ ଅବକାରୀ ସୁପରିଟେଣ୍ଡେଣ୍ଟମାନଙ୍କୁ ନେଇ ଏଠାରେ କାମ ଚଳାଯାଉଛି। ସେହଭଳି କ୍ଷେତ୍ର ଦପ୍ତରଗୁଡିକ ପାଇଁ ୭୧ଟି ଅବକାରୀ ଡେପୁଟୀ ସୁପରିଟେଣ୍ଡେଣ୍ଟ ପଦବୀ ଥିବାବେଳେ ସେଥିରୁ ମଧ ୧୧ଟି ଖାଲି ପଡିଛି। ୧୭୩ଟି ଅବକାରୀ ଇନ୍ସପେକ୍ଟର ପଦବୀ ମଧ୍ୟରୁ ୪୭ଟି ଖାଲି ଥିବାବେଳେ ସବଇନ୍ସପେକ୍ଟରର ପାହ୍ୟାରେ ଆଉ ୪୩ଟି ପଦବୀ ଖାଲି ପଡିଛି। ବିଭାଗୀୟ ତଥ୍ୟ ମୁତାବକ ଅବକାରୀ ବିଭାଗର କ୍ଷେତ୍ର ଦପ୍ତରଗୁଡିକ ଲାଗି ୪୨୬ଟି ମଞ୍ଜୁର୍ରୀପାପ୍ତ ଏଏସଆଇ ପଦବୀ ଥିବାବେଳେ ସେଥିରୁ ୧୪୩ଟି ଖାଲି ରହିଛି। ସର୍ବାଧିକ ପଦବୀ ଖାଲି ପଡିଛି କନେଷ୍ଟବଳ ପାହ୍ୟାରେ। କ୍ଷେତ୍ର ଦପ୍ତରଗୁଡିକ ଲାଗି ୧୬୪୬ଟି ମଞ୍ଜୁରୀପ୍ରାପ୍ତ ଅବକାରୀ କନେଷ୍ଟବଳ ପଦବୀ ଥିବାବେଳେ ସେଥିରୁ ୬୫୯ଟି ଖାଲି ପଡିଥିବା କୁହାଯାଉଛି। ଏହାଛଡା ଅବକାରୀ ବିଭାଗ ଓ ଅବକାରୀ କମିଶନରଙ୍କ ଦପ୍ତରରେ ମଧ ଅନେକ ପଦବୀ ଖାଲି ରହିଛି। ଏବେ ଅବକାରୀ କମିଶନର ପଦବୀଟି ଖାଲି ପଡିଥିବାରୁ ଜଣେ ଯୁଗ୍ମ କମିଶନର ଏହା ଦାୟିତ୍ୱରେ ରହିଛନ୍ତି। ନିୟମିତ ଅବକାରୀ କମିଶନର ଶୀଘ୍ର ନିଯୁକ୍ତି ହେବେ ବୋଲି ଆଶା କରାଯାଉଛି। ତେବେ ଏହି ପଦବୀରେ ଆଇଏଏସ୍ ଅଧିକାରୀ ରହିବେ ନା ଆଇପିଏସ୍ କି ଓପିଏସ୍ ଅଧିକାରୀ ରହିବେ ସେଥିଘେନି କୌଣସି ସ୍ପଷ୍ଟ ସୂଚନା ମିଳିପାରୁନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ଗତ ଦୁଇ ବର୍ଷରେ ଅବକାରୀ ବିଭାଗର କ୍ଷେତ୍ର ଅଧିକାରୀମାନେ ଅନ୍ୟୁନ ୯୫ହଜାର ଅନଧିକୃତ ଓ ଚୋରା ମଦ କାରବାର ସଂକ୍ରାନ୍ତରେ ମାମଲା ରୁଜୁ କରିବା ସହିତ ପାଖାପାଖି ୭୪ହଜାର ଲୋକଙ୍କୁ ଗିରଫ କରିଛନ୍ତି ଏବଂ ୪୩ଲକ୍ଷ ଲିଟରରୁ ଅଧିକ ଚୋରା ମଦ ଜବତ କରିଛନ୍ତି। ଏହାଛଡା ବର୍ଷକରେ ପାଖାପାଖି ୨୩ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସରକାରୀ ସୂଚନା ମୁତାବକ ୨୦୨୪-୨୫ ବର୍ଷରେ ପାଖାପାଖି ୧୩୦୦ ଏନଡିପିଏସ୍ ମାମଲା ରୁଜୁ କରାଯିବା ସଂଗେ ସଂଗେ ୧୫୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। ଏହି ବର୍ଷରେ ପାଖାପାଖି ୨୫୦କୁଇଣ୍ଟାଲ ଗଞ୍ଜେଇ, ୨୫ କିଲୋ ହେରୋଇନ୍ ମଧ ଜବତ ହୋଇଥିବା ଜଣାପଡିଛି।

୨୦୨୪-୨୫ ବର୍ଷରେ ଅବକାରୀ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମରେ ୬୦ ହଜାରରୁ ଅଧିକ ମାମଲା ରୁଜୁ ହୋଇଥିବାବେଳେ ୪୮ହଜାରରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାଛଡା ପାଖାପାଖି ୪ ହଜାର ଯାନବାହାନ ମଧ ଜବତ ହୋଇଛି। ଉକ୍ତ ବର୍ଷରେ ୨୩ଲକ୍ଷ ଲିଟରରୁ ଅଧିକ ଦେଶୀ ମଦ, ୫ ୧ହଜାର ଲିଟରରୁ ଅଧିକ ବିୟର,୨୦ହଜାର ଲିଟରରୁ ଅଧିକ ଭାରତ ତିଆରି ବିଦେଶୀ ମଦ, ପାଖାପାଖି ୧୦ ହଜାର ଲିଟର ନକଲି ବିଦେଶୀ ମଦ ମଧ ଜବତ ହୋଇଥିବା ଜଣାପଡିଛି। (ତଥ୍ୟ)

## ରାଜ୍ୟପାଳ ପୁରସ୍କାର ପାଇଲେ ସୁଧୀର ପଣ୍ଡା



**ନର୍ଲା,୮।୩(ସଂଚାର ବ୍ୟୁରୋ):** ମିଳିତ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରୁପ୍ରା-ମୁସୁଗୁଡି ର ଇତିହାସ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶଦାତା ସୁଧୀର କୁମାର ପଣ୍ଡା ରାଜ୍ୟର ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ରାଜ ଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଏନେଇ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମହାମହିମ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କୁ ୨୦୨୩-୨୪ବର୍ଷ ପାଇଁ ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁଧୀର କୁମାର ପଣ୍ଡା ଜଣେ ନିୟମିତ ରକ୍ତଦାତା ତଥା ପ୍ରୋତ୍ସାହକ ଭାବେ ଜିଲ୍ଲାରେ ସୁପରିଚିତ। ରକ୍ତଦାନ ବ୍ୟତୀତ ଯୁବ ରେଡକ୍ରସ ଓ ରେଡ ରିବନ୍ କ୍ଲବ୍ ସମ୍ବନ୍ଧିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ସଂପାଦନ, ସଡ଼କ ସୁରକ୍ଷା, ବୃକ୍ଷ ରୋପଣ, ବିପର୍ଯ୍ୟୟ ପରିଚାଳନା ପରି ଉଲ୍ଲେଖନୀୟ ଅବଦାନ ଯୋଗୁଁ ରାଜ୍ୟପାଳ ପୁରସ୍କାର ପାଇଁ ତାଙ୍କୁ ମନୋନିତ କରାଯାଇଥିଲା। ତାଙ୍କର ଏହି ସଫଳତାରେ ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସଂପାଦକ ସଂଜୀବ କୁମାର ସାହୁ, ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା, ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପରାମର୍ଶଦାତା, ମିଳିତ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଣପଦା ଇଡିସି ନୂତନ ସଭାପତି ଭାବେ ସୁବାସ ବେଉରା ନିର୍ବାଚିତ



**କୋଣାର୍କ,୮।୩(ସଂଚାର ବ୍ୟୁରୋ):** କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବାଣପଦା - ଡାଳିମ୍ବଗୋରଡି ଇଡିସି କମିଟିର ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନରେ ୧୬୦ଜଣ ମହିଳା ଓ ପୁରୁଷ ସଭ୍ୟ ସଭ୍ୟା ଉପସ୍ଥିତ ରହି ସଭାପତି ନିର୍ବାଚନରେ ଅଂଶଗ୍ରହଣ କରି ମତଦାନ ସାବ୍ୟସ୍ତ କରିଥିଲେ। ଏହି ସଭାପତି ନିର୍ବାଚନରେ ସୁବାସ ବେଉରା ୮୬ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ମୁନା ନାୟକ ୭୪ ଖଣ୍ଡ ଭୋଟ ପାଇଛନ୍ତି। ସୁବାସ ବେଉରା ଅଧିକ ୧୨ ଖଣ୍ଡ ଭୋଟ ପାଇ ବାଣପଦା - ଡାଳିମ୍ବଗୋରଡି ଇଡିସି କମିଟିର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି। ନୂତନ ସଭାପତି ସୁବାସ ବେଉରାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ସଦର ଥାନା ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ




**ସୁନ୍ଦରଗଡ,୮।୩(ସଂଚାର ବ୍ୟୁରୋ):** ମାର୍ଚ୍ଚ ୮ ତାରିଖ ଶନିବାର ସାରା ବିଶ୍ୱ ଆଜି ଆର୍ନ୍ତଜାତୀୟ ମହିଳା ଦିବସ ପାଳନ କରୁଛି। ଏହି ଅବସରରେ ସଦର ଥାନା ପୋଲିସ ପରିସରରେ ଆର୍ନ୍ତଜାତୀୟ ମହିଳା ଦିବସ ପାଳନ କରିଥିଲେ। ସକାଳ ୭ ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରେକର୍ଡ ସମୟ ଧରି ଏହି ବିଶେଷ ଦିବସ ପାଳନ କରିଛି। ଏହି ଆର୍ନ୍ତଜାତୀୟ ମହିଳା ଦିବସରେ ମୁଖ୍ୟ ଅତିଥି ଭାବେ ୟୁନିସେଫ୍ ର ସଦସ୍ୟା ତଥା ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଧର୍ମପତ୍ନୀ ଡକ୍ଟର ନେହା ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମହିଳାଙ୍କୁ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଦେବା ନେଇ ସହରର କରାଟେ ଗୁରୁ ଏସ ପବିନଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଆଇପିଏସ୍ ଶିକ୍ଷାନୁବେଶ ଅନନ୍ୟା ଆଓ୍ୱସ୍ଥି ଯୋଗ ଦେଇଥିଲେ। ସଦର ଥାନାର ସମସ୍ତ ପୋଲିସ ଅଧିକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସୁକନ୍ୟା ସାହିତ୍ୟ ସଂସଦର କମ୍ବଳ ବଣ୍ଟନ

**ବାଲିଆପାଳ,୮।୩(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଗୁନାପୁର ଗ୍ରାମର ସନାତନ ସିଂଙ୍କ ବାସଭବନ ସମ୍ମୁଖରେ ଗ୍ରାମର ଅସହାୟ ଆଦିବାସୀ ମହିଳାମାନଙ୍କୁ ସୁକନ୍ୟା ସାହିତ୍ୟ ସଂସଦ ବାଲିଆପାଳ ତରଫରୁ କମ୍ବଳ ତଥା କିଛି ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାନେତ୍ରୀ ସ୍ନେହଲତା ନାୟକ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପଦେଷ୍ଟା ବ୍ୟଙ୍ଗକବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ସମ୍ବାଦ ସାହିତ୍ୟ ଘରର ସଭାପତି ଝାଡେଶ୍ୱର ପ୍ରଧାନ ଯୋଗଦେଇ ସୁକନ୍ୟା ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟା ଗୀତାରାଣୀ ସାହୁ, ମିତାରାଣୀ ପାଣିଗ୍ରାହୀ ଏବଂ ରଶ୍ମିତା ସି ପ୍ରମୁଖ ପରିଚାଳନା କରିଥିଲେ।

### ଗ୍ରୀଷ୍ମପ୍ରବାହ ବଢ଼ିବା ସାଙ୍ଗକୁ ବଢ଼ୁଛି ଜଳକଷ୍ଟ

## ଦୁର୍ଦ୍ଦଶା ଭୋଗୁଛନ୍ତି ରାଇଗୁଡାବାସୀ

**କନ୍ଧମାଳ,୮।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡା ଗ୍ରାମରେ ଦେଖିବାକୁ ମିଳିଛି ପାଣିର ସମସ୍ୟା। ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ

**ବର୍ଷେହେଲାଣି ନଳକୂପ ଅଚଳ**

**ଅଭିଯୋଗ ପରେବି ଶୁଣୁନି ପ୍ରଶାସନ**



ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡା ଗ୍ରାମର ମଣ୍ଡପ ସମ୍ମୁଖରେ ଥିବା ନଳକୂପ ଉପରେ ନିର୍ଭର କରୁଥିବା ପରିବାର ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। କାରଣ ଦୀର୍ଘ ଏକବର୍ଷ ହେଲା ନଳକୂପ ଅଚଳ ହୋଇପଡିରହିଛି। ପ୍ରତିଦିନ ଏହି ଗାଁର ଲୋକେ ପାଣି ପାଇଁ ୧ କିଲୋମିଟର ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ। ଲୋକଙ୍କ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ର ଲୁଇସିଂ ପଞ୍ଚାୟତି ଦୁର୍ଗମ ଅଞ୍ଚଳ ରାଇଗୁଡ଼ା ହେଇଥିବାରୁ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି ଓ ଫୁଲବାଣୀ ଆର୍.ଡବ୍ଲୁ.ଏସ.ଏସ ବିଭାଗକୁ ଟୁଇଟି ମାଧ୍ୟମରେ ଅଭିଯୋଗ କଲେ ଦୃଷ୍ଟି ଦିଆଯିବ ବୋଲି ଉତ୍ତର ଆସୁଛି। ହେଲେ ନଳକୂପ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହେଇ ପାରୁ ନାହିଁ। ଯାହାଫଳରେ ଲୋକମାନେ ପିଇବା ପାଣି ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। କନ୍ଧମାଳ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସମାଜସେବୀ ରାଜିବ ଦିଗାଲ ସହିତ ରାଇଗୁଡା ଗ୍ରାମବାସୀ ଦାବି କରିଛନ୍ତି।



## ଟ୍ରକ ଦୁର୍ଘଟଣାରେ ଯୁବକ ମୃତ

**ରାୟଗଡ,୮।୩(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାର ବିଷମକଟକ ଥାନା ଅଧୀନସ୍ଥ କୁର୍ଲି ପଞ୍ଚାୟତର ମୁଣ୍ଡବାଲି ଗ୍ରାମର ବଳରାମ କଶଲିଆ ପୁଅ ରଜ କଶଲିଆ ଏକ ଦୁଃଖଦ ଟ୍ରକ ଦୁର୍ଘଟଣାରେ ଜୀବନ ହାରିଛନ୍ତି। ଏହି ଘଟଣା ଶନିବାର ସକାଳେ ଘଟିଥିଲା। ସେ ହୋଣ୍ଡା ଏସପି ସାଇନ ଗାଡ଼ି ନମ୍ବର ଓଡି୧୮ଜି୬୪୪୫ରେ ରାୟଗଡା ଯାଉଥିଲେ। ସେ ଦେପୁର ଛକ ନିକଟରେ ପହଞ୍ଚିଥିବା ବେଳେ ଏକ ଅଜଣା ଟ୍ରକ ପଛ ଆଡୁ ମୋଟର ସାଇକେଲକୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ରଜ କଶଲିଆ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାର ସୂଚନା ପାଇ ଚାନ୍ଦିଲି ଥାନାର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଉଦ୍ଧାର କରି ରାୟଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଶବ ବ୍ୟବଛେଦ କରିଲା ପରେ ମୃତକଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

## ଆଜି ହେବ ରାଷ୍ଟ୍ରୀୟ ନାଟ୍ ମେଳା

**ସୁବର୍ଣ୍ଣପୁର,୮।୩(ସଂଚାର ବ୍ୟୁରୋ):** ନାଟକ, ସାହିତ୍ୟ ଏବଂ ସମାଜସେବା ପ୍ରତି ସମର୍ପିତ ସୁବର୍ଣ୍ଣପୁରର ଅନୁଷ୍ଠାନ ନୋଡ଼ାଲ ଏସୋସିଏସନ ଫର ଏମେଚ୍ୟୋର ଥିଏଟର (ନାଟ୍) ମାର୍ଚ୍ଚ ୯ ତାରିଖରେ ଆୟୋଜିତ କରୁଛି ରାଷ୍ଟ୍ରୀୟ ନାଟ୍ ମେଳା ୨୦୨୫ । ସ୍ଥାନୀୟ ସଂସ୍କୃତି ଭବନରେ ସକାଳ ୯ ଘଣ୍ଟା ୩୦ ମିନିଟରୁ ଆରମ୍ଭ ହୋଇ ଏହି ଉତ୍ସବ ଆୟରାହ୍ନ ୨ ଘଣ୍ଟାରେ ସମାପନ ହେବ।



- ଦ୍ୱାରିକାନାଥ ନାୟକ ପାଇବେ ରାଷ୍ଟ୍ରୀୟ ନାଟ୍ ସମ୍ମାନ
- ୨୧ ଜଣ ମଞ୍ଚ ଅଭିନେତ୍ରୀ ପାଇବେ ନାଟ୍ ସରସ୍ୱତୀ ସମ୍ମାନ
- ୭ ଜଣ କବି ପାଇବେ ନାଟ୍ ଉଦୟ କବି ପ୍ରତିଭା ସମ୍ମାନ

ଚଳିତ ବର୍ଷ ବିଶିଷ୍ଟ ସାହିତ୍ୟିକ ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ଡ. ଦ୍ୱାରିକାନାଥ ନାୟକଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନରେ ସମ୍ମାନିତ କରାଯିବ ସହ ଆଗାମୀ ଏକ ବର୍ଷ ପାଇଁ ନାଟ୍ ର ସଭାପତି ଭାବେ ଅଭିଷିକ୍ତ କରାଯିବ । ରଂଗମଞ୍ଚ ପ୍ରତି ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସମର୍ପିତ ଥିବା ରାଉରକେଲାର ନୀତା ଗୋସ୍ୱାମୀ, ପ୍ରିୟଦର୍ଶିନୀ ସ୍ୱାଇଁ, ନିବେଦିତା ଜେନା, ପ୍ରମିଳା ଜେନା, ସୁନ୍ଦରଗଡ଼ର ଲକ୍ଷ୍ମୀପ୍ରଭା ପତି, ଲତିକା ପଟ୍ଟନାୟକ, ସମ୍ବଲପୁରର ପୁଷ୍ପାଞ୍ଜଳି ବେହେରା, ମୀନା ବୋଷ ମିଶ୍ର, ମମତା ପଣ୍ଡା, ତୃପ୍ତି ପଣ୍ଡା, ଟିଟିଲାଗଡ଼ର ଶୋଭାରାଣୀ ସିହ୍ନା, ଭବାନୀପାଟନାର ବନିତା ଦୁର୍ଗା, ଚାରୁଲତା ଛତ୍ରିଆ , ଲୋଚନି ବାଗ, ବରଗଡ଼ର କନକ ଦଣ୍ଡସେନା, ମମତା ଦୀପ, ସୁଶୀଳା ନାୟର, ଅଞ୍ଜଳି ମହନ୍ତମ, ବଲାଙ୍ଗିରର ଶ୍ରୀରାଧା, ଶୁଭ୍ରାଂଶୀ ପାଣିଗ୍ରାହୀ ଏବଂ ସୁବର୍ଣ୍ଣପୁରର ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କୁ ନାଟ୍ ସରସ୍ୱତୀ ସମ୍ମାନରେ ସମ୍ମାନିତ କରାଯିବ।

କବିତା ସପ୍ତସ୍ୱରରେ ଭାଗନେବାକୁ ଥିବା କବି ଲକ୍ଷ୍ମଣ ମିଶ୍ର, ଚନ୍ଦନ ନାଗ, ବଳବନ୍ତ ସାହୁ, ଜଗନ୍ନାଥ ସାହୁ, ଆଶିଷ କୁମାର ମିଶ୍ର, ସୁଜିତ କୁମାର ସତପଥି ଏବଂ ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କୁ ନାଟ୍ ଉଦୟ କବି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ । ଏହା ବ୍ୟତିତ ଆମ ଅଂଚଳର ରଂଗମଂଚ ଏବଂ ଅଭିନେତ୍ରୀ ସମସ୍ୟା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ନାଟ୍ ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## 'କନ୍ୟା ଏକ୍ସପ୍ରେସ' ଲୋକାର୍ପିତ

**ଟାଙ୍ଗୀ-ଚୌଦ୍ୱାର,୮।୩(ସଂଚାର ବ୍ୟୁରୋ):** ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ କିଶୋରୀ ବାଳିକାମାନଙ୍କ ରକ୍ତହୀନତା ଦୂରିକରଣ ଓ ସ୍ୱାସ୍ଥ୍ୟ ସଚେତନତା ଲକ୍ଷରେ କନ୍ୟା ଏକ୍ସପ୍ରେସ୍ ନାମରେ ଏକ ଜନସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଯାନକୁ ଲୋକାର୍ପିତ କରାଯାଇଛି। ଅନ୍ତର୍ଜାତିକ ମହିଳା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ୍ଧ ଅତିଥି ଭାବେ ଯୋଗଦେଇ କନ୍ୟା ଏକ୍ସପ୍ରେସ ଯାନକୁ ଲୋକାର୍ପିତ କରିଥିଲେ। ଇମ୍ଫାର ଉପସଭାପତି ବିନୟ କୁମାର ଅଗ୍ରୱାଲା, ବିଆଇପିଏଫର ଉପ ସଭାପତି ଧର୍ମଶ ଗୋହେଲ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍ ବ୍ଲକ ପ୍ରବନ୍ଧକ ଚିତ୍ତରଞ୍ଜନ ଦାସ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଏଥିରେ ଅତିଥି ଭାବେଯୋଗ ଦେଇଥିଲେ। ଭ୍ରମଣକାରୀ କନ୍ୟା ଏକ୍ସପ୍ରେସ୍ ଯାନ ଉଭୟ ସହରାଞ୍ଚଳ ଓ ଦୂରଦୂରାନ୍ତର ଗ୍ରାମଞ୍ଚଳକୁ ଯାଇ କିଶୋରୀ ବାଳିକା ମାନଙ୍କ ରକ୍ତର ହିମୋଗ୍ଲୋବିନ୍ ପରୀକ୍ଷା, ଫୋଲିକ ଏସିଡ଼ ସପ୍ଲିମେଣ୍ଟ ବଣ୍ଟନ, ପୌଷ୍ଟିକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟ କରିବବୋଲି ବିଆଇପିଏଫ କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି। ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସୁଜିତ୍ ମିଶ୍ର, ଲଲାଟ ମହାପାତ୍ର, ସଞ୍ଜୀବ ଗୁପ୍ତା, ବବିତ ନନ୍ଦ, ନିରଞ୍ଜନ ସାହୁ, ମାନସ ପ୍ରଧାନ, ସରୋଜ ସାହୁ, ଅଭିଷେକ ଘୋଷ, ଅଶାନ୍ତ ବେହେରା, ରଞ୍ଜିତ ବେହେରା, ବିଷ୍ଣୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ଫଳକରେ ପ୍ରକଳ୍ପ ଖୋଜୁଛନ୍ତି ଲୋକେ

**ବିଞ୍ଝାରପୁର,୮।୩(ସଂଚାର ବ୍ୟୁରୋ):** ଫଳକ ଅଛି କିନ୍ତୁ ପ୍ରକଳ୍ପ ନାହିଁ। ଫଳକରେ ପ୍ରକଳ୍ପ ଖୋଜୁଛନ୍ତି ଲୋକେ। ଫଳକ ଥାଇ ପ୍ରକଳ୍ପ ନ ଥିବାରୁ ମିଛ ପ୍ରକଳ୍ପ ସନ୍ଦେହ କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ଲୋକେ।ଏଭଳି କିଛି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ କଲ୍ୟାଣ ପୁର ପଂଚାୟତ ରେ ବିଭିନ୍ନ ପ୍ରକଳ୍ପ ପାଇଁ ଫଳକ ଥିବା ସତ୍ତ୍ୱେ ପ୍ରକଳ୍ପ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅଭିଯୋଗ ଅନୁଯାୟୀ ୨୦୨୩-୨୪



ଆର୍ଥିକ ବର୍ଷରେ ବାଳ ମୁକୁଳି ଡାକ୍ତର ଖାନା ର ପ୍ରାଚେରି ନିର୍ମାଣ ଏବଂ ପେଭର୍ ରାସ୍ତା ପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ଫଳକ କହୁଥିବା ବେଳେ ପ୍ରକଳ୍ପ ର ନା ଗନ୍ଧ ନାହିଁ।ସେହି ଭଳି ପଞ୍ଚାୟତ ର ମଙ୍ଗଳ ଚଣ୍ଡୀ କମ୍ୟୁନିଟି ସେଣ୍ଟର୍ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ଏବଂ ପଞ୍ଚାୟତ ଲାଇବ୍ରେରୀ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ଫଳକ କହୁଥିବା ବେଳେ ପ୍ରକଳ୍ପ ନ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଏ ନେଇ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଛନ୍ତି କଲ୍ୟାଣପୁର ବାସିନ୍ଦା। ତେବେ ଅଭିଯୋଗର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତଦନ୍ତ ଚାଲିଥିବା କହିଛନ୍ତି ବିଂଝାରପୁର ବିଡ଼ିଓ ହିତାଂଶୁ ଶେଖର ସାମଲ।

## ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପାଇଲେ ୨.୭୫ ଲକ୍ଷ ହିତାଧିକାରୀ

### ଅନ୍ତର୍ଜାତୀୟ ମହିଳା ଦିବସରେ ପୁରସ୍କୃତ ହେଲେ ସିଡିପିଓ, ଅଙ୍ଗନବାଡି କର୍ମୀ, ଛାତ୍ରଛାତ୍ରୀ ଓ ସମାଜସେବୀ

**ଜଗତସିଂହପୁର,୮।୩(ସଂଚାର ବ୍ୟୁରୋ):** ଆଜି [ନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଓ ଜଗତସିଂହପୁର ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ସୁଭଦ୍ରା ଯୋଜନା ଆଜି ଏକ ବିପ୍ଳବରେ ପରିଣତ ହୋଇଛି। କିଶୋରୀମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା



ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କୁ ଆତ୍ମ ନିର୍ଭର କରିବାର ଏକ ଅଭିନବ ପଦକ୍ଷେପ ଯାହା ଆଜି ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଂଚିଛି ।

ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇଙ୍କ ସମେତ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗତ ୯ ମାସ ମଧ୍ୟରେ ଓଡିଶା ସରକାର ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ କହିବା ସହ ସମସ୍ତେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାକୁ ସଦୁପଯୋଗ କରି ବିକଶିତ ଓଡିଶା ଓ ବିକଶିତ ଭରତ ଗଠନରେ ଭାଗୀଦାରୀ ହେବା ପାଇଁ ଉତ୍ସାହିତ କରିଥିଲେ।

ଆଜି ଜଗତସିଂହପୁର ଜିଲ୍ଲାରୁ ସର୍ବମୋଟ ୨, ୭୫,୯୦୫ଜଣ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି। ଜିଲ୍ଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀ ଏବଂ ପୌର ପରିଷଦର ସ୍ୱଚ୍ଛ ସାଥୀ, ପ୍ଲାଣ୍ଟ ମ୍ୟାନେଜର, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସବାରୀଙ୍କୁ ସମ୍ମାନିତ କରାଯାଇଥିଲା। ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲପର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀ ମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା ।

## ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା



**କନ୍ଧମାଳ,୮।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଚାଝେଡ଼ି ପଞ୍ଚାୟତ ଅନ୍ତର୍ଗତ କେଲେମୋହା ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା । ଅଙ୍ଗନବାଡ଼ି କେନ୍ଦ୍ରରେ ଏକମାତ୍ର ନଳକୂପ ବହୁତ ଦିନ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ନଳକୂପ ମରାମତି ପାଇଁ ଦାବି କରିଥିଲେ ମଧ୍ୟ ଏଯାଏଁ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରୁ ନଥିବା କହିଛନ୍ତି । କୁନି କୁନି ପିଲାମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ କରିବା ପିଲାଙ୍କ ପିଇବା ପାଣି ବୋହି ଆଣି ଦେବାକୁ ପଡୁଛି । ବହୁ ଦିନ ଧରି ନଳକୂପ ଅଚଳ ଥିଲେ ମଧ୍ୟ ମରାମତି କରାଯାଇ ନାହିଁ। ଅଙ୍ଗନବାଡ଼ି କେନ୍ଦ୍ର ମୋଟ ୩୮ ଜଣ ଛାତ୍ରଛାତ୍ରୀ ରହୁଥିବା ବେଳେ ପାନୀୟ ଜଳ ସମସ୍ୟା ଯୋଗୁଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର କେଲେମାହା ଅଙ୍ଗନୱାଡ଼ି କେନ୍ଦ୍ର ଠାରେ ପାନୀୟ ଜଳ ସୁବିଧା ପାଇଁ ଅଙ୍ଗନବାଡି ପାଚିକା ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ଧରମପୁର ଉ.ପ୍ରା ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

**ଦଶରଥପୁର,୮।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଧରମପୁର ସରକାରୀ ଉ.ପ୍ରା ବିଦ୍ୟାଳୟରେ ଆଜି ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସିଆରସିସି ପ୍ରିୟରଞ୍ଜନ ଦାସ, ସଂମ୍ମାନିତ ଅତିଥି ଭାବେ ଅତିଥି କଳାକାର ହିମାଂଶୁ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରୋଶନ ଦାସ, ପୂର୍ବତନ ସିଆରସିସି ଖଗେଶ୍ୱର ସାହୁ, ଗହିରାପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଦାସ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇ ଥିବା ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମର




ଉଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା ଉପରେ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇ ଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଜନୀ ରାଣୀ ସାହୁ, ସୁବ୍ରତା ସେନାପତି, ଶିକ୍ଷକ ଦୁଃଶାସନ ସେଠି, ଅମିତ ମହାପାତ୍ର ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟାମାନେ ସହଯୋଗ କରିଥିଲେ ।

## ମାନଗୋବିନ୍ଦପୁର ସରକାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଜ୍ଞାନ କର୍ମଶାଳା

**ବେତନଟୀ,୮।୩(ସଂଚାର ବ୍ୟୁରୋ):** ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ୭୮ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ପ୍ରଦୀପ କୁମାର ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ କରାଇଥିଲେ। ନମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଡ଼ ରଜନୀ କାନ୍ତ ମହାପାତ୍ର , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମାଣତ୍ରୀ, ସ୍ୱତନ୍ତ୍ର ଅତିଥି ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ଶାଳଗାଁ ପଞ୍ଚାୟତ ମୁଖ୍ୟବକ୍ତା ରାକେଶ କୁମାର ମହାପାତ୍ର ସମିତି ସଭ୍ୟ ସମ୍ମାନୀୟ ଅତିଥି ଶମ୍ଭୁନାଥ ବେହେରା ଆଞ୍ଚଳିକ ସାଧନ ସଂଯୋଜକ ଯୋଗ ଦେଇଥିଲେ। ନରୋତ୍ତମ୍ ଜେନା ଇଂରାଜୀ ଶିକ୍ଷକ ସୁଲଗ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ କିରଣ କୁମାର



ନାୟକ, ସୁମିତ୍ରା ବେହେରା , ତିଲୋତ୍ତମା ପ୍ରଧାନ , ଭୁବନ କୁମାର ସିଂହ, ଦିବ୍ୟଜ୍ୟୋତି ମହାନ୍ତ ଏବଂ କମିଟିର ଚେୟାରମ୍ୟାନ କାର୍ତ୍ତିକ ଚନ୍ଦ୍ର ବେହେରା ସହଯୋଗ କରିଥିଲେ । ଓଡ଼ିଶାର ପ୍ରବୀଣ ବିଜ୍ଞାନ ଶିକ୍ଷକ କଳ୍ପତରୁ ପାତ୍ରଙ୍କ ଦ୍ୱାରା ବିଜ୍ଞାନ କର୍ମଶାଳା ଆୟୋଜିତ ହୋଇଥିଲା। ଆଜିର ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଓ ବିଜ୍ଞାନ ଓତଃ ପ୍ରୋତ ଭାବେ ଜଡ଼ିତ ହେଲେ ସମାଜର ଉନ୍ନତି ଅପରିହାର୍ଯ୍ୟ ହେବ ବୋଲି ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ । ଶେଷରେ କିରଣ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ହିଞ୍ଜିଳିକାଟୁ,୮।୩(ସଂଚାର ବ୍ୟୁରୋ):** ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଶୁକ୍ରବାର ଅପରାହ୍ନରେ ଷ୍ଟାରକ୍ଲବ ପକ୍ଷରୁ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ ପୌର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବିଦ୍ୟୁତ ବିଭାଗ ଏସଡ଼ିଓ ସୁନୀଲ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ, ବରିଷ୍ଠ ଭଲିବଲ ଖେଳାଳୀ ପ୍ରଦୀପ ପାତ୍ର, ସାମ୍ବାଦିକ ନୀଳାଞ୍ଚଳ ସାହୁ, ବିନାୟକ ପଟ୍ଟନାୟକ,ପବିତ୍ର ପାତ୍ର ଓ ସୁବାଷ ଚନ୍ଦ୍ର ପୃଷ୍ଟି ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ ଅଡବା ଓ ଦାରିଙ୍ଗିବାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଦାରିଙ୍ଗିବାଡ଼ି ଦଳ ବିଜୟୀ ହୋଇଥିଲା।

